ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-343 ◆BHUBANESWAR ◆SUNDAY ◆9 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୩ ◆ଭୁବନେଶ୍ୱର ◆ରବିବାର ◆୯ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)


# AIMS HIGHER SECONDERY SCHOOL OF SCIENCE
## A FULLY RESIDENTIAL +2 & +3 SCIENCE COLLEGE

AIMS GROUP OF INSTITUTIONS

15 Years Of Excellence, Tested & Trusted, Since 2009



### WESTERN ODISHA TOPPER
1ST
93.67% 562 MARKS
BIJNATI BIDITA SAHU
2024
C/O- BIRENDRA KUMAR SAHU
SCHOOL - SSVM, BHEDEN(10TH)
ADDRESS - BHEDEN, BARGARH

14Yrs' Cent % Result
94% 1st Class
100% Results
6% 2nd Class

92.50% 555 Marks — KUMAR NAIMISH PRADHAN, C/O- SAMIRA PRADHAN, ADD - BETJHARANI, JHARSUGUDA
91.33% 548 Marks — OMPRAKASH BISWAL, C/O- PRAMOD KU. BISWAL, ADD - TINKBIR, REAMAL, DEOGARH
90.83% 545 Marks — ASHISH BEHERA, C/O- SURESH BEHERA, ADD - THELKOBUD, JHARSUGUDA
88.17% 529 Marks — PRENIGAM SAHU, C/O- SWADHIN SAHU, ADD - KANDAPALI, BARGARH
88.17% 529 Marks — SWAPNASHIS SAMANTARA, C/O- BASISTHA SAMANTARA, ADD - EKTAL, SONEPUR
87.83% 527 Marks — RUTUPARNA PANDA, C/O- SATYANARAYAN PANDA, ADD - RENGALIPALI, BARGARH
87.67% 526 Marks — ABHIPSA PRIYADARSHINI SAHU, C/O- LAXMIDHAR SAHU, ADD - BHATRA, SAMBALPUR
87.00% 522 Marks — HARIPRIYA SAHOO, C/O- BASANTA KU. SAHOO, ADD - KARMABAHAL, SUNDARGARH
86.83% 521 Marks — NASIRA KHATUN, C/O- MD SAUD ALAM, ADD - BONAI, SUNDARGARH
86.83% 521 Marks — BISHNUPRIYA DINIRIA, C/O- KHADI DIHIRIA, ADD - GAMBHARIGUDA, JHARSUGUDA
86.50% 519 Marks — NEELSITANSHU SAHU, C/O- SUKANTA KU. SAHU, ADD - MALIPADA, SAMBALPUR
86.50% 519 Marks — SHIBANANDA SAHU, C/O- KRISHNA BIHARI SAHU, ADD - PALSADA, JHARSUGUDA
86.00% 516 Marks — ALAKANANDA SAHU, C/O- BHAGIRATHI SAHU, ADD - SAHASPUR, SAMBALPUR
85.83% 515 Marks — RATNAMANJARI TRIPATHY, C/O- BHUBANESWAR TRIPATHY, ADD - PORUNAGARH, DEOGARH
85.83% 515 Marks — DEBABRATA MISHRA, C/O- MADHUSUDAN MISHRA, ADD - DUANPALI, SAMBALPUR
85.67% 514 Marks — RITU SAHU, C/O- ANTARYAMI SAHU, ADD - SARANDAPALI, BARGARH
85.67% 514 Marks — NIKITA LUHA, C/O- KAILASH LUHA, ADD - BUDAMAL, BARGARH
85.50% 513 Marks — KHUSBU SETH, C/O- SURENDRA SETH, ADD - DHAMA SAMBALPUR
85.33% 512 Marks — PRAGYANRANI SAHU, C/O- INDRAMANI SAHU, ADD - PALSADA, JHARSUGUDA

### AIMS TOPPERS
2023-24 — AMISHA PATEL — 91.33%
2022-23 — HIMESH KHAMARI — 93.16%
2022-23 — BAISHNABI DASH — 93.16%
2021-22 — DEBASISH CHHURIA — 94.5%
2020-21 — SUMANTA BARIK — 90.16%
2019-20 — SAMEER SAHU — 91.5%

### GROWTH COMPARISON
OUTSTANDING GROWTH OVER 10TH MARKS

| STUDENTS NAME | 12TH MARK | 12TH % | 10TH % | GROWTH |
|---|---|---|---|---|
| YASHRAJ THAKUR | 393 | 65.50 | 43.60 | 21.90 |
| RINKU MEHER | 461 | 76.83 | 55.20 | 21.63 |
| BAISHNABI JAYAPURIA | 379 | 63.17 | 43.40 | 19.77 |
| DHIREN KISHAN | 388 | 64.67 | 50.00 | 14.67 |
| AMIYARANJAN SAHU | 458 | 76.33 | 64.40 | 11.93 |
| DEBABRATA MISHRA | 515 | 85.83 | 74.00 | 11.83 |
| TANUSHREE BUDHIA | 446 | 74.33 | 62.60 | 11.73 |
| BISWAJIT PRADHAN | 485 | 80.83 | 69.66 | 11.17 |
| PURUSHOTTAM DASH | 352 | 58.67 | 47.60 | 11.07 |
| SONAM PRADHAN | 451 | 75.17 | 65.00 | 10.17 |

100% Result
Separate Coaching for Medical, Engineering and other Competitives.
BEST RESULT ORIENTED COLLEGE IN WESTERN ODISHA
SEPARATE DIGITAL CLASS ROOMS FOR BOYS & GIRLS



OUR SERVICES
• AIMS Higher Secondary School of Science provides Scholarships to meritorious and needy students. • Completely digitalized classrooms. •Personal counseling & guidance to students.•Regular Seminar and Webinar for students. • Highly Qualified & Experienced faculties.• Separate classrooms & Hostels for both Boys & Girls. • Integrated IIT, Medical and OUAT Coaching.• Motivating students in all forms of life. • Extra-curricular activities enabling students to hone their other skills. • We focus on each and every student to realise his/her potential. • Remedial classes for additional assistance. •Career counseling and motivational classes. •Doubt –Clearing classes twice a day. • Library & E-Library Facilities. • Well equipped Laboratory • 24*7 Medical Facilities. • 100% Result (Since 12 years and continuing)

## AIMS GROUP OF INSTITUTIONS
JHARSUGUDA HIGHWAY, PARDHIAPALI, SAMBALPUR
Email ID: aims.sambalpur@gmail.com
Website: www.aimscollegesambalpur.com
CONTACT: 6372100029,7894417902, 7873006705

# ଖଇରାରେ ବାଘ ଆତଙ୍କ






**ଦକ୍ଷିଣ ବାଲେଶ୍ୱର/ଖଇରା/ଔପଦା, ୮।୬ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ଶନିବାର ଖଇରା ବଜାର ନିକଟ ନୟାଖଣ୍ଡି ପଞ୍ଚାୟତ ଗଡ଼ ଗ୍ରାମରେ ଏକ କଲରାପତରିଆ ବାଘ ଆକ୍ରମଣରେ ଔପଦା ଫରେଷ୍ଟର୍ କିଶୋର ଚନ୍ଦ୍ର ଭୂୟାଁଙ୍କ ସମେତ ୬ଜଣ ଆହତ ହୋଇଛନ୍ତି। ବାଘଟିର ଉଚ୍ଚତା ୩ ଫୁଟ୍ ଓ ଲମ୍ବ ୪ଫୁଟ୍‌ରୁ ଅଧିକ ବୋଲି ଅନୁମାନ କରାଯାଉଛି। ଏହି ଘଟଣା ପରେ ଗ୍ରାମରେ ଆତଙ୍କର ବାତାବରଣ ଖେଳିଯାଇଛି। ବାଘଟି ଧରାପଡ଼ିନଥିବାରୁ ସ୍ଥାନୀୟ ଅଞ୍ଚଳରେ ତାଟିକବାଟ ପଡ଼ି ଯାଇଛି। ଏସିଏଫ୍ ଦିଗନ୍ତ ଭୂୟାଁଙ୍କ ସମେତ ଔପଦା ରେଞ୍ଜର୍ ମନୋରଞ୍ଜନ ନାୟକ, ଫରେଷ୍ଟର୍ କିଶୋର ଚନ୍ଦ୍ର ଭୂୟାଁ, କୁପାରୀ ଫରେଷ୍ଟର ନରେଶ ଚନ୍ଦ୍ର ଭୂୟାଁ ପ୍ରମୁଖ ଫରେଷ୍ଟ ଗାର୍ଡମାନଙ୍କ ସହ ଗ୍ରାମରେ ମୁତୟନ ଅଛନ୍ତି।

ସୂଚନାନୁଯାୟୀ, ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଘଟି ଗାଁରେ ପଶି ପ୍ରଥମେ ଗଣନାଥ ନାୟକଙ୍କ ପତ୍ନୀ ସତ୍ୟଭାମା ନାୟକ(୫୦)ଙ୍କୁ ଆକ୍ରମଣ କରିଥିଲା। ପୁଅ ଓ ସ୍ୱାମୀଙ୍କ ସହ ସତ୍ୟଭାମା ନିଜ ବାଡ଼ିରେ କାମ କରୁଥିବା ବେଳେ ବାଘଟି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ପୁଅ ଓ ସ୍ୱାମୀ ଘଟଣାସ୍ଥଳକୁ ଆସିବାରୁ ବାଘଟି ଗର୍ଜନ କରି ସେଠାରୁ ପଳାଇଥିଲା। ଏହି ଖବର ବିଜୁଳି ବେଗରେ ଗାଁରେ ଖେଳିଯିବାରୁ ଗ୍ରାମବାସୀମାନେ ଏକତ୍ର ହୋଇ ବାଘଟିକୁ ଘଉଡ଼ାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ଲୋକଙ୍କୁ ଦେଖି ବାଘଟି ଲୁଚି ଯାଇଥିଲା। ଖବର ପାଇ କୁପାରୀ ବନ ବିଭାଗ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଏକ ବଣରେ ବାଘକୁ ଖୋଜିଥିଲେ। ଏହି ସମୟରେ ବାଘଟି ପୁନର୍ବାର ସତ୍ୟଭାମାଙ୍କ ଘର ଆଡ଼କୁ ଆସି ତାଙ୍କ ପୁଅ ରାଧାକାନ୍ତ ନାୟକ(୨୦)ଙ୍କୁ ଆକ୍ରମଣ କରିବା ସହ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଟଙ୍କଧର କେସି (୫୫), କାଡମିୟା ଗ୍ରାମର ନିରଞ୍ଜନ ମୁଖି

**ଆକ୍ରମଣରେ ଫରେଷ୍ଟରଙ୍କ ସମେତ ୬ ଆହତ**

(୨୦) ଓ ଅର୍ଜୁନପୁର ଗ୍ରାମର ପ୍ରଫୁଲ୍ଲ ଦାସ ଏବଂ ଗୋଟିଏ ଗୋରୁ ଉପରକୁ ଆକ୍ରମଣ କରି ପୁଣିଥରେ ବୁଦାମୂଳରେ ଲୁଚି ଯାଇଥିଲା। ପରେ ବାଘଟି ବନ ଅଧିକାରୀ କିଶୋର ଚନ୍ଦ୍ର ଭୂୟାଁଙ୍କୁ ଆକ୍ରମଣ କରିଥିଲା।

ସମସ୍ତ ଆହତଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୪ଜଣଙ୍କୁ ଭଦ୍ରକ ଓ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଅନ୍ୟପଟେ ବାଘଟିକୁ ଧରିବା ଲାଗି ବନ ବିଭାଗ ପକ୍ଷରୁ ତନାଘନା ଚାଲିଥିବା ବେଳେ ଖଇରା ପୁଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ନିକଟସ୍ଥ ଶାରୀଶୁଆ ପାହାଡ଼ରେ ହେଉଥିବା ବେଆଇନ୍ ବ୍ଲାଷ୍ଟିଂ ଯୋଗୁଁ ହରିଣ, ବାରହା, ହାତୀ, ଭାଲୁ ଓ ହେଟାବାଘ ଭଳି ବହୁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି।

**ଗଡ଼ୁଚାଲିଛି ତିନିରଥ...**

## ତିନିରଥର ୪୨ ଚକ ନିର୍ମାଣ ଶେଷ, ପଡ଼ିଲା ନାହାକା କାଠ



**ପୁରୀ, ୮।୬(ସମିସ):** ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ଶନିବାର ସୁଦ୍ଧା ତିନିରଥର ୪୨ଟି ଯାକ ଚକ ନିର୍ମାଣ ଶେଷ ହୋଇଛି। ପୂର୍ବରୁ ୨୧ଟି ଯାକ ଅଖ ନିର୍ମାଣ ସରିଥିଲା। ଭୋଇ ସେବକମାନେ ଚାରି ନାହାକା ନିର୍ମାଣ ପାଇଁ ରଥ ଚାଳିରେ ନାହାକା କାଠ ପକାଇଛନ୍ତି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଉପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ନନ୍ଦିଘୋଷ ରଥ ପୋଲ ଗୟଲ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ରଥଖଳା ପାର୍ଶ୍ୱରେ କରତି ସେବକମାନେ ଏହାକୁ ଚିରଟ କରୁଛନ୍ତି। ପ୍ରତ୍ୟେକ ରଥର ଚାରି ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ତିନି ରଥ ଚାଳିକୁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରାକାଠ ଯୋଗାଇ ଦେଇଛନ୍ତି। ଏଥିସହ ମହାରଣା ସେବକମାନେ ତିନି ରଥର ୧୨ଟି ଲେଖାଏଁ ଚଉପଟ ହୋଇଥିବା ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁ ଚଉତାରେ ୪ଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ଦୁଇଟି ଲେଖାଏଁ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ଟି ଚଉତାରେ ୭୨ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ରଥଖଳାରେ ରୂପକାର ସେବକମାନେ କୋଣ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡ଼ିକୁ ପଲିସି କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଗୟଲ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

● ପୁଲିସ-ମାଓବାଦୀ ଗୁଳିବିନିମୟ ଘଟଣା

## ଏୟାରଲିଫ୍ଟ ହେଲେ ୩ ଆହତ ଯବାନ

**ମାଲକାନଗିରି, ୮।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଓ ଦନ୍ତେୱାଡ଼ା ସୀମାବର୍ତ୍ତୀ ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାରି ଗୁଳି ବିନିମୟ ହୋଇଥିଲା। ଏଥିରେ ଶୁକ୍ରବାର ରାତି ସୁଦ୍ଧା ୫ଜଣ ମାଓବାଦୀଙ୍କ ମୃତଦେହ ଜବତ ହୋଇଥିବା ବେଳେ ଶନିବାର ଆଉ ୨ଜଣଙ୍କ ମରଶରୀର ପୁଲିସ୍ ଉଦ୍ଧାର କରିଛି। ଅପରପକ୍ଷେ, ଏହି ଗୁଳି ବିନିମୟରେ ଆହତ ହୋଇଥିବା ୩ ଯବାନଙ୍କୁ ଅଧିକ ଚିକିତ୍ସା ପାଇଁ ଶନିବାର ଏୟାରଲିଫ୍ଟ କରି ରାୟପୁର ନିଆଯାଇଛି।

**ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି**

ମିଳିଥିବା ସୂଚନା ଅନୁଯାୟୀ, ନାରାୟଣପୁର ଓ ଦନ୍ତେୱାଡ଼ା ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଗୋଭେଲ ଜଙ୍ଗଲରେ ପୁଲିସର ତଲାସୀ ଅଭିଯାନ ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଶୁକ୍ରବାର ଗୁଳିବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିବା ବେଳେ ପୁଲିସର ସାମ୍ନା କରିନପାରି ମାଓବାଦୀମାନେ ସେଠାରୁ ପଛଘୁଞ୍ଚା ଦେଇ ଲୁଚି ପଳାଇଥିଲେ। ଏହାପରେ ପୁଲିସ ପକ୍ଷରୁ ସେଠାରେ ପୁନଃ ତଲାସୀ ଅଭିଯାନ ବେଳେ ମୋଟ ୭ ମାଓବାଦୀଙ୍କ ମରଶରୀର ପୁଲିସ ଉଦ୍ଧାର କରିବା ସହ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ କରିଛି। ଏହାସହ ଗୁଳି ବିନିମୟ ସମୟରେ ୩ଜଣ ଡିଆରଜି ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ହେଲିକପ୍ଟର ଯୋଗେ ରାୟପୁରକୁ ଏୟାରଲିଫ୍ଟ କରି ଅଧିକ ଚିକିତ୍ସା ଯୋଗାଇ ଦିଆଯାଇଛି। ଦନ୍ତେୱାଡା ଏସପି ଗୌରଭ ରାୟ ଏବଂ ନାରାୟଣପୁର ଏସପି ପ୍ରଭାତ କୁମାର ଏହି ସୂଚନା ପ୍ରଦାନ କରିଛନ୍ତି।

**ନବୀନ ନିବାସରେ ବରିଷ୍ଠ ନେତୃତ୍ୱ**

## ଯେଉଁ ଭୂମିକାରେ ରହିଲେ ମଧ୍ୟ ବିଜେଡି ରାଜ୍ୟବାସୀଙ୍କ ସେବା କରିବ

**ଭୁବନେଶ୍ୱର, ୮।୬(ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଡାକରା ପାଇ ଆଜି ସକାଳୁ ସକାଳୁ ଦଳର ବରିଷ୍ଠ ନେତାଙ୍କ ଭିଡ଼ ଲାଗିଥିବା ନବୀନ ନିବାସରେ। ଆଗାମୀ ଦିନରେ ଦଳର ରଣନୀତି କଣ ରହିବ ସେ ସମ୍ପର୍କରେ ବିଜେଡି ସୁପ୍ରିମୋ ଶୀର୍ଷ ନେତୃତ୍ୱଙ୍କ ସହ ବିଷଦ ଆଲୋଚନା କରିଥିବା ଜଣାପଡ଼ିଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଦେବ, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ୍, କଳିକେଶ ସିଂଦେଓଙ୍କ ଭଳି ଆଗଧାଡ଼ିର ନେତାଙ୍କ ସହ ସଭାପତି ଜଣ ଜଣ କରି ଆଲୋଚନା କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସଭାପତି ବିଚାର ବିମର୍ଷ ଚଳାଇଥିଲେ। ବୈଠକ ପରେ ବିଜେଡି ସାଧାରଣ ସମ୍ପାଦକ ଶ୍ରୀ ଦାସବର୍ମା କହିଛନ୍ତି, ସମଗ୍ର ରାଜ୍ୟରେ ବିଜେଡିର ସଂଗଠନକୁ କିଭଳି ଅଧିକ ଶକ୍ତିଶାଳୀ କରାଯିବ ସେ ସମ୍ପର୍କରେ ସଭାପତି ଆମମାନଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା କିଭଳି ପୂରଣ ହେବ ସେଥିରେ ବିଜୁ ଜନତା ଦଳର ଦାୟିତ୍ୱ ସମ୍ପର୍କରେ ଆମକୁ ଅବଗତ କରିଥିଲେ। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ନିର୍ବାଚନ ଫଳାଫଳ ଆସିବା ପରେ ସଭାପତି ସମସ୍ତ ନେତୃବୃନ୍ଦଙ୍କ ସହ ଆଲୋଚନା କରିବା ସହିତ ଆଗାମୀ ରଣନୀତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଧାନସଭାରେ ବିଜେଡିର କ'ଣ ଭୂମିକା ରହିବ, ବିଧାନସଭାରେ

**ଦଳର ସଂଗଠନ ଆହୁରି ସଶକ୍ତ ହେବ, ଗଠନମୂଳକ ଦାୟିତ୍ୱ ନିର୍ବାହ କରାଯିବ**

ନେତା ଚୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଭାପତି ଆମ ମତାମତ ନେଇଛନ୍ତି। ଠିକଣା ସମୟରେ ସେ ସଠିକ୍ ନିଷ୍ପତ୍ତି ନେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ପରାଜୟ ପରେ ବି ଭାଙ୍ଗିନି ବିଜେଡିର ଦମ୍ଭ। ପରାଜୟରୁ ଶିକ୍ଷା ଗ୍ରହଣ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହିତ ଦଳର ସଂଗଠନକୁ ଅଧିକ ସଶକ୍ତ କରିବା ଉପରେ ଦଳ ଗୁରୁତ୍ୱ ଦେଉଛି। କ୍ଷମତାରେ ଥିବା ବେଳେ ବିଜେଡି ଯେପରି ଭାବେ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲା ବିରୋଧୀ ଆସନରେ ବସି ମଧ୍ୟ ଅନୁରୂପ ଆଭିମୁଖ୍ୟ ପୋଷଣ କରିବ। ସମସ୍ତେ ଏକ ମନ ଓ ଏକ ପ୍ରାଣରେ ବିଜେଡିକୁ ଆଗକୁ ନେବା ପାଇଁ ବଦ୍ଧ ପରିକର। ବିଜୟୀ ଓ ପରାଜିତ ନେତାମାନଙ୍କ ଠାରୁ ସଭାପତି ନେଉଛନ୍ତି ପରାମର୍ଶ। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଆଜି ସଭାପତିଙ୍କ ସହ ଏକ ସୌଜନ୍ୟମୂଳକ ଆଲୋଚନା ଥିଲା। ଆମ ଦଳ ସଂଗଠିତ ଅଛି ଆଗକୁ ଆହୁରି ସୁଦୃଢ଼ ହେବ। ଏ ସବୁ ସମ୍ପର୍କରେ ସଭାପତି ଆମ ମାନଙ୍କ ସହ ଆଲୋଚନା କରିଛନ୍ତି। କଳିକେଶ ସିଂଦେଓ କହିଛନ୍ତି, ସରକାରରେ ଥାଇ ବିଜେଡି ଦୀର୍ଘ ଦିନ ଧରି ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଛି, ଓଡ଼ିଶାକୁ ସବୁ କ୍ଷେତ୍ରରେ ଆଗକୁ ନେଇଛି। ଏବେ ଆମେ ବିରୋଧୀ ଆସନରେ ଥିବାରୁ ଆମର ଦାୟିତ୍ୱ ମଧ୍ୟ ବଢ଼ିଛି। ଆଗାମୀ ଦିନରେ ଆମେ ଗଠନମୂଳକ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବୁ। ନବୀନ ବାବୁଙ୍କ ଉପରେ ଓଡ଼ିଶାବାସୀଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିଛି ଆଉ ସବୁ ଦିନ ରହିବ। ଯେଉଁ ଭୂମିକାରେ ରହିଲେ ମଧ୍ୟ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସବୁବେଳେ କାମ କରି ଚାଲିଥିବ ବୋଲି ସେ କହିଛନ୍ତି।

● ଜୁଇରୁ ମହିଳାଙ୍କ ଦରପୋଡ଼ା ଶବ ଜବତ ଘଟଣା

## ସ୍ୱାମୀ, ଶାଶୂ, ଶଶୁର ଓ ପୁତୁରା ଗିରଫ

**ବଲାଙ୍ଗିର, ୮।୬ (ସମିସ):** ବଲାଙ୍ଗିର ଜିଲ୍ଲା ବୁର୍ଡା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଓ ପୁଲିସକୁ ସୂଚନା ନଦେଇ ପରିବାରଲୋକ ତାଙ୍କ ଶବ ପୋଡ଼ିଦେବା ଘଟଣାରେ ଲୋଇସିଂହା ପୁଲିସ୍ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ମୃତ ମହିଳା ନମିତା ବଣିଆଙ୍କ ସ୍ୱାମୀ ସୁଦାମ ବଣିଆ, ଶାଶୂ ବେଲମତୀ ବଣିଆ, ଶଶୁର ବାବାଜୀ ବଣିଆ ଓ ପୁତୁରା ରୋହିତ। ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ ସୁଦାମ ଓ ତାଙ୍କ ପରିବାରଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ନମିତା ଆତ୍ମହତ୍ୟା କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରମାଣ ନଷ୍ଟ, ନିର୍ଯାତନା, ଆତ୍ମହତ୍ୟା ପାଇଁ ଚାପ ପକାଇବା ଭଳି ସଙ୍ଗିନ୍ ଦଫାରେ ମାମଲା ରୁଜୁ ହୋଇଛି। ପୁଲିସ୍ ସୂଚନାନୁଯାୟୀ, ଗୁରୁବାର ରାତିରେ କୌଣସି ଏକ କଥାକୁ ନେଇ ନମିତାଙ୍କ ପରିବାରରେ ଝଗଡ଼ା ହୋଇଥିଲା। ସ୍ୱାମୀ ସୁଦାମ ଓ ଅନ୍ୟମାନେ ମିଶି ତାଙ୍କୁ ନିର୍ଯାତନା ଦେଇଥିଲେ। ତେଣୁ ନମିତା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଟ୍ରେନ୍ ଆଗକୁ ଡେଇଁ ସେ ଆତ୍ମହତ୍ୟା କରିଥିଲେ। କିନ୍ତୁ ନମିତାଙ୍କ ପରିବାରଲୋକ ଏ ସଂପର୍କରେ ପୁଲିସ୍‌କୁ ସୂଚନା ନ ଦେଇ ଶୁକ୍ରବାର ସକାଳୁ ପୋଡ଼ି ଦେଇଥିଲେ। ନମିତାଙ୍କ ବାପଘର ଲୋକ ଏ ସଂପର୍କରେ ସୂଚନା ପାଇବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଗାଁ ମଶାଣିରୁ ନମିତାଙ୍କ ଜୁଇ ଲିଭାଇବା ସହ ଦରପୋଡ଼ା ଶବ ଜବତ କରିଥିଲା। ଏନେଇ ଲୋଇସିଂହା ପୁଲିସ୍ ଏକ ମାମଲା ରୁଜୁ କରି ଆଜି ପରିବାରର ୪ଜଣଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରିଣୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି। ଏହାସହ ପୁଲିସ୍ ଗାଁରେ ଲାଗିଥିବା ଏକ ସିସିଟିଭି ଯାଞ୍ଚ କରିବା ସହ ରେଳ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ଟ୍ରକ୍‌କୁ ପଛରୁ ପିଟିଲା ବସ୍; ୨ ମୃତ

**ବଡ଼ଚଣା, ୮।୬(ସମିସ):** ଆଜି ଭୋର୍‌ରେ ୧୬ ନମ୍ବର ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକକୁ ଏକ ଯାତ୍ରୀବାହୀ ବସ୍ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଦୁଇଜଣ ବସ୍‌ଯାତ୍ରୀଙ୍କ ମୃତ୍ୟୁ ହେବା ସହ

**୧୩ ଆହତ, ୭ ଗୁରୁତରଙ୍କୁ କଟକ ସ୍ଥାନାନ୍ତର**

୧୩ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କଟକ ବଡ ମେଡ଼ିକାଲକୁ ପଠାଇ ଦିଆଯାଇଛି। ମୃତକଦ୍ୱୟ ହେଲେ, ସ୍ୱପନ କୁମାର ଜେନା ଓ ସୁରଞ୍ଜନ ଗେମ। ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଡ଼ଚଣା ପୁଲିସ୍ ୩୦୮/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, କୋଲକାତାରୁ ଏକ ବସ୍ ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଯାଉଥିଲା। ୧୬ ନମ୍ବର ଜାତୀୟ ରାଜପଥର କଡ଼େଇ ନିକଟରେ ବସ୍‌ଟି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଖବର ପାଇ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ କଡ଼େଇରୁ ବନ୍ଧାଳୋ ଛକ ପର୍ଯ୍ୟନ୍ତ ରାସ୍ତାକୁ ଡେଥ୍ ଜୋନ୍ ଘୋଷଣା କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ପ୍ରତିକାର କରୁ ନଥିବା ଅଭିଯୋଗ ହୋଇଛି।



## ପିକ୍‌ଅପ୍ ଧକ୍କାରେ ପିଉସୀ-ପୁତୁରା ମୃତ

**ବ୍ରଜରାଜନଗର, ୮।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଧୀନ ଚାନ୍ଦିନୀମାଲ ରାସ୍ତାର ଚିଚିଣ୍ଡା ଛକଠାରୁ କିଛି ଦୂରରେ ଏକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଚାନ୍ଦୀନମାଲ ଗ୍ରାମର ବାଇକ୍ ଆରୋହୀ ସାହିଲ ପ୍ରଧାନ (୨୧), କୈଳାସିନୀ ପ୍ରଧାନ (୪୮)। ସମ୍ପର୍କରେ ଉଭୟ ପିଉସୀ-ପୁତୁରା ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଚାନ୍ଦୀନମାଲ ଗ୍ରାମପଟରୁ ସାହିଲ ଓ କୈଳାସିନୀ ଏକ ବାଇକ୍‌ରେ ରାଜପୁର ପଟକୁ ଆସୁଥିବା ବେଳେ ଚିଚିଣ୍ଡା ଛକ ବୁଲାଣିରେ ଏକ ଟାୟାର ବୋଝେଇ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ

**କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**

ଦୀର୍ଘ ସମୟ ରାସ୍ତା ଅବରୋଧ କରିବା ସହ ପିକଅପ୍ ଚାଳକ ବିଶ୍ୱମ୍ବର ନାୟକକୁ ଅଟକ ରଖିଥିଲେ। ତେବେ ପରିସ୍ଥିତି ଜଟିଳ ହେବାରୁ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ସ୍ଥିତି ସ୍ୱାଭାବିକ ହେବା ସହ ଅବରୋଧ ହଟିଥିଲା।

## ସମ୍ବଲପୁରୀ ଓ କୋଶଳୀ ଅସ୍ମିତା ଜନପ୍ରତିନିଧିଙ୍କଠାରେ ପ୍ରତିଫଳିତ ହେଉ

**ବରଗଡ଼, ୮।୬(ସମିସ):** ସଦ୍ୟସମାପ୍ତ ସାଧାରଣ ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶାର ଜନଜୀବନ, ଭାଷା ଓ ପରମ୍ପରାକୁ ସମ୍ମାନ ଜଣାଇ ବିଗତ ନିର୍ବାଚନମାନଙ୍କ ଭଳି ସମ୍ବଲପୁରୀ/କୋଶଳୀ ଭାଷାରେ ସମସ୍ତ ପ୍ରାର୍ଥୀ ନିଜ ନିଜର ନିର୍ବାଚନୀ ସଭା ପରିଚାଳନା କରିଥିବା ଦୃଷ୍ଟିରୁ ତଥା ଏହି ଭାଷା ପ୍ରତି ସେମାନଙ୍କ ମହତ୍ତ୍ୱବୋଧ

**'ଲୋକସଭା ଓ ବିଧାନସଭାରେ ସମ୍ବଲପୁରୀ /କୋଶଳି ଭାଷାରେ ଶପଥ ପାଠ କରି ପଶ୍ଚିମ ଓଡ଼ିଶାର ସ୍ୱାଭିମାନର ପରିଚୟ ଦିଅନ୍ତୁ'**

ଓ ପ୍ରତିବଦ୍ଧତା ଅଞ୍ଚଳବାସୀଙ୍କ ପାଇଁ ଖୁସି ଓ ଗୌରବର ବିଷୟ ବୋଲି ବରଗଡ଼ ଜିଲ୍ଲାର ବିଭିନ୍ନ ଭାଷା ସାହିତ୍ୟ ସଂଗଠନମାନଙ୍କ ତରଫରୁ ମତ ପ୍ରକାଶ ପାଇଛି। ଏହି କ୍ରମରେ ଜିଲ୍ଲାର ସମସ୍ତ ଭାଷା ସଂଗଠକ ଓ ଅନୁଷ୍ଠାନମାନଙ୍କ ତରଫରୁ ନବନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ପରବର୍ତ୍ତୀ ସମୟରେ ସମ୍ବଲପୁରୀ/କୋଶଳୀ ଭାଷାର ସ୍ୱୀକୃତି ତଥା ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦିଗରେ ସାଂସଦ ଓ ବିଧାୟକଗଣ ଯତ୍ନବାନ ହେବେ ବୋଲି ଆଶା ପ୍ରକାଶ କରାଯାଇଛି।

ପ୍ରଥମତଃ ଲୋକସଭା ଓ ବିଧାନସଭାରେ ଆମ ଜନପ୍ରତିନିଧିଗଣ ସମ୍ବଲପୁରୀ/କୋଶଳୀ ଭାଷାରେ ଶପଥ ପାଠ କରି ପଶ୍ଚିମ ଓଡ଼ିଶାର ସ୍ୱାଭିମାନର ପରିଚୟ ଦିଅନ୍ତୁ ବୋଲି ଆଗ୍ରହ ପ୍ରକାଶ କରାଯାଇଛି। ବରଗଡ଼ ଜିଲ୍ଲା ଘେଁସଠାରେ ଶନିବାର ଅନୁଷ୍ଠିତ ଏକ ବୈଠକରେ କୁଞ୍ଜେଲ ସିଂହ କ୍ଲବ ଘେଁସରୁ କବି ଅଶୋକ କୁମାର ପୂଜାହାରୀ, ମନୋହର ସାଂସ୍କୃତିକ ସଂସଦ ଭେଡେନର ଅଧ୍ୟାପକ ନାରାୟଣ ଭୋଇ, ଅବର୍ଣ ଗୁଣା ନାଟ୍ୟ ସଂସଦ ପଦମପୁରରୁ ନାଟ୍ୟକାର ଅଶୋକ କୁମାର ବହିଦାର, ପ୍ରକାଶ ସାଂସ୍କୃତିକ ସଂସଦ ପଡ଼ାରୁ ସଂଗଠକ ଦିଲ୍ଲୀପ କୁମାର ଦେବତା, ଆମରଦମ୍ ବରଗଡ଼ରୁ କବି ସୁରେଶ ଚନ୍ଦ୍ର ଭୋଇ, ନୂଆଁ ଝରନ ପାଠାଗାର ଜୁଲଟ ବରପାଲିରୁ



ଜିଲ୍ଲାର ଭାଷା ସାହିତ୍ୟ ପ୍ରେମୀମାନେ ଏକତ୍ରିତ ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ପଦ୍ମଶ୍ରୀ ଡ. ହଳଧର ନାଗ, ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼ର ଗବେଷକ ଉତ୍ପନ୍ନ ଭୋଇ, ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସର ଅଧ୍ୟାପକ ସୁଶାନ୍ତ ମିଶ୍ର, ପଦମପୁରର ପ୍ରଫେସର କେଶରଞ୍ଜନ ପଧାନ, ଖଗେଶ୍ୱର ସାହିତ୍ୟ କଳା ପରିଷଦର ନାଟ୍ୟକାର ମୋହନ ସିଂହ କହ୍ନେଇ, ସହିଦ କଥାକାର ତେଜରୁ ବାରିକ, ସଙ୍ଗୀତ ସମିତି ପଦମପୁରରୁ ସଙ୍ଗୀତଜ୍ଞ ରମେଶ ଗୁର୍ଲା, କ୍ରାନ୍ତିକବି ହରିଲାଲ ସାହୁ, କବି ରାମପ୍ରସାଦ ବାଗ, ହାସ୍ୟକବି ଦେବେନ୍ଦ୍ର ସାହୁ, ମୁନିରାମ କୁମ୍ଭାର, ଉମେଶ ପ୍ରଧାନ, ଦୂର୍ବାଦଳ ମେହେର, ତୁଳସୀରାମ ମେହେର, ତୁଳସୀ ବାରିକଙ୍କ ସମେତ ବହୁ ସଂଖ୍ୟାରେ ଭାଷା, ସାହିତ୍ୟପ୍ରେମୀ ଆଲୋଚନାରେ ଭାଗ ନେଇ ଉପରୋକ୍ତ ମତ ଓ ମନ୍ତବ୍ୟ ପ୍ରଦାନ କରିଛନ୍ତି।

**କଂଗ୍ରେସର ଫ୍ଲପ୍ ଶୋ' ପରେ ମୁହଁ ଖୋଲିଲେ ଯୁବନେତା**

## 'ଶରତ ଓ ନରସିଂହଙ୍କ ପାଇଁ ଦଳ ତଳିତଳାନ୍ତ'

**ବଲାଙ୍ଗିର, ୮।୬ (ସମିସ):** ବଲାଙ୍ଗିର ଜିଲ୍ଲାରେ କଂଗ୍ରେସ ଏକ ବଡ଼ ପରାଜୟର ସାମ୍ନା କରିଛି। ଏଥିପାଇଁ ଦଳର ଯୁବନେତା ତଥା ସାଂସଦ ଟିକଟ ପାଇଁ ଆଶାୟୀ ଥିବା ଆକବର ଖାନ୍ ପିସିସି

● ଯୁବନେତା ଆକବର ଖାନ୍‌ଙ୍କ ସାମ୍ବାଦିକ ସମ୍ମିଳନୀ

● ଦୁଇ ବରିଷ୍ଠ ନେତାଙ୍କ ଯୋଡି ଯୋଗୁଁ ଦୁର୍ନାମ ମୁଣ୍ଡାଉଛି ବଲାଙ୍ଗିର କଂଗ୍ରେସ

ସଭାପତି ଶରତ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ଦାୟୀ କରିବା ସହ ଦୁହିଁଙ୍କ ଉପରେ ବର୍ଷିଛନ୍ତି। ବାଲାଙ୍ଗିରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହି ଦୁଇ ନେତାଙ୍କ ପାଇଁ ରାଜ୍ୟ କଂଗ୍ରେସର ଅଧୋଗତି ହୋଇଛି ଏବଂ ଏଥିପାଇଁ ଦେଶରେ ମଧ୍ୟ ଇଣ୍ଡିଆ ମେଣ୍ଟ ସରକାର କରିବାରୁ ବଞ୍ଚିତ ରହିଗଲା। ବରିଷ୍ଠ ନେତା ଶ୍ରୀ ମିଶ୍ର ପୁତ୍ରମୋହରେ ପଡ଼ି ଏବଂ ଶ୍ରୀ ପଟ୍ଟନାୟକ ଟଙ୍କା ଓ କ୍ଷମତା ଲୋଭରେ କଂଗ୍ରେସକୁ ତଳିତଳାନ୍ତ କରିଦେଇଛନ୍ତି। ରାଜ୍ୟ ତଥା ଦେଶରେ ବିଜେପି ଓ ବିଜେଡିର ବିକଳ୍ପ



ଭାବେ କଂଗ୍ରେସକୁ ଲୋକ ପସନ୍ଦ କରୁଥିଲେ। କିନ୍ତୁ ଏହି ଦୁଇ ନେତାଙ୍କ ପାଇଁ ତାହା ଭୋଟ୍‌ରେ ରୂପାନ୍ତରିତ ହୋଇପାରିଲା ନାହିଁ।

ସେ ଅଭିଯୋଗ କରିଛନ୍ତି ଯେ ସେ କଂଗ୍ରେସକୁ ମଜଭୁତ କରିବା ପାଇଁ କାମ କରିଥିଲେ ହେଁ ତାଙ୍କୁ ଦଳ ଟିକଟ ଦେଲା ନାହିଁ। ଅଥଚ ନିଶ୍ଚିତ ପରାଜିତ ଆଶଙ୍କା ଥିବା ପ୍ରାର୍ଥୀଙ୍କୁ ଜିଲ୍ଲା ବାହାରୁ ଆଣି ପ୍ରାର୍ଥୀ କରାଗଲା। ପିସିସି ସଭାପତିଙ୍କ ପାଇଁ ଜଣେ ଦକ୍ଷ ପ୍ରାର୍ଥୀ ନୂଆପଡ଼ା ଆସନରେ ପରାଜିତ ହୋଇଗଲେ। ସେହିପରି ଟିକଟ ବଣ୍ଟନରେ ଘୋଡ଼ା ବେପାର ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏବେ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ ମୁହଁ ନଖୋଲିବା ପାଇଁ ଯୁବନେତାମାନଙ୍କୁ ଧମକାଯାଉଛି। କଂଗ୍ରେସ ନେତା ମାନସ ଚୌଧୁରୀ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି। ଦଳର ଶୋଚନୀୟ ପରାଜୟ ପରେ ପିସିସି ସଭାପତି ପଦରୁ ଶରତ ପଟ୍ଟନାୟକ ଇସ୍ତଫା ଦେବା ବଦଳରେ କାହିଁକି ଗାଦି ମାଡ଼ି ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଆଜିର ଏହି ସାମ୍ବାଦିକ ସମ୍ମିଳନୀ ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇପାରେ କିନ୍ତୁ ଏଭଳି ଜଣେ ଅଯୋଗ୍ୟ ପିସିସି ସଭାପତିଙ୍କ ସହ କାମ କରିବାକୁ ମୁଁ ଚାହୁଁ ନାହିଁ ବୋଲି ଆକବର୍ କ୍ଷୋଭର ସହ କହିଛନ୍ତି।



ଟି-୨୦ ବିଶ୍ୱକପ୍

ଭାରତ- ପାକିସ୍ତାନ ମୁକାବିଲା ଆଜି

▶କ୍ରୀଡ଼ା ପୃଷ୍ଠାରେ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-343 ◆BHUBANESWAR ◆SUNDAY ◆9 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୩ ◆ଭୁବନେଶ୍ୱର ◆ରବିବାର ◆୯ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)


## ବିମାନ ଦୁର୍ଘଟଣାରେ ମହାକାଶଚାରୀ ୱିଲିୟମ୍ ଆଣ୍ଡର୍ସଙ୍କ ମୃତ୍ୟୁ

■ **ୱାଶିଂଟନ, ୮।୬ (ଏଜେନ୍ସି):** ପ୍ରଥମ ଥର ପାଇଁ ଚନ୍ଦ୍ର କକ୍ଷରେ ପହଞ୍ଚି ଥିବା ମହାକାଶଚାରୀ ୱିଲିୟମ ଆଣ୍ଡର୍ସଙ୍କ ମୃତ୍ୟୁ ହୋଇଛି। ଏକ ବିମାନ ଦୁର୍ଘଟଣାରେ ୯୦ ବର୍ଷୀୟ ଆଣ୍ଡର୍ସ ଶୁକ୍ରବାର ପ୍ରାଣ ହରାଇଛନ୍ତି। ମନୁଷ୍ୟକୁ ନେଇ ଚନ୍ଦ୍ର କକ୍ଷକୁ ଯାଇଥିବା ପ୍ରଥମ ଅଭିଯାନ ଆପୋଲୋ-୮ରେ ସେ ସାମିଲ ଥିଲେ। ସୂଚନା ଅନୁଯାୟୀ ସେ ଶୁକ୍ରବାର ସକାଳେ ଏକାକୀ ଏକ ଛୋଟ ବିମାନ ଉଡ଼ାଉ ଥିଲେ। ଏହା ଦୁର୍ଘଟଣାଗ୍ରସ୍ତ ହୋଇ ସିଆଟେଲର ଉତ୍ତରାଞ୍ଚଳରେ ଥିବା ଏକ ନଦୀକୁ ଖସି ପଡ଼ିଥିଲା। ଦୁର୍ଘଟଣାସ୍ଥଳରୁ ବିମାନର ଅଂଶବିଶେଷ ଏବଂ ଆଣ୍ଡର୍ସଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ ଏହି ମାମଲାର ତଦନ୍ତ କରୁଛି। ▶ପୃଷ୍ଠା-୧୧

**ଚନ୍ଦ୍ର କକ୍ଷରେ ପ୍ରଥମେ ବୁଲିଥିଲେ**

**୯୦ ବର୍ଷ ବୟସରେ ଏକାକୀ ଉଡ଼ାଇଥିଲେ ବିମାନ**



## ପରଲୋକରେ ରାମୋଜୀ ରାଓ

■ **ହାଇଦରାବାଦ, ୮।୬ (ଏଜେନ୍ସି):** ମିଡିଆ ଜଗତ ଏବଂ ଚଳଚିତ୍ର ଉଦ୍ୟୋଗ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିବା ବହୁମୁଖୀ ପ୍ରତିଭାବାନ ବ୍ୟକ୍ତିତ୍ୱ ଚେରୁକୁରି ରାମୋଜୀ ରାଓଙ୍କ ଶନିବାର ସକାଳେ ପରଲୋକ ଘଟିଛି। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟକୁ ନେଇ କିଛି ସମସ୍ୟା ଦେଖାଯିବା ପରେ ତାଙ୍କୁ ହାଇଦରାବାଦ୍‌ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପ୍ରତ୍ୟୁଷରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ରାମୋଜୀ ଗ୍ରୁପ ତଥା ବିଶ୍ୱର ସର୍ବବୃହତ୍ତ ଫିଲ୍ମସିଟି 'ରାମୋଜୀ ଫିଲ୍ମସିଟି'ର ପ୍ରତିଷ୍ଠାତା ଥିଲେ ରାମୋଜୀ ରାଓ । ଜଣେ ବହୁମୁଖୀ ପ୍ରତିଭାବାନ ବ୍ୟକ୍ତି ଭାବେ ତାଙ୍କର ଗଣମାଧ୍ୟମ ଠାରୁ ଆରମ୍ଭ କରି ଚଳଚିତ୍ର ଜଗତ, ସାହିତ୍ୟ, ହସ୍ପିଟାଲିଟି ଏବଂ ଫୁଡ୍ ରିଟେଲ ଚେନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ▶ପୃଷ୍ଠା-୧୧



# ଆଜିଠୁ ମୋଦୀଙ୍କ ତୃତୀୟ ପାଳି





■ **ନୂଆଦିଲ୍ଲୀ, ୮।୬ (ଏଜେନ୍ସି):** ଏନଡିଏ ମେଣ୍ଟର ନେତା ନିର୍ବାଚିତ ହୋଇଥିବା ନରେନ୍ଦ୍ର ମୋଦୀ ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ରାଷ୍ଟ୍ରପତି ଭବନ ପରିସରରେ ସନ୍ଧ୍ୟାରେ ଏକ ବିଶେଷ ସମାରୋହରେ ମୋଦୀ ଶପଥ ନେବା ସହିତ ତାଙ୍କ ନୂତନ ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ନେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏହି ଉତ୍ସବରେ ଦେଶ ବିଦେଶରୁ ପ୍ରାୟ ୮ ହଜାର ଅତିଥି ଯୋଗ ଦେବାକୁ ରହିଥିବାରୁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ଏଥିରେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ଭୁଟାନ ଆଦି ବିଭିନ୍ନ ପଡୋଶୀ ରାଷ୍ଟ୍ରମୁଖ୍ୟ ଯୋଗ ଦେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଶନିବାର କଂଗ୍ରେସ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହେବା ସହିତ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳର ସଂସଦୀୟ ନେତ୍ରୀ ଭାବେ ନିର୍ବାଚିତ କରାଯାଇଛି। ଦଳୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜନ ଖଡ଼ଗେ ଏହି ପ୍ରସ୍ତାବ ଆଗତ କରିଥିଲା ବେଳେ ଗୌରବ ଗୋଗଇ ଏବଂ ତାରିକ୍ ଅନୱାର ଏହାକୁ ସମର୍ଥନ ଜଣାଇଥିଲେ। ସେହିପରି ▶ପୃଷ୍ଠା-୧୧

**ସୋନିଆ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ନିର୍ବାଚିତ**

### ଝୁଲୁଛି ଓଡ଼ିଶା ମୁଖ୍ୟମନ୍ତ୍ରୀ ଚୟନ ନିଷ୍ପତ୍ତି

## ସୋମବାର ସକାଳକୁ ଅପେକ୍ଷା

■ **ଭୁବନେଶ୍ୱର, ୮।୬ (ସମିସ):** ଆସନ୍ତା ୧୦ ତାରିଖ ସନ୍ଧ୍ୟାରେ ବିଜେପି ସରକାର ଶପଥ ନେବାକୁ ଯାଉଛି। ନୂଆ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ହେଁ ଏଯାଏଁ ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ସ୍ଥିର ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ରେସ୍‌ରେ ରାଜ୍ୟ ବିଜେପିର ଏକାଧିକ ବରିଷ୍ଠ ନେତା ରହିଥିବା ବେଳେ ଶୀର୍ଷ ନେତୃତ୍ୱ ଏନେଇ ମାନସମନ୍ଥନ ଜାରି ରଖିଛନ୍ତି। ତେବେ ଆସନ୍ତା ୧୦ତାରିଖ ସକାଳ ୧୦ଟା ବେଳେ ବିଜେପି ବିଧାୟକ ଦଳ ବୈଠକ ବସି ସେଠାରେ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

ଆଜି ଦିଲ୍ଲୀରୁ ଫେରିବା ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବିଜେପିର ଶପଥ ଗ୍ରହଣ ଉତ୍ସବ ସମ୍ପର୍କରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ବିଜେପି ସଂସଦୀୟ ବୋର୍ଡ଼ ଏନେଇ ଶେଷ ନିଷ୍ପତ୍ତି ନେବ। ଆଉ ଦୁଇଦିନ ଭିତରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ସାମଲ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ କିଏ ହେଲେ ଭଲ ହେବ ସେନେଇ ବିଜେପିର ଶୀର୍ଷ ନେତୃତ୍ୱ ରାଜ୍ୟ ନେତୃତ୍ୱଙ୍କ ଠାରୁ ମତାମତ ଗ୍ରହଣ କରିଛନ୍ତି। ବିଶେଷକରି ଓଡ଼ିଶାରୁ ଜିତିଥିବା ବିଜେପିର ୨୦ ସାଂସଦ ଏବଂ ଅନ୍ୟ ବରିଷ୍ଠ ନେତାଙ୍କଠାରୁ ଏନେଇ ମତାମତ ଗ୍ରହଣ କରାଯାଇଛି। ସମସ୍ତଙ୍କ ମତାମତ ଗ୍ରହଣ କରାଯିବା ▶ପୃଷ୍ଠା-୧୧

**ମୁଖ୍ୟମନ୍ତ୍ରୀ ଦୌଡ଼: ଆଗରେ ଧର୍ମେନ୍ଦ୍ର; ମନମୋହନ, କେଭିଙ୍କୁ ନେଇ ମଧ୍ୟ ଚାଲିଛି ମାନସମନ୍ଥନ**

**ଏଯାଏଁ ନାମ ଚୂଡ଼ାନ୍ତ ହୋଇନାହିଁ; ବିଜେପି ସଂସଦୀୟ ବୋର୍ଡ ନେବ ନିଷ୍ପତ୍ତି: ମନମୋହନ**

**୧୦ ତାରିଖ ସନ୍ଧ୍ୟାରେ ଶପଥ, ଯୋଗଦେବେ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ଶୀର୍ଷସ୍ତରୀୟ ନେତା**

### ପୁଣି ଜବାବ ରଖିଲେ ନବୀନ

## ମୋ ଉତ୍ତରାଧିକାରୀ ବାଛିବେ ଓଡ଼ିଶାବାସୀ

■ **ଭୁବନେଶ୍ୱର, ୮।୬ (ସମିସ):** ଗଣତନ୍ତ୍ରରେ ଜିତିବା, ହାରିବା ଏକ ସ୍ୱାଭାବିକ କଥା। ସବୁ କିଛି ଲୋକଙ୍କ ହାତରେ। ଦୀର୍ଘ ଦିନ ପରେ ଆମକୁ ପରାଜୟ ମିଳିଛି ଏବଂ ଆମେ ଜନମତକୁ ସମ୍ମାନର ସହ ଗ୍ରହଣ କରିଛୁ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ମୁଁ ସବୁବେଳେ ମୋ ପରିବାର ସଦସ୍ୟ ଭାବେ ଗ୍ରହଣ କରିଆସିଛି। ସେମାନଙ୍କ ସେବା କରୁଥିଲୁ ଆଉ ସବୁଦିନ ତାହା ହିଁ ଆମ ଆଭିମୁଖ୍ୟ ରହିଥିବ। କ୍ଷମତାରେ ଥାଉ ଅବା ନ ଥାଉ, ଓଡିଶାବାସୀଙ୍କ ସେବା ପାଇଁ ଆମେ ବଦ୍ଧପରିକର। ଆଜି ପର୍ଯ୍ୟନ୍ତ ଓଡିଶାବାସୀ ମୋ ଉପରେ ବାରମ୍ବାର ଆଶୀର୍ବାଦ ବର୍ଷା କରି ଆସିଛନ୍ତି। ସେମାନଙ୍କ ସେବା କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ। ଆମର କାର୍ଯ୍ୟକାଳରେ ଆମେ ବହୁତ ଭଲ କାମ କରିଛୁ। ଆମ ସରକାର ଏବଂ ଆମ ଦଳ ଉପରେ ଆମେ ଗର୍ବ କରୁଛୁ। ଆଜି ଜାତୀୟ ଖବର ସରବରାହ ସଂସ୍ଥାକୁ ପ୍ରତିକ୍ରିୟା ଦେଇ ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।



ଶ୍ରୀ ପଟ୍ଟନାୟକ କହିଥିଲେ ଯେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଯେପରି ଭାବେ ସମାଲୋଚନା କରାଯାଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ଅଧିକାରୀ ଭାବେ ଗତ ୧୦ ବର୍ଷରେ ସେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଦୁଇଟି ବଡ଼ ବାତ୍ୟା ପରିଚାଳନା ହେଉ ଅବା କୋଭିଡ୍ ମହାମାରୀ, ସବୁବେଳେ ତାଙ୍କ କାର୍ଯ୍ୟଦକ୍ଷତା ରାଜ୍ୟ ପାଇଁ ହିତକରୀ ସାବ୍ୟସ୍ତ ହୋଇଛି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଧାର୍ମିକ ସ୍ଥଳର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ। ▶ପୃଷ୍ଠା-୧୧

### ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା

## ମହାଦେବଙ୍କ ପତରପେଣ୍ଡି ସମ୍ପନ୍ନ



■ **ସମ୍ବଲପୁର, ୮।୬ (ସମିସ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ପାଇଁ ଶନିବାର ପତର ପେଣ୍ଡି ପରମ୍ପରା ସମ୍ପନ୍ନ ହୋଇଛି। ମୁଦିପଡ଼ା ଜାଗେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବା, ଭତରା ଶଙ୍କର ମଠ, ସିନ୍ଦୂରପଙ୍କ ତାରକେଶ୍ୱର ବାବା, ମାନେଶ୍ୱର ମାନଧାତା ବାବାଙ୍କ ପତରପେଣ୍ଡି (ନିର୍ବନ୍ଧ) ହୋଇଛି।

ମନ୍ଦିର ପରିସରରୁ ବରପିତାଙ୍କ ସହ ସପ୍ତଋଷି କନ୍ୟା ଅନ୍ୱେଷଣରେ ପାଇଁ ବାହାରିଥିଲେ। ସନ୍ଧ୍ୟାରେ ମନ୍ଦିରରୁ ପାରମ୍ପରିକ ବାଜା, ଶଙ୍ଖ, ଘଣ୍ଟର ନାଚଗୀତ ତାଳେତାଳେ ▶ପୃଷ୍ଠା-୧୧

## ବ୍ରାହ୍ମଣୀରେ ବୁଡ଼ି ଦୁଇ ଇଞ୍ଜିନିୟରିଂ ଛାତ୍ର ମୃତ

■ **ରାଉରକେଲା, ୮।୬ (ସମିସ):** ବ୍ରାହ୍ମଣୀ ନଦୀରେ ବୁଡ଼ି ଦୁଇଜଣ ଇଞ୍ଜିନିୟରିଂ ଛାତ୍ର ପ୍ରାଣ ହରାଇଥିବା ବେଳେ ଆଉ ୪ଜଣ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ, ଭୁବନେଶ୍ୱର ରଘୁନାଥପୁର ଅଞ୍ଚଳର ସମିରନ୍ ସୁକୁମାର ନାୟକ (୨୩) ଏବଂ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ରଜତ ସାହୁ (୨୯)। ଗୁରୁତର ୪ ଜଣ ହେଲେ, ଅନୁଗୋଳ ଅଞ୍ଚଳର ଅଭିଲିପ୍ସା ପ୍ରଧାନ (୨୨), ବ୍ରହ୍ମପୁରର ବୈଷ୍ଣୁ ଦେବୀ, କେନ୍ଦୁଝର ଆନନ୍ଦପୁର ମଲାରପଡ଼ା ଅଞ୍ଚଳର ସମ୍ବେଦନ ସାହୁ (୨୦) ଏବଂ ଭୁବନେଶ୍ୱର ସୋଆ ୟୁନିଭର୍ସିଟିର ତପନ କୁମାର ପାତ୍ର (୨୪)। ଏମାନେ ସମସ୍ତେ ଏନ୍‌ଆଇଟିଠାରେ ଇଣ୍ଟର୍ଣ୍ଣସିପ୍ କରୁଥିଲେ। ଏମାନେ ରାଉରକେଲା ବେଦବ୍ୟାସ ଘାଟରେ ▶ପୃଷ୍ଠା-୧୧

**୪ ଡାକ୍ତରଖାନାରେ ଭର୍ତ୍ତି**

**ସମସ୍ତେ ଏନ୍‌ଆଇଟି ଇଣ୍ଟର୍ଣ୍ଣ ଥିଲେ**

## ଦୁର୍ନୀତିମୁକ୍ତ ହୋଇଗଲେ ପ୍ରଫୁଲ୍ଲ ପଟେଲ

### ଫେରି ପାଇଲେ ୧୮୦ କୋଟିର ଜବତ ସମ୍ପତ୍ତି

■ **ମୁମ୍ବାଇ, ୮।୬ (ଏଜେନ୍ସି):** ଦୁର୍ନୀତି ମାମଲାରେ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପରେ ତାଙ୍କ ଗୋଷ୍ଠୀର ଏନ୍‌ସିପି ନେତା ପ୍ରଫୁଲ ପଟେଲଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଥିବା ୧୮୦ କୋଟି ଟଙ୍କାର ସମ୍ପତ୍ତିକୁ ସେ ଫେରି ପାଇଛନ୍ତି। ସମ୍ପତ୍ତି ଜବତ କରିବାକୁ ନେଇ ଇଡିର ଆଦେଶକୁ ମୁମ୍ବାଇର ଆପିଲେଟ ଟ୍ରିବ୍ୟୁନାଲ ରଦ୍ଦ କରିଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ଇଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ଘନିଷ୍ଠ ତଥା ମୁମ୍ବାଇ ସିରିଏଲ ବିସ୍ଫୋରଣ ଅଭିଯୁକ୍ତ ତଥା ଡ୍ରଗ ମାଫିଆ ଇକବାଲ ମିର୍ଚ୍ଚିର ବିଧବା ପତ୍ନୀ ହାଜରା ଇକବାଲ ମେମନଙ୍କଠାରୁ ବେଆଇନ କାରବାରରେ ସେ ଏହି ସମ୍ପତ୍ତି ହାସଲ କରିଥିଲା। ତେବେ ପଟେଲଙ୍କ ବିରୋଧରେ ଇଡିର କାର୍ଯ୍ୟାନୁଷ୍ଠାନକୁ କୋର୍ଟ ବେଆଇନ ଦର୍ଶାଇଥିଲେ। ଗତ ୩ ତାରିଖରେ କୋର୍ଟ କହିଥିଲେ ଯେ ଏହି ସମ୍ପତ୍ତି ମନି ଲଣ୍ଡରିଂରେ ସାମିଲ ନ ଥିଲା। ଏହା ଇକବାଲ ମିର୍ଚ୍ଚି ସହ ମଧ୍ୟ ଜଡ଼ିତ ନ ଥିଲା। ତେଣୁ ଜବତ ସମ୍ପତ୍ତିକୁ ପ୍ରଫୁଲ ପଟେଲଙ୍କୁ ଫେରାଇବା ପାଇଁ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ସିଜେ ହାଉସରେ ହାଜରା ମେମନ ଏବଂ ତାଙ୍କ ୨ ଝିଅଙ୍କ ୧୪ ହଜାର ବର୍ଗ ଫୁଟର ସମ୍ପତ୍ତିକୁ ମଧ୍ୟ ଅଲଗା ଭାବେ ଜବତ କରାଯାଇଥିଲା। ଏଥିପାଇଁ ପ୍ରଫୁଲ ପଟେଲଙ୍କ ଅନ୍ୟ ୧୪ ହଜାର ବର୍ଗ ଫୁଟର ସମ୍ପତ୍ତିକୁ ଜବତ କରିବାର ଆବଶ୍ୟକତା ନ ଥିଲା ବୋଲି କୋର୍ଟ କହିଥିଲେ। କାରଣ ଏହା ସିଜେ ହାଉସର ଆୟର ଅଂଶ ନ ଥିଲା। ଇଡି ସୂଚନା ଅନୁଯାୟୀ ପ୍ରଫୁଲ ପଟେଲଙ୍କ ମିଲେନିୟମ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ୨୦୦୬-୦୭ରେ ▶ପୃଷ୍ଠା-୧୧

**ମନି ଲଣ୍ଡରିଂ ମାମଲାରେ କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇଲେ ମୁମ୍ବାଇ କୋର୍ଟ**



### ଲୋକକଥା



ନମୋ ସିନା ପୁଣି ପିଏମ୍ ହୋଇଲେ
ତିନି ବାର ୟାକୁ ନେଇ,
ହେଲେ କିନ୍ତୁ ଏବେ ନୀତୀଶ-ନାଇଡୁ
ଧରିଛନ୍ତି ଅକଳେଇ !
ପୂର୍ବ ସ୍ଥିତି ଆଉ ନାହିଁ,
ମାପିଚୁପି ବାଟ ଚାଲିବାକୁ ହେବ
ନହେଲେ ଦେବେ ଆଣ୍ଟେଇ !!

## ମାଟ୍ରିକ୍ ଫେଲ୍; ଠକେଇରେ ମାହିର୍

### ୧୨୩ କୋଟି ଲୁଟିଥିବା ତୁଷାର ପଶ୍ଚିମବଙ୍ଗରୁ ଗିରଫ

■ **ଭୁବନେଶ୍ୱର, ୮।୬ (ସମିସ):** ରାତାରାତି ଟଙ୍କା ଦୁଇଗୁଣା କରିଦେବାର ସ୍ୱପ୍ନ ଦେଖାଇ ୧୨୩ କୋଟି ଟଙ୍କା ଠକି ନେଇଥିବା ହରିତ କୃଷିନିଧି ସଂସ୍ଥାର ନିର୍ଦ୍ଦେଶକକୁ ଗିରଫ କରିଛି ଇଓଡବ୍ଲ୍ୟୁ। ଅଭିଯୁକ୍ତଜଣକ ହେଲେ, ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁରର ତୁଷାର ଭଞ୍ଜୋ। ଗତ ୫ ତାରିଖରେ ତାକୁ ଅଲିପୁର କୋର୍ଟରେ ହାଜର କରାଯିବା ପରେ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଛି।

ଅଭିଯୋଗ ଅନୁସାରେ, କମ୍ ଦିନରେ ଅଧିକ ସୁଧର ଲୋଭ ଦେଖାଇ ତୁଷାର ନିଜ କମ୍ପାନି ହରିତ କୃଷିନିଧି ଏବଂ ଟ୍ରାନସଭିଜନ ଡ୍ରିମ୍ ମଲଟି ଟ୍ରେଡ୍‌ରେ ଟଙ୍କା ଲଗାଇବାକୁ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏପରିକି ଏଜେଣ୍ଟମାନଙ୍କ ଜରିଆରେ ଗ୍ରାହକ ମଧ୍ୟ ଯୋଗାଡ଼ କରିଥିଲା। ଏଥିପାଇଁ ସେ ଏଜେଣ୍ଟଙ୍କୁ ଅଧିକ କମିସନ୍‌ର ଲୋଭ ଦେଖାଇଥିଲା। ଯେଉଁ ଏଜେଣ୍ଟ ୪ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିବ, ତାକୁ ଦରମା ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏପରି ଭାବେ ସେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ଓ ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ଫେରାର୍ ହୋଇଯାଇଥିଲା। ଏହି ଟଙ୍କାକୁ ସେ ବାଂଲାଦେଶ, ଚୀନ୍‌ରେ ବିନିଯୋଗ କରିଥିବା ଜଣାପଡ଼ିଛି। ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ତାଙ୍କର ଅଫିସ ଥିଲା।

ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି ଯେ ତୁଷାର ମେଟ୍ରିକ୍ ଫେଲ୍। କିନ୍ତୁ ଲୋକଙ୍କୁ ଠକିବାରେ ମାହିର୍। ତେବେ ତା' ଦ୍ୱାରା ଠକେଇର ଶିକାର ହୋଇଥିବା ଟଙ୍କପାଣିରୋଡ୍, ନାଗେଶ୍ୱର କଲୋନୀର ମନମୋହନ ଦୋରା ଅଭିଯୋଗ କରିବା ପରେ ଏନେଇ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା। ମନମୋହନ ତାଙ୍କ ଜଣେ ବନ୍ଧୁଙ୍କଠାରୁ କମ୍ପାନୀର ଲୋଭନୀୟ ସ୍କିମ୍ ବିଷୟରେ ଜାଣିବା ପରେ ବରମୁଣ୍ଡାରେ ଥିବା ଅଫିସ୍‌କୁ ଯାଇ ତୁଷାରକୁ ଭେଟିଥିଲେ। ସେ ତାଙ୍କୁ ଏହି ସଂସ୍ଥାର ବିଭିନ୍ନ ବିଜ୍ଞାପନ ଭିଡିଓ ଦେଖାଇଥିଲେ। ଏପରିକି ୩ଟି ରାଜ୍ୟ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଛତିଶଗଡ଼ରେ ▶ପୃଷ୍ଠା-୧୧

**୬ ରାଜ୍ୟକୁ ଲମ୍ବିଛି ଠକେଇର ଚେର**



### ଫେସ୍‌ବୁକ୍ ପ୍ରେମର କରୁଣ ପରିଣତି

## ପ୍ରେମିକାର ଗଳା କାଟି ନିଜେ ଜୀବନ ହାରିଲା

■ **ଦେବଗଡ଼, ୮।୬ (ସମିସ):** ଶନିବାର ଦେବଗଡ଼ ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ତା' ପ୍ରେମିକାର ଗଳା କାଟିବା ପରେ ନିଜ ଗଳା କାଟି ଜୀବନ ହାରିଛି। ମୃତ ଯୁବକଜଣକ ହେଲେ, ଗଞ୍ଜାମ ଭୂଷଣ୍ଡ ଅଞ୍ଚଳର ସୀମାଞ୍ଚଳ ସାସମଲ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସୀମାଞ୍ଚଳର ମୃତଦେହ ସଂରକ୍ଷିତ ରଖାଯାଇଛି। ପୁଲିସ୍ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଛି। ଆସନ୍ତାକାଲି ସେମାନେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି। ଅପରପକ୍ଷେ, ଗୁରୁତର ପ୍ରେମିକାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଇଆଇସି ସରୋଜ ସେଠୀଙ୍କ ନେତୃତ୍ୱରେ ପୁଲିସ୍ ଘଟଣାର ତଦନ୍ତ କରୁଛି। ପୁଲିସ ▶ପୃଷ୍ଠା-୧୧



**ଗୁରୁତର ପ୍ରେମିକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**

**ଗଞ୍ଜାମରୁ ଆସି ଦେବଗଡ଼ରେ ପ୍ରେମିକର ଆତ୍ମହତ୍ୟା**

# ପାନୀୟ ଜଳ ସମସ୍ୟାକୁ ନେଇ ମହିଳାଙ୍କ ରାସ୍ତାରୋକ

## ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ

ଗୋଷାଣି, ୮ ।୬(ସମିସ)



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଉପଲଡା ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶନିବାର ସକାଳ ପ୍ରାୟ ୯ଟା ସମୟରେ ଉପଲଡା ଗ୍ରାମର ହାଟପଦା ଅଞ୍ଚଳରେ ବହୁ ସଂଖ୍ୟାରେ ମହିଳା ଏକତ୍ର ହୋଇ ପାରଳାଖେମୁଣ୍ଡି-ମୋହନା ଜାତୀୟ ରାଜପଥ ୩୨୬-ଏ ରେ ପ୍ରାୟ ଏକ ଘଣ୍ଟା ଧରି ହାଣ୍ଡି ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରୋକ କରିଥିଲେ। ପାନୀୟ ଜଳ ଯୋଗାଣ ପାଇଁ ଏକ ଓଭର ହେଡ୍ ଟାଙ୍କି ଓ ମୋଟର ରହିଛି। ହେଲେ କୌଣସି କାରଣରୁ ଏହା ଖରାପ ହୋଇଯାଇଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଗ୍ରାମର ଗୋଟିଏ ସାହିର ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ଦିନ ହେଲା ପାଣି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ଗୁହାରି କରିଛନ୍ତି। ଦୀର୍ଘ ଦିନ ହେବ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ସମାଧାନ କରାଯାଇ ନ ଥିବାରୁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଛୁ ବୋଲି ଆନ୍ଦୋଳନରତ ମହିଳା କହିଥିଲେ। ଅନ୍ୟ କୌଣସି ଜଳଉତ୍ସ ନଥିବା କାରଣରୁ ପାନୀୟ ଜଳ ପାଣି ପାଇଁ ପ୍ରାୟ ଅଧା କିମି ଦୂର ମୁଖ୍ୟରାସ୍ତା ତଟରେ ଥିବା ନଳକୂପ ଉପରେ ମହିଳା ନିର୍ଭର କରୁଛନ୍ତି। ଏହି ନଳକୂଅର ପାଣି କଳଙ୍କିଯୁକ୍ତ ହୋଇ ଆସୁଥିବାରୁ ପାନୀୟ ଉପଯୋଗୀ ହୋଇ ନଥିଲେ ମଧ୍ୟ ବାଧ୍ୟ ହୋଇ ପିଉଥିବା ଗ୍ରାମବାସୀ ଜଣାଇଛନ୍ତି। ସେହିପରି ସେହିପରି ଲୁଗାପଟା ସଫା କରିବା ପାଇଁ ମଧ୍ୟ କୌଣସି ଜଳ ଉତ୍ସ ନ ଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗୁଥିବା କହିଛନ୍ତି।

ରାଜରାସ୍ତାକୁ ମହିଳା ଅବରୋଧ କରିଥିବା ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସ୍ଆଇ ବଳରାମ ବେହେରା ସଦଳବଳେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ଆନ୍ଦୋଳନରତ ମହିଳା ରାସ୍ତା ରୋକରୁ ହଟିଥିଲେ। ଆନ୍ଦୋଳନରୁ ମହିଳା ହଟିବା ପରେ ଜାତୀୟ ରାଜପଥରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଏକ ଘଣ୍ଟା ଧରି ମୋହନା, ପାରଳାଖେମୁଣ୍ଡି, ରାୟଗଡ଼, ରା.ଉଦୟଗିରି, ରାମଗିରି ଅଞ୍ଚଳକୁ ଯାତାୟତ କରୁଥିବା ଯାନବାହାନ ଅଟକି ରହିଥିଲା। ଏହା ସହ ଯାତ୍ରୀ ଓ ପଥଚାରୀ ମଧ୍ୟ ଏକ ଘଣ୍ଟା ଧରି ଅଧାବାଟରେ ଅଟକି କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ପାଣି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇ ଓଭରହେଡ୍ ଟାଙ୍କିରୁ କେଉଁ କାରଣ ଯୋଗୁଁ ପାଣି ଆସୁନାହିଁ ତାହାକୁ ନେଇ ଯାଞ୍ଚ କରାଯିବ। ଆବଶ୍ୟକ ମରାମତି କରାଯାଇ ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଉପଲଡା ସରପଞ୍ଚ କହିଛନ୍ତି। ମରାମତି ହେବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି କୁହାଯାଇଥିବା ଜଣାପଡ଼ିଛି।

● ପାନୀୟଜଳ ଯୋଗାଣ ବ୍ୟବସ୍ଥା ଏମିତି

# ଲୋକଙ୍କୁ ମିଳୁନି; ରାସ୍ତାରେ ଭାସୁଛି



**ଜି.ଉଦୟଗିରି, ୮।୬(ସମିସ):** ଗଜପତି ଜିଲ୍ଲା ଜି. ଉଦୟଗିରି ସହରରେ ପାନୀୟ ଜଳ ସମସ୍ୟା ଏକ ପ୍ରମୁଖ ସମସ୍ୟା ଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ ହେବା ପରେ କିନ୍ତୁ ପରିସ୍ଥିତିରେ ସୁଧାର ଆସିଛି। ହେଲେ ମାଗଣା ପାନୀୟ ଜଳ ଯେଗାଣ ଭାବି କିଛି ମାସ ପୂର୍ବରୁ ଅନାବଶ୍ୟକ ଭାବେ ଘର ଦ୍ୱାର ନ ଥିବା ସ୍ଥାନ ଖାଲି ପଡ଼ିଆରେ ମଧ୍ୟ ପାନୀୟ ଜଳ ସଂଯୋଗ କରାଯାଇଥିଲା। ଏବେ ଏହି ସବୁ ପାଇପ୍ ଫାଟି ସହରର ବିଭିନ୍ନ ସ୍ଥାନରେ ପାଣି ଭାସୁଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ସୁଭାଷ ନଗର ବିବେକାନନ୍ଦ ସ୍କୁଲ ସମ୍ମୁଖରେ ମାସ ମାସ ଧରି ପାଣି ଭାସୁଛି। ଏସମ୍ପର୍କରେ ସାହି ବାସିନ୍ଦା ବିଭାଗକୁ ଜଣାଇଥିଲେ। ପାଇପ ସିଲ କରିବାକୁ ଉପକରଣ ନାହିଁ ବୋଲି ବିଭାଗରୁ ଉତ୍ତର ମିଳିଥିବା ସ୍ଥାନୀୟ ଲୋକ କହିଛନ୍ତି। ଏଥିଯୋଗୁଁ ଦିନକୁ ଦୁଇ ବେଳା ସେମିତି ଘଣ୍ଟା ଘଣ୍ଟା ଧରି ପାନୀୟ ଜଳ ଅନାବଶ୍ୟକ ଭାବେ ନଷ୍ଟ ହେଉଛି। ଲୋକଙ୍କ ପାଣି ମିଳୁ ନ ଥିବା ବେଳେ ରାସ୍ତାରେ ଭାସୁଥିବା ଦେଖି ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗ ତରଫରୁ ଏଥିପ୍ରତି ଦୃଷ୍ଟି ଦିଆଗଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଇଛି।

# ପୂର୍ବ ପଞ୍ଚକୋଷ ମଣ୍ଡଳ ଆଞ୍ଚଳିକ କୁମ୍ଭକାର ସମାଜ ବୈଠକ ଉଦ୍‌ଯାପିତ

**ଫିରିଙ୍ଗିଆ, ୮।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗେରୁପଡ଼ା ଗାଁ ପିତାବଳି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପୂର୍ବ ପଞ୍ଚକୋଷ ମଣ୍ଡଳର ଆଞ୍ଚଳିକ କୁମ୍ଭକାର ସମାଜ ବୈଠକ ଶନିବାର ଉଦଯାପିତ ହୋଇଛି। ପୂର୍ବ ପଞ୍ଚକୋଷ ମଣ୍ଡଳ ସଭାପତି ରତ୍ନମଣି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅରୁଣ ପାତ୍ର, କୋଷାଧ୍ୟକ୍ଷ ପ୍ରଭାତ ବେହେରା, ପୂର୍ବତନ ସଭାପତି ବିସକେସନ ବେହେରା, କେନ୍ଦ୍ରୀୟ ଉପ ସଭାପତି କର୍ଣ୍ଣ ରଣା ଉପସ୍ଥିତ ଥିଲେ। ଏଥିରେ ପୂର୍ବ ପଞ୍ଚକୋଷ କେନ୍ଦ୍ରର ତଥା ଡିଣ୍ଡିରାଗାଁ, ବନ୍ଧଗଡ଼, ବଡଗାଁ, କାଦୁପଦର, କଟାପଙ୍ଗା, ରିବିଲଦା, ସାଡିଙ୍ଗିଆ, ଗେରୁପଡ଼ା, କେଳାପଡ଼ା, ବାଲିପଦର, ଗୋଛାପଡ଼ା ସହ ୧୨ ସର୍କଲର କୁମ୍ଭକାର କୁଳ ସମାଜ ବାସୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଥମ ଦିନରେ କଳସ ଯାତ୍ରା ସହ ଠାକୁର ସ୍ଥାପନ କରାଯିବା ପରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଦ୍ୱିତୀୟ ଦିନରେ କୁଳ ସମାଜର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ଆଲୋଚନା ହୋଇଥିଲା। ପରେ ଅତିଥି ମାନେ କୁମ୍ଭକାର କୁଳ ସମାଜର ଉନ୍ନତି, ଶିକ୍ଷା ସ୍ୱାସ୍ଥ୍ୟ, ନିଶା ନିବାରଣ ଉପରେ ସଚେତନତା ପରେ ଆଗାମୀ ଦିନରେ କେରେଡ଼ି ଠାରେ ହେବାକୁ ଥିବା କୁମ୍ଭକାର ମହାସଭା ବୈଠକ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗେରୁପଡ଼ା ସର୍କଲ ପରିଚାଳନା କରିଥିବା ବେଳେ ଗେରୁପଡ଼ା, ବଇରୀକୁମ୍ପା, ବଳରାମପୁର, ବରପଡ଼ାର ପଞ୍ଚୁ ବେହେରା, ରବିଚନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ଭାଗିରଥି ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।



# ଭୋଟଗଣନା ପରେ ବାସ୍କେଟବଲ୍ ଖେଳପଡ଼ିଆ ପାଲଟିଛି ଆବର୍ଜନା କୁଣ୍ଡ

**ପାରଳାଖେମୁଣ୍ଡି, ୮ ।୬(ସମିସ):** ସାଧାରଣ ନିର୍ବାଚନ ପାଇଁ ଭୋଟ ଗଣନା ପରେ ବାସ୍କେଟବଲ୍ ଖେଳପଡ଼ିଆ ଏବେ ଆବର୍ଜନାସ୍ଥଳ ପାଲଟିଥିବା ଦେଖାଯାଇଛି। ସୂଚନା ଯୋଗ୍ୟ ଯେ, ସାଧାରଣ ନିର୍ବାଚନର ଭୋଟଗଣନା କେନ୍ଦ୍ର ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିଲା। ଚଳିତ ମାସ ୪ ତାରିଖରେ ଭୋଟଗଣନା ହୋଇଥିଲା। ଭୋଟଗଣନାରେ ନିୟୋଜିତ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀଗଣ, ମୁତୟନ ହୋଇଥିବା ସୁରକ୍ଷା କର୍ମଚାରୀ ଆଦିଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଖାଇବା ପରେ ବଳକା ଖାଦ୍ୟପଦାର୍ଥ ମହାବିଦ୍ୟାଳୟ ପରିସରରେ ରହିଥିବା ବାସ୍କେଟବଲ୍ ପଡ଼ିଆର ବିଭିନ୍ନ ସ୍ଥାନରେ କୁଢ କୁଢ କରି ପକାଇ ଦିଆଯାଇଛି। ସେହିପରି ଖାଦ୍ୟ ଖାଇଥିବା ପେପର ପ୍ଲେଟକୁ ମଧ୍ୟ ଏଠାରେ ପକାଯାଇଛି। ଖେଳପଡ଼ିଆରେ ଖାଦ୍ୟସାମଗ୍ରୀ ସହିତ ପେପର ପ୍ଲେଟ ଗୁଡିକ ବିକ୍ଷିପ୍ତ ଭାବେ ପଡ଼ିରହିଛି। ପରିତ୍ୟକ୍ତ ଖାଦ୍ୟକୁ ପଶୁ, ପକ୍ଷୀ ଖାଇ ଏଣେତେଣେ ପକାଇଥିବା ବେଳେ ପାଞ୍ଚ ଦିନରେ ଖାଦ୍ୟ ପଦାର୍ଥ ପଚି ବାସ୍କେଟବଲ୍ ପଡ଼ିଆରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପାଞ୍ଚ ଦିନ ହେଲା ପଡ଼ି ରହିଥିବା ବାସି ଖାଦ୍ୟ ପଦାର୍ଥ ଦୂଷିତ ପରିବେଶ ସୃଷ୍ଟି କରୁଥିବା ବେଳେ ପଡ଼ିଥିବା ପେପରପ୍ଲେଟ ପବନ ଉଡି ଖେଳପଡ଼ିଆରେ ପଡୁଛି। ଖେଳାଳୀ ନିଜେ ପଡ଼ିଆ ସଫା କରୁଥିବା କହିଛନ୍ତି। କର୍ତ୍ତୃପକ୍ଷ ଭୋଟ ଗଣନା ପାଇଁ ସମସ୍ତ ଆୟୋଜନ କରି ଖେଳପଡ଼ିଆରେ ଆବର୍ଜନା ସ୍ଥଳ କରିଥିବା ଅଭିଯୋଗ ହେଉଛି। ଏହି ବାସ୍କେଟବଲ୍ ଗ୍ରାଉଣ୍ଡ ସହ ମହ ବିଦ୍ୟାଳୟରେ ଥିବା ରଙ୍ଗମଞ୍ଚ ଅଞ୍ଚଳରେ ମଧ୍ୟ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳୁଛି। ମତଗଣନା ହୋଇ ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇ ନ ଥିବାରୁ ଖେଳାଳୀ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛ।



# ରାମୋଜି ରାଓଙ୍କୁ ଶ୍ରଦ୍ଧାଞ୍ଜଳି



**ପାରଳାଖେମୁଣ୍ଡି, ୮ ।୬(ସମିସ):** ଇଟିଭିର ନିର୍ମାତା ତଥା ଓଡ଼ିଆ ଭାଷାରେ ଉପଗ୍ରହ ଚାନେଲର ସ୍ୱାଦ ଓଡ଼ିଶାବାସୀଙ୍କୁ ଦେଇଥିବା ରାମୋଜି ରାଓଙ୍କ ବିୟୋଗରେ ଗଜପତି ପ୍ରେସ କ୍ଲବ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସନ୍ଧ୍ୟାରେ ଗଜପତି ପ୍ରେସ କ୍ଲବ ସଦସ୍ୟ ସ୍ୱର୍ଗତ ରାମୋଜି ରାଓଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ମହମବତି ଜାଳି ସ୍ମୃତିଚାରଣ କରିଥିଲେ। ଖବରକାଗଜ ଜଗତକୁ ରାମୋଜି ରାଓଙ୍କ ଅବଦାନ ଅତୁଳନୀୟ ବୋଲି କୁହାଯିବା ସହ ଓଡ଼ିଶା ବ୍ୟତୀତ ସେ ୧୪ଟି ଭାଷାରେ ଇଟିଭି ଚାନେଲ ପ୍ରସାରଣ କରି ରେକର୍ଡ କରିଥିଲେ। ସାମ୍ବାଦିକ ଜଗତରେ ସେ ଏକ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା।

# ଅନ୍ଧାରରେ ଆରୁଖ ଗଳି

**ଜି.ଉଦୟଗିରି, ୮ ।୬(ସମିସ):** ଦିନକୁ ଦିନ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ଖରାପ ହେବାରେ ଲାଗିଛି। ନିୟମିତ ଯାଞ୍ଚ ନ ହେବା ଫଳରେ ବହୁତ ଦିନ ପର୍ଯ୍ୟନ୍ତ ସେମିତି ଲାଇଟ ଖରାପ ହେବା ସହିତ ବିଭିନ୍ନ ସ୍ଥାନ ଅନ୍ଧାର ରହୁଛି। ଅଭିଯୋଗ ପରେ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଦିନକୁ ଦିନ ଜନ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜି.ଉଦୟଗିରି ଆରୁଖ ଗଳି ସହିତ ସହରର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ ଲାଇଟ ଖରାପ ହୋଇ ରହିଛି। ଅଭିଯୋଗ ପରେ ମଧ୍ୟ ସୁଧୁରୁନି ବ୍ୟବସ୍ଥା। ବର୍ଷା ଦିନରେ ବିଷଧର ଜନ୍ତୁ ବାହାରିବାର ସମ୍ଭାବନା ରହିଥିବା ବେଳେ ଅନ୍ଧାର ଦେଖି ଭୟଭିତ ହୋଇ ବାହାରକୁ ବାହାରୁନାହାଁନ୍ତି ଲୋକେ। ଏହା ସହିତ ଅସାମାଜିକ ଲୋକମାନଙ୍କ ଅସାମାଜିକ କାଯ୍ୟକଳାପ ବଢ଼ିବାରେ ଲାଗିଛି। ତେଣୁ ବଜାରରେ ନିୟମିତ ଯାଞ୍ଚ କରିବା ସହିତ ଅନ୍ଧାରରେ ଥିବା ଅଞ୍ଚଳରେ ଆଲୋକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଫୁଲବାଣୀ ବିଧାୟକ ଉମାଚରଣଙ୍କୁ ମନ୍ତ୍ରୀ କରିବା ପାଇଁ କୁଇ ସମାଜର ଦାବି

**ଫୁଲବାଣୀ, ୮।୬(ସମିସ):** ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ଫୁଲବାଣୀ ବିଧାନସଭା କ୍ଷେତ୍ରରୁ ବିଧାୟକ ନିର୍ବାଚିତ ହୋଇଥିବା ଉମାଚରଣ ମଲ୍ଲିକଙ୍କୁ ରାଜ୍ୟ ମନ୍ତ୍ରୀ ପରିଷଦରେ ସ୍ଥାନିତ କରିବା ପାଇଁ କୁଇ ସମାଜ ସେବା ସମିତି ପକ୍ଷରୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପତ୍ର ଲେଖିଛି କୁଇ ସମାଜ। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ କନ୍ଧମାଳର ତିନୋଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଏକମାତ୍ର ବିଜେପି ପ୍ରାର୍ଥୀ ଭାବେ ଉମାଚରଣ ବିଜୟୀ ହୋଇଛନ୍ତି। ସେ ଜଣେ ଶିକ୍ଷିତ ରାଜନେତା ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭାବେ ମନ୍ତ୍ରୀ ହେବା ପାଇଁ ସମସ୍ତ ଯୋଗ୍ୟତା ବହନ କରୁଥିବା କହିଛି କୁଇ ସମାଜ। ଅପରପକ୍ଷରେ, ଏ ଦିଗରେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ପ୍ରତି ସବୁବେଳେ ବିଭିନ୍ନ ରାଜନୈତିକ ବୈମାତୃକ ମନୋଭାବ ଦେଖାଇଥିବା କୁହାଯାଇଛି। କନ୍ଧମାଳରୁ ଆଦିବାସୀ ନେତା ହିସାବରେ ୨୦୦୦ ମସିହା ପୂର୍ବରୁ ଶେଷ ଥର ପାଇଁ ଜି.ଉଦୟଗିରି ବିଧାୟକ ନାଗାର୍ଜୁନ ପ୍ରଧାନ ମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ। ତା' ପରଠାରୁ ଆଉ କୌଣସି ଆଦିବାସୀ ନେତା ଏହି ସୁଯୋଗ ପାଇନାହାନ୍ତି। ଚଳିତ ନିର୍ବାଚନରେ ଫୁଲବାଣୀ ନିର୍ବାଚନମଣ୍ଡଳୀର ଭୋଟର ବିଜେପି ପ୍ରତି ସମର୍ଥନ ଜଣାଇ ପ୍ରଥମ ଥର ପାଇଁ ଦଳୀୟ ପ୍ରାର୍ଥୀ ଉମାଚରଣଙ୍କୁ ବିଜୟୀ କରିଛନ୍ତି। ନବନିର୍ବାଚିତ ବିଧାୟକ କୁଇ ସମାଜ ସହ ବହୁ ଦିନରୁ ସଂଶ୍ଳିଷ୍ଟ ଏବଂ ଜଣେ ସାମାଜସେବୀ ହିସାବରେ ପରିଚିତ। ତେଣୁ ଜିଲ୍ଲାର ସ୍ୱାର୍ଥ ତଥା ଉମାଚରଣଙ୍କ ଯୋଗ୍ୟତାକୁ ଆଧାର କରି ତାଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସାମିଲ କରିବା ପାଇଁ କୁଇ ସମାଜ ପକ୍ଷରୁ ଦାବି କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଇ ସମାଜ ସମ୍ପାଦକ ଅବନୀ କୁମାର କହଁର, ବାଲିଗୁଡା ଶାଖା ସଭାପତି ମନୋଜ କୁମାର ମଲ୍ଲିକ, ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କହଁର, ନାରୀସଂଘ ସଭାପତି ସୌଦାମିନୀ କହଁର, କୋଷାଧକ୍ଷ ଭାବୀନ୍ଦ୍ର କହଁର ଓ ଯୁଗ୍ମ ସମ୍ପାଦକ ଅଚ୍ୟୁତ ଜାନୀ ଉପସ୍ଥିତ ଥିଲେ।




# ନଦୀରେ ବୁଡ଼ି ଯୁବକ ମୃତ

**କାଶୀନଗର ୮।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ଏନଏସି ୧୦ନମ୍ବର ୱାର୍ଡର ପାଶୁପୁରେଡ୍ଡୀ ବୁଚ୍ଛି ନାମକ ଜଣେ ବ୍ୟକ୍ତି ଶନିବାର ବଂଶଧାରା ନଦୀରେ ବୁଡ଼ିଯିବାରୁ ମୃତ୍ୟୁ ହୋଇଛି। ସୂଚନା ମୁତାବକ ପାଶୁପୁରେଡ୍ଡୀ ଶୌଚ ପାଇଁ ବଂଶଧାରା ନଦୀ ପାଖରେ ଥିବା ପାଣି ପମ୍ପ ନିକଟକୁ ଯାଇଥିଲେ। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ବର୍ଗ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ନଦୀର ଏକ ପାର୍ଶ୍ୱରେ ଜଣେ ବ୍ୟକ୍ତିର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଏଏସଆଇ ମନୋଜ ପାଢ଼ୀ, ସୀମାଞ୍ଚଳ ସେଠୀ, ଅଭିମନ୍ୟୁ ପୋଲେଇ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ପରେ ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବା ବୋଲି କାଶୀନଗର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ଧରାହେଲା ୬ ଫୁଟ୍ ଲମ୍ବର ସାପ

**ପାରଳାଖେମୁଣ୍ଡି, ୮ ।୬(ସମିସ):** ପାରଳାଖେମୁଣ୍ଡି ସହରର କଟକିଆ ସାହିରେ ଗୋଟିଏ ଛଅ ଫୁଟିଆ ଢ଼ାମଣା ସାପ ଉଦ୍ଧାର ହୋଇଛି। ଶନିବାର ସକାଳେ କଟକିଆ ସାହି ନିବାସୀ ରୂପେଶ ସାହୁଙ୍କ ଘରେ ୬ ଫୁଟିଆ ଲମ୍ବର ଢାମଣା ସାପ ପଶିଯାଇଥିଲା। ଘର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଗଜପତି ଜିଲ୍ଲାରେ ସ୍ନେକ୍ ହେଲ୍ପ ବା ସାପ ଧରିବା ପାଇଁ କୌଣସି ପ୍ରକାରର ଅନୁଷ୍ଠାନ କି ବିଭାଗ ନ ଥିବାରୁ ଏନେଇ ରୂପେଶ ସମାଜସେବୀ ନାଗେଶ୍ୱର ମହାପାତ୍ରଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ନାଗେଶ୍ୱର ପହଞ୍ଚି ନିଜସ୍ୱ ଉଦ୍ୟମରେ ସାପକ ଧରି ସୁରକ୍ଷିତ ସ୍ଥାନରେ ଛାଡି ଦେଇଥିଲେ। ନାଗେଶ୍ୱର ମହାପାତ୍ର ଜଣେ ଯୁବ ପରିବେଶବିତ୍ ଭାବେ ଅଞ୍ଚଳରେ ପରିଚିତ।



## 'ସିଦ୍ଧାନ୍ତ' ସାହିତ୍ୟ ଅନୁଷ୍ଠାନର ସାରସ୍ୱତ ସମାରୋହ

# 'ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ଚିରକୃତଜ୍ଞ ରହିବେ'

ପାରଳାଖେମୁଣ୍ଡି, ୮ ।୬(ସମିସ)




ସାହିତ୍ୟ ଅନୁଷ୍ଠାନ 'ସିଦ୍ଧାନ୍ତ' ପକ୍ଷରୁ ଶନିବାର ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ରାଜଦାଣ୍ଡଠାରେ ଥିବା ବିଶ୍ୱନାଥ ଫଙ୍କସନହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଓ ଦୌରାଜକ୍ ପ୍ରଣବ କୁମାର ରାଉତରାୟ, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ରଚିତ 'କୀର୍ତ୍ତିକିରୀଟ କୃଷ୍ଣଚନ୍ଦ୍ର ଗଜପତି' ପୁସ୍ତକର ଲୋକାର୍ପଣ କରିଥିଲେ। ସେ ନିଜ ବକ୍ତବ୍ୟରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ରହିଥିବା ଉତ୍ସର୍ଗୀକୃତ ଅବଦାନର ସ୍ମରଣ କରାଇ ଦେବା ସହ ଓଡ଼ିଶାବାସୀ ତାଙ୍କର ମହନୀୟ ଅବଦାନ ପାଇଁ ଚିର କୃତଜ୍ଞ ରହିବେ ବୋଲି ପ୍ରକାଶ କରିଥିଲେ। ଲବ୍ଧପ୍ରତିଷ୍ଠ ସ୍ତମ୍ଭକାର ଦାଶ ବେନହୁର ଉକ୍ତ ପୁସ୍ତକରେ ସନ୍ନିବେଶିତ ପ୍ରାମାଣିକ ତଥ୍ୟଗୁଡ଼ିକର ଅବତାରଣା କରି ଶିକ୍ଷା, ସାହିତ୍ୟ ସ୍ୱାସ୍ଥ୍ୟ ସେବା, ଗମନାଗମନ ଓ ରାଜନୀତି ପରି ପ୍ରତ୍ୟେକ କ୍ଷେତ୍ରକୁ ମହାରାଜାଙ୍କ ବଳିଷ୍ଠ ସେବା ଓ ଅବଦାନ ସମ୍ପର୍କରେ ଆଲୋଚନା କରି ସେହି ମହାପୁରୁଷଙ୍କ ଜୀବନୀକୁ ନେଇ ପାଠ୍ୟପୁସ୍ତକ ପ୍ରଣୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସାହିତ୍ୟିକ ତଥା ସ୍ତମ୍ଭକାର ଅସିତ ମହାନ୍ତି ଓ ବିଜେବି କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଶୁଭ୍ରାଂଶୁ କୁମାର ବେହେରା ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉକ୍ତ ପୁସ୍ତକର ସମୀକ୍ଷା କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ଇତିହାସକୁ ପାରଳାଖେମୁଣ୍ଡିର ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଆରମ୍ଭରେ ଓଡ଼ିଶୀ ଓ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ ତନିସା ବେବର୍ତ୍ତା ଓ ବାଲିକାନା ଖାଂସିକା। ଡ. ବିଧୂତ ଶେଖର ମିଶ୍ର ଓ ବି.କୋମଳାଙ୍ଗୀ ଦ୍ୱୈତକଣ୍ଠରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମନସ୍ମିତା ପାତ୍ର ସଂଯୋଜନା କରିଥିଲେ। ଆଶାଲତା ପାଣିଗ୍ରାହୀ ଓ ସ୍ୱର୍ଣ୍ଣପ୍ରଭା ପାଠୀ ଯଥା କ୍ରମେ ଧନ୍ୟବାଦ ଅର୍ପଣ ଓ ସଭା ପରିଚାଳନାରେ ସହାୟତା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଭାରତଭୂଷଣ ମହାନ୍ତି, ନିତ୍ୟାନନ୍ଦ ଚୌଧୁରୀ, ତ୍ରିପତି ପ୍ରସାଦ ପଣ୍ଡା, ବିଷ୍ଣୁ ଚରଣ ପଣ୍ଡା, ଶରତ ଚନ୍ଦ୍ର ସାହୁ, ବିଚିତ୍ରାନନ୍ଦ ବେବର୍ତ୍ତା, ଭାଗବତ ପାଢ଼ୀ ଓ ମୁରଲୀ ପରିଚ୍ଛା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଏଥିରେ ଯୋଗ ଦେଇଥିଲେ।

# ଅଳିଆ ପକାଇବାକୁ ନେଇ ଗଣ୍ଡଗୋଳ

■ ଥାନାରେ ଉଭୟ ପକ୍ଷଙ୍କ ଦୁଇଟି ମାମଲା ରୁଜୁ

**ବ୍ରହ୍ମପୁର,୮ ।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ତରେଇ ଗଉଞ୍ଜୁ ଗ୍ରାମରେ ଅଳିଆ ପକାଇବାକୁ ନେଇ ଗଣ୍ଡଗୋଳ ଘଟି ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ଲକ୍ଷ୍ମୀ ବେହେରା ଘର ପଛପଟେ ରହୁଥିବା ଇନ୍ଦୁ ବେହେରାଙ୍କ ଘର ବାରିପଟେ ଅଳିଆ ଆବର୍ଜନା ପକାଇ ଅସନା କରୁଥିଲେ । ଏନେଇ ଲକ୍ଷ୍ମୀ ପଚାରିବାରୁ ଇନ୍ଦୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ମାରି ଡାହାଣ ହାତର ଆଙ୍ଗୁଠିକୁ କାମୁଡ଼ି ଦେଇଥିଲେ । ଘଟଣାକୁ ନେଇ ଲକ୍ଷ୍ମୀ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ କେସ ନମ୍ବର ୧୭୯/୨୪ରେ ମାମଲା ରୁଜୁ କରିଛି । ସେହିପରି ଇନ୍ଦୁ ବେହେରାଙ୍କ ବାରିପଟେ ଲକ୍ଷ୍ମୀ ଅଳିଆ ଆବର୍ଜନା ପକାଉଥିଲେ । ଘଟଣା ସମ୍ପର୍କରେ ପଚାରିବାରୁ ଲକ୍ଷ୍ମୀ ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ନେଇ ଇନ୍ଦୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୮୦/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି ।

■ ଗଞ୍ଜାମ ଜିଲ୍ଲା ବାଣିଜ୍ୟକର ବିଭାଗ ବରିଷ୍ଠ ନାଗରିକ ସଂଘର ସ୍ୱତନ୍ତ୍ର ବୈଠକ

# ୧୦ ପୂର୍ବତନ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୮ ।୬(ସମିସ):** ଗଞ୍ଜାମ ଜିଲ୍ଲା ବାଣିଜ୍ୟକର ବିଭାଗ ବରିଷ୍ଠ ନାଗରିକ ସଂଘର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ବୃନ୍ଦାବନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକର ପ୍ରାରମ୍ଭରେ ସଂଘର ପରଲୋକଗମନ କରିଥିବା ପୂର୍ବତନ ସଦସ୍ୟଙ୍କ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରି ସ୍ମୃତିଚାରଣ କରାଯାଇଥିଲା । ପରେ ବୈଠକରେ ସଂଘର ସଦସ୍ୟ ସଂଖ୍ୟା ବଢାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ କରି ପୂର୍ବତନ ଅଧିକାରୀ ଓ କର୍ମଚାରୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯିବା ସହ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସ୍ଥାନୀୟ ପ୍ରାପ୍ତି କଲ୍ୟାଣ ମଣ୍ଡପର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଂଘର ଏହି ସ୍ୱତନ୍ତ୍ର ବୈଠକରେ ୧୦ ଜଣ ପୂର୍ବତନ ଅଧିକାରୀ ଓ କର୍ମଚାରୀ ଯଥା ଅବସରପ୍ରାପ୍ତ ବାଣିଜ୍ୟକର ଅଧିକାରୀ ଶଶୀଭୂଷଣ ମିଶ୍ର, ପ୍ରକାଶ ଚନ୍ଦ୍ର ସୁଆର, ଲଳିତ ମୋହନ ରାଜଗୁରୁ, ୱାଇ. ଭାସ୍କର ରାଓ, ଏମ.ଧର୍ମାରାଓ, କେ.ସି. ଖଣ୍ଡାୟତ, ଅଶୋକ କୁମାର ପଣ୍ଡା, ବିଜୟ କୁମାର ପାଢୀ, ପଦ୍ମଚରଣ ପଟ୍ଟନାୟକ ଓ ତ୍ରିନାଥ ପାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ୟାମା ପ୍ରସାଦ ପାଢୀ, ଦୁର୍ଗା ପ୍ରସାଦ ନାୟକ, ଏ.ବିଘ୍ନେଶ୍ୱର ଓ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଂଘର ଅନ୍ୟତମ ବରିଷ୍ଠ ସଦସ୍ୟ ବାଳକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସଂଘ ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ ଦୀର୍ଘ ବର୍ଷ ବ୍ୟବଧାନରେ ନିଜ ସମସାମୟିକ କର୍ମଚାରୀଙ୍କ ସହ ସାକ୍ଷାତ କରିବାର ଅପୂର୍ବ ସୁଯୋଗ ପାଇ ସମସ୍ତେ ଖୁସି ଅନୁଭବ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜି.କେ.ପି. ଶର୍ମା, ମାଧବ ଜେନା, ସୁରେଶ ପଟ୍ଟନାୟକ, ତାରା ପ୍ରସାଦ ପାଢୀ, ଲଡୁ ପାତ୍ର, କରୁଣାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଆସିଥିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ।

# ବ୍ରହ୍ମପୁର ଜେଲ୍‌ରେ ରାଜ୍ୟର ଏକମାତ୍ର ଫାଶୀଖୁଣ୍ଟ

**ବ୍ରହ୍ମପୁର,୮ ।୬(ସମିସ):** ଇଂରେଜ ଅମଳର ବ୍ରହ୍ମପୁର ମଣ୍ଡଳ କାରାଗାର । ୧୮୬୩ ମସିହାରେ ପ୍ରତିଷ୍ଠା ହୋଇଥିଲା ରାଜ୍ୟର ଏହି ପୁରାତନ କାରାଗାର । ଦିନ ଗଡ଼ିବା ସାଙ୍ଗକୁ ଏଠାରେ ବଢିଛି କଏଦୀଙ୍କ ସଂଖ୍ୟା ଓ ହୋଇଛି ଜେଲର ଉନ୍ନତିକରଣ । ରାଜ୍ୟରେ ବ୍ରହ୍ମପୁର ମଣ୍ଡଳ କାରାଗାର ଏକମାତ୍ର କାରାଗାର ଯେଉଁଠି ଆଜି ମଧ୍ୟ ରହିଛି ଫାଶୀଖୁଣ୍ଟର ବ୍ୟବସ୍ଥା । ତେବେ ଦୀର୍ଘ ବର୍ଷ ଧରି ଏଠାରେ ନାହାନ୍ତି ଜଣେ ମଧ୍ୟ 'ଘାତକ' । ଆବଶ୍ୟକ ସ୍ଥଳେ ରାଜ୍ୟ ବାହାରୁ ଘାତକଙ୍କୁ ଅଣାଯାଉଥିବା ନଜିର ରହିଛି ।

**ନାହାନ୍ତି ଜଣେ ବି 'ଘାତକ', ଆବଶ୍ୟକ ସ୍ଥଳେ ଆସୁଛନ୍ତି ରାଜ୍ୟ ବାହାରୁ**

**ଦିନ ଗଡ଼ିବା ସହ ବଢ଼ିଛି କଏଦୀଙ୍କ ସଂଖ୍ୟା, ହୋଇଛି ଉନ୍ନତିକରଣ**




ବର୍ତ୍ତମାନ ଏହି ଜେଲରେ ସମୁଦାୟ ଅନ୍ତେବାସୀଙ୍କ ସଂଖ୍ୟା ୯୨୪ ରହିଛି । ଯାହା ପୂର୍ବରୁ ବହୁ କମ୍ ଥିଲା । କାଳକ୍ରମେ ଏହି ସଂଖ୍ୟା ବଢିଛି । ପ୍ରାରମ୍ଭରେ ଏଠାରେ ମାତ୍ର ୫ଟି ୱାର୍ଡ ଥିବା ବେଳେ ବର୍ତ୍ତମାନ ଏହି ୱାର୍ଡ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ଏଥି ସହିତ ୩ଟି ସ୍ୱତନ୍ତ୍ର ତଥା ହାଇ ସିକ୍ୟୁରିଟି ୱାର୍ଡର ନିର୍ମାଣ କାର୍ଯ୍ୟ ଜାରିରହିଛି । ସମଗ୍ର

ବ୍ରିଟିଶ ଶାସନକାଳରେ ତଥା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଗଞ୍ଜାମ ଜିଲ୍ଲା ଥିବାବେଳେ ୧୮୬୩ରେ ସ୍ଥାପିତ ହୋଇଥିଲା ବ୍ରହ୍ମପୁର ମଣ୍ଡଳ କାରାଗାର । ୧୬୧ବର୍ଷର ଏହି ପୁରାତନ ଜେଲରେ ଅଛି ରାଜ୍ୟର ଏକମାତ୍ର ଫାଶୀ ଖୁଣ୍ଟ । ଦେଶ ସ୍ୱାଧୀନତା ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ଅନେକ ସଂଗ୍ରାମୀଙ୍କୁ ଏହି କାରାଗାରରେ ବନ୍ଦୀ କରିଥିଲେ ଗୋରା ସରକାର । ସେମାନଙ୍କ ମଧ୍ୟରେ ଥିଲେ ବିପ୍ଳବୀ ଆଦିବାସୀ ନେତା ତଥା ମହାନ ଦେଶପ୍ରେମୀ ସଂଗ୍ରାମୀ ଲକ୍ଷ୍ମଣ ନାୟକ । ବିଭିନ୍ନ ମାମଲାରେ ଛନ୍ଦି ବ୍ରିଟିଶ ସରକାର ତାଙ୍କୁ ୧୯୪୩ ମାର୍ଚ୍ଚ ୨୯ରେ ଏହି ଜେଲରେ ଫାଶି ଖୁଣ୍ଟରେ ଝୁଲାଇଥିଲେ । ତେଣୁ ସେ ସହିଦ ଆଖ୍ୟା ପାଇଛନ୍ତି ଏବଂ ସବୁ ବର୍ଷ ତାଙ୍କ ଜନ୍ମଦିନ ଏବଂ ସହିଦ ଦିବସରେ ଜେଲ ପରିସରରେ ଥିବା ପ୍ରତିମୂର୍ତ୍ତି ସ୍ଥଳରେ ସରକାରୀ ଭାବେ ସ୍ମୃତିଚାରଣ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଲକ୍ଷ୍ମଣ ନାୟକ ଜେଲର ଯେଉଁ ସେଲରେ ବନ୍ଦୀ ଜୀବନ ବିତାଇଥିଲେ ତାହାକୁ ଜାତୀୟ ସ୍ମୃତିପୀଠ କରାଯାଇଛି ।



ସୂଚନାଯୋଗ୍ୟ ଯେ, ଜେଲ ଭିତରେ ଫାଶୀଖୁଣ୍ଟ ଥିଲେ ମଧ୍ୟ ଝୁଲାଇବା ପାଇଁ ଏଠାରେ ଦୀର୍ଘ ବର୍ଷ ଧରି କେହି ସ୍ଥାୟୀ 'ଘାତକ' ନାହାନ୍ତି । ୧୯୯୪ ମସିହାରେ ଏଠାରେ ଶେଷଥର ପାଇଁ ଦିଆଯାଇଥିଲା ଫାଶୀ । ୧୯୯୦ ମସିହା ଫେବୃୟାରୀ ମାସରେ ମୟୂରଭଞ୍ଜ ଜିଲ୍ଲାର ଲକ୍ଷ୍ମଣ ନାୟକ ନାମକ ଜଣେ ଅପରାଧୀ ୭ବର୍ଷର ଶିଶୁକନ୍ୟାକୁ ଜଙ୍ଗଲରେ ଦୁଷ୍କର୍ମ କରିବା ପରେ ନୃଶଂସ ଭାବେ ହତ୍ୟା କରିଥିଲା । ଏଭଳି ଜଘନ୍ୟକାଣ୍ଡର ବିଚାର କରି ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ । ଉପର କୋର୍ଟରେ ତାହା କାଏମ ରହିବା ପରେ ୧୯୯୪ମସିହା ଜୁଲାଇ ୧୬ତାରିଖରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ଅପରାଧୀଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା । ସେତେବେଳେ ମଧ୍ୟ କେହି ଘାତକ ନଥିବା କାରଣରୁ ରାଜ୍ୟ ବାହାରୁ ଆସିଥିଲେ ଘାତକ । ପୁରାତନ ଜେଲ ହୋଇଥିଲେ ହେଁ କାଳକ୍ରମେ ଏଠାରେ ଜେଲର କ୍ଷମତା ବୃଦ୍ଧି ସହିତ ଭିତ୍ତିଭୂମିର ବିକାଶ ସହିତ କଏଦୀଙ୍କ ବିଭିନ୍ନ ଆବଶ୍ୟକତାକୁ ପୂରଣ କରାଯାଇଛି । ୫ଟି ୱାର୍ଡରୁ ଆରମ୍ଭ ହୋଇଥିବା ଏହି ଜେଲରେ ବର୍ତ୍ତମାନ ୩୦ଟି ୱାର୍ଡ ରହିଛି । ଆଗକୁ ୩ଟି ହାଇ ସିକ୍ୟୁରିଟି ୱାର୍ଡ ସମେତ ଅଧିକ ୫ଟି ଏହିଭଳି ମୋଟ ୩୮ଟି ୱାର୍ଡ ନିର୍ମାଣ ଜରିଆରେ ଜେଲର କ୍ଷମତାକୁ ଖୁବ୍‌ଶୀଘ୍ର ୧୧୨୪କୁ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି ।

# ସହରର ରାସ୍ତାଘାଟରେ ଜାମୁକୋଳିର ପସରା



**ବ୍ରହ୍ମପୁର,୮ ।୬(ସମିସ):** ଆଗକୁ ପବିତ୍ର ରଜ ସଂକ୍ରାନ୍ତି । ଏହି ଅବସରରେ ସାଧାରଣତଃ କମ୍ ଦିନ ପାଇଁ ବଜାରକୁ ଆସିଥାଏ ଜାମୁକୋଳି । ଏଣୁ ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଏପରିକି ରାସ୍ତାଘାଟରେ ଦେଖିବାକୁ ମିଳୁଛି ଜାମୁକୋଳିର ପସରା । ଖାସ କରି ସହରର ଠେଲା ଦୋକାନୀ ଅଥବା ନିକଟସ୍ଥ ଗାଁ ଗହଳିରୁ ଆସୁଥିବା ଲୋକେ ସହରରେ ଏହାକୁ ବିକ୍ରୀ କରୁଛନ୍ତି । ସ୍ୱାଦିଷ୍ଟ ଜାମୁକୋଳିର ଔଷଧୀୟ ଗୁଣ ରହିଥିବା କାରଣରୁ ଛୋଟ ପିଲାଙ୍କଠାରୁ ବୟସ୍କ ସବୁବର୍ଗଙ୍କ ମଧ୍ୟରେ ଏହାର ଚାହିଦା ମଧ୍ୟ ବେଶ ଅଧିକ । ଏହା ଏକ ଋତୁକାଳୀନ ଫଳ ହୋଇଥିବା ବେଳେ ବର୍ଷା ଋତୁର ଆଗମନରେ ଜାମୁକୋଳିର ଆବିର୍ଭାବ ହୋଇଥାଏ । ଏଣୁ ବର୍ତ୍ତମାନ ଜାମୁକୋଳି ପାଚିବା ଆରମ୍ଭ ହୋଇସାରିଥିବା ବେଳେ ରେଶମ ସହର ବ୍ରହ୍ମପୁରର ପୁରୁଣା ବସ୍‌ଷ୍ଟାଣ୍ଡ, ହନୁମାନ ବଜାର, ସାନବଜାର, ବଡ଼ବଜାର ଓ ନୂଆବସଷ୍ଟାଣ୍ଡ ଭଳି ବିଭିନ୍ନ ସ୍ଥାନରେ ବିକ୍ରୀ କରାଯାଉଛି । ବଣଜଙ୍ଗଲରେ ତଥା ଗ୍ରାମାଞ୍ଚଳରେ ବହୁମାତ୍ରାରେ ଏହି କୋଳି ଦେଖିବାକୁ ମିଳିଥାଏ । ବ୍ରହ୍ମପୁର ସହରକୁ ମୁଖ୍ୟତଃ ଗଞ୍ଜାମ ଜିଲ୍ଲାର ରମ୍ଭା ଓ ଖଲ୍ଲିକୋଟ ଆଦି ଅଞ୍ଚଳରୁ ଜାମୁକୋଳି ଆସୁଥିବାବେଳେ ପଡୋଶୀ ଆନ୍ଧ୍ରସୀମାନ୍ତ ଅଞ୍ଚଳରୁ ମଧ୍ୟ ବହୁ ପରିମାଣରେ ଜାମୁକୋଳି । ସେଠାକର ସ୍ଥାନୀୟ ଲୋକେ ଏହାକୁ ସଂଗ୍ରହ କରି ବ୍ୟବସାୟୀଙ୍କୁ

■ ସ୍ୱାଦିଷ୍ଟ ତଥା ଔଷଧୀୟ ଗୁଣ ପାଇଁ ଚାହିଦା ବେଶୀ

■ ଗଞ୍ଜାମ ସମେତ ପଡ଼ୋଶୀ ଆନ୍ଧ୍ର ସୀମାନ୍ତରୁ ହେଉଛି ଆମଦାନୀ

ବିକ୍ରୀ କରିଥାନ୍ତି । ବ୍ରହ୍ମପୁରରେ ଦୈନିକ ପ୍ରାୟ ୧୫୦ରୁ ୧୭୦କିଲୋ ଜାମୁକୋଳିର କାରବାର ହୋଇଥାଏ ବୋଲି ଠେଲା ବ୍ୟବସାୟୀ ଅରୁଣ ସାହୁ କହିଛନ୍ତି । କିଛି ବ୍ୟବସାୟୀ ଜାମକୋଳିରେ ଲଙ୍କା ଓ ଲୁଣ ଗୋଳାଇ ବିକ୍ରୀ କରୁଥିବା ମଧ୍ୟ ଦେଖିବାକୁ ମିଳେ, ଯାହାକି ଖାଇବାକୁ ଆହୁରି ସୁଆଦିଆ । ତେବେ ବର୍ତ୍ତମାନ ଜାରି ରହିଥିବା ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ଯୋଗୁଁ କୋଳିଗୁଡ଼ିକ ଶୀଘ୍ର ଝାଉଁଳି ଯାଉଛି । ଫଳରେ ଗ୍ରାହକମାନେ ଏହାର ଉଚିତ ମୂଲ୍ୟ ଦେବାକୁ କୁଣ୍ଠାବୋଧ କରୁଥିବା କହିଛନ୍ତି ବ୍ୟବସାୟୀ । ଆଗକୁ ଆଉ ମାତ୍ର ଆଉ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ସହରରେ ଜାମୁକୋଳି ଦୃଶ୍ୟମାନ ହେବ । ବର୍ଷା ପରେ ଜାମୁକୋଳି ଝଡ଼ି ପଡ଼ିବା ସହ ଆଉ ମିଳିବା କଷ୍ଟକର ହୋଇପଡ଼ିବ ବୋଲି କହିଛନ୍ତି ବ୍ୟବସାୟୀ । ଅନ୍ୟପକ୍ଷରେ ଲୋକଙ୍କ ଚାହିଦାକୁ ତୁଳନାରେ ଚଳିତ ଥର ପର୍ଯ୍ୟାପ୍ତ ପରିମାଣର ଜାମୁକୋଳି ଆସିନଥିବା କାରଣରୁ ଏହାର ମୂଲ୍ୟ ଅଧିକ ରହିଛି । ତଥାପି ଲୋକେ କମ୍ ପରିମାଣର କ୍ରୟ କରି ନେଉଛନ୍ତି । ଏହା ପାଚିକୁ ବେଶ୍ ସୁଆଦିଆ ହୋଇଥିବା ବେଳେ ଲୋକେ ଏହାକୁ ଖାଇବା ସହ ଏହାର ମଞ୍ଜିକୁ ମଧ୍ୟ ସଂଗ୍ରହ କରି ରଖୁଛନ୍ତି । ପରବର୍ତ୍ତୀ ସମୟରେ ମଞ୍ଜିକୁ ଶୁଖାଇ ଗୁଣ୍ଡକରି ମାସ ମାସ ଧରି ସେବନ କରୁଛନ୍ତି । କିଛି ଲୋକ କେବଳ ଏହାର ମଞ୍ଜି ପାଇଁ ଜାମୁକୋଳି କିଣୁଥିବା ଜଣାପଡ଼ିଛି । ଏହାର ମଞ୍ଜି ମଧୁମେହ ରୋଗୀଙ୍କ ପାଇଁ ସଞ୍ଜୀବନୀ ସଦୃଶ ବୋଲି ଡାକ୍ତରମାନେ ମତ ଦିଅନ୍ତି । ଏହାର ମଞ୍ଜିରେ ପ୍ରଚୁର ପରିମାଣରେ ମଧୁମେହ ରୋଗ ପ୍ରତିରୋଧକ ଗୁଣ ଥିବା ଯୋଗୁଁ ବଜାରରେ ଏହାର ଚାହିଦା ବେଶ ରହିଛି । ବର୍ଷରେ ଖୁବକମ ସମୟ ପାଇଁ ଏହି ଜାମୁକୋଳି ଉପଲବ୍ଧ ହେଉଥିବା ବେଳେ ଏଥିପ୍ରତି ସମସ୍ତଙ୍କ ପସନ୍ଦ ମଧ୍ୟ ରହିଛି ।

# ଅଶାନ୍ତ ବୈଦ୍ୟନାଥପୁର ଥାନା ଅଞ୍ଚଳ!

**ବ୍ରହ୍ମପୁର,୮ ।୬(ସମିସ):** ଅଶାନ୍ତ ବୈଦ୍ୟନାଥପୁର ଥାନା ଅଞ୍ଚଳ । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ନିୟମିତ ବ୍ୟବଧାନରେ ବଢିବାରେ ଲାଗିଛି ଚୋରି, ଲୁଟ୍ ଓ ହଣାମରା ଭଳି ଘଟଣା । ତେବେ ଗତ ଦୁଇ ଦିନରେ ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଥାନା ବୈଦ୍ୟନାଥପୁର ଥାନା ଇଲାକାରେ

■ ବଢୁଛି ଆକ୍ରମଣ, ଚୋରି ଓ ଲୁଟ୍ ଘଟଣା

■ ଢିଲା ପାଟ୍ରୋଲିଂ ବ୍ୟବସ୍ଥାକୁ ଦାୟୀ କଲେ ବୁଦ୍ଧିଜୀବୀ




ହୋଇଛି ଏକାଧିକ ଚୋରି ଓ ଲୁଟ୍ ଭଳି ଘଟଣା । ଅଭିଯୋଗ ଆଧାରରେ ପୁଲିସ ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ସଂଗ୍ରହ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି । ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଦୋଲୁଆ ସାହି ନିବାସୀ ସୁରଜିତ ପାତ୍ର(୩୯) ଆଇଜରରୁ ଘରକୁ ଫେରୁଥିବା ବେଳେ ସେଲ୍ସଟେକ୍ସ ଅଫିସ ଛକରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ପିଛାକରି ସେ ଧରିବା ମୋବାଇଲକୁ ଛଡାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସୁରଜିତ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ । ପରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ସେହିଭଳି ଖୋଡ଼ାସିଙ୍ଗି ନିବାସୀ ସୁଜାତା ଗନ୍ତାୟତଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଛି । ସୁଜତା ସାବିତ୍ରୀ ଅମାବାସ୍ୟା ପାଇଁ ଆଲମିରାରେ ରଖିଥିବା ସୁନା ଅଳଙ୍କାରକୁ ପିନ୍ଧିବାକୁ ଗଲାବେଳେ ୧୦ଭରି ଓଜନର ସୁନା ଅଳଙ୍କାର ନଥିବା ଦେଖିବାକୁ ପାଇଥିଲେ । ତେବେ ନିଜ ଘରର ପରିଚାୟିକାର ଏହି ଗହଣା ଚୋରି ଘଟଣାରେ ହାତ ଥିବା ନେଇ ସୁଜାତା ସନ୍ଦେହ କରିଛନ୍ତି । ଗତ ୫ତାରିଖ ସନ୍ଧ୍ୟାରେ ସୁଜାତା କିଛି ସମୟ ପାଇଁ ଆଲମିରା ଖୋଲାରଖି ଜରୁରୀ କାମରେ ବାହାରକୁ ଗଲାବେଳେ ସେହି ସମୟରେ ପରିଚାୟିକା ଜଣକ ଘର ପଛାପୋଛି କରୁଥିଲା । ତେଣୁ ସେ ହିଁ ଉକ୍ତ ସୁନା ଚୋରି କରିଥିବା ସନ୍ଦେହ କରି ତାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ ସମ୍ପୃକ୍ତ ପରିଚାୟିକାଙ୍କୁ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି । ଅନୁରୂପ ଭାବେ ଗତ ୭ତାରିଖରେ ବେଲଗାଁ ତଳସାହି ନିବାସୀ ଶ୍ରୀରାମ ଦାସ ନିଜ ସ୍ତ୍ରୀଙ୍କ ପାଇଁ ଔଷଧ ନେବାକୁ ବ୍ରହ୍ମପୁର ଆସିଥିଲେ । ଖୋଡ଼ାସିଙ୍ଗି ମୁଖ୍ୟ ରାସ୍ତାରେ ଶ୍ରୀରାମଙ୍କୁ ତାଙ୍କ ଗାଁର ଲିପୁନ ଦାସ, ଭାରତ ଦାସ, ରାମ ଦାସ, ପବିତ୍ର ଦାସ, କୈଳାସ ଦାସ ଓ କାହ୍ନୁ ଦାସ ଆଦି ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରି ତାଙ୍କ ମୋବାଇଲ ଓ ସୁନା ଚେନ ଛଡାଇ ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅନୁରୂପ ଭାବେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ୪ନମ୍ବର ଛାତ୍ରାବାସର ରୁମ ନଂ ୫୦୫ରୁ ମୋବାଇଲ, କ୍ୟାମେରା, ହାର୍ଡଡିସ୍କ ଓ ନଗଦ ୧୦ହଜାର ଟଙ୍କା ଚୋରି ହୋଇଥିବା ନେଇ ବିଶ୍ୱଭୂଷଣ ଜେନା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ଏମକେସିଜି ମେଡିକାଲ କ୍ୟାମ୍ପସ ପରିସରରେ ଥିବା ପୁରୁଷ ଛାତ୍ରାବାସ-୪ରେ ଏଭଳି ଚୋରି ଘଟଣା ଘଟିଥିବା ଜଣାପଡିଛି । ଏକାଧିକ ଛାତ୍ରଙ୍କ ଫୋନ, କ୍ୟାମେରା ଓ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି । ଅଭିଯୋଗ ପରେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି । ଉପରୋକ୍ତ ସମସ୍ତ ଘଟଣାରେ ପୁଲିସ କିଛିଜଣଙ୍କୁ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡିଛି । ତେବେ ଏସବୁ ପଛରେ ସହରରେ ଢିଲା ପେଟ୍ରୋଲିଂ ବ୍ୟବସ୍ଥାକୁ ଲୋକେ ଦାୟୀ କରିଛନ୍ତି ।

# କୁକୁଡ଼ାଖଣ୍ଡି ବ୍ଲକ୍ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଅକାଳ ବିୟୋଗ



**ବ୍ରହ୍ମପୁର,୮ ।୬(ସମିସ):** କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଶନିବାର ଅକାଳ ବିୟୋଗ ଘଟିଛି । କିଛି ଦିନ ଧରି ଶ୍ରୀପାତ୍ର ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ଦେହାନ୍ତ ଘଟିଛି । ଏଭଳି ଦୁଃଖଦ ଖବର ପାଇ ସମଗ୍ର କୁକୁଡାଖଣ୍ଡି ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ତାଙ୍କର ଶେଷଦର୍ଶନ ନିମନ୍ତେ ମରଶରୀରକୁ କୁକୁଡାଖଣ୍ଡିରେ ପରିକ୍ରମା କରାଯାଇଥିଲା । ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସଦର ଥାନା ଏସଡିପିଓ ଶିବଶଙ୍କର ମହାପାତ୍ର, ଦିଗପହଣ୍ଡିର ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ସୀତାରାମ ସାହୁ, କଂଗ୍ରେସ ନେତା ବୃନ୍ଦାବନ ଖଟେ. ସିପିଆଇ ନେତା ବିଦ୍ୟାଧର ଜେନା, ପ୍ରମୋଦ ଜେନା, କାହ୍ନୁ ପାତ୍ର, ସାକା ସୁଜିତ, ଅଜୟ ମହାରଣା, ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାଶ ରଣା, ବ୍ରହ୍ମପୁର ଡେପୁଟି ମୟର ବିବେକ ରେଡି, ଉଷା ରାଣୀ, କୁକୁଡାଖଣ୍ଡିର ପୂର୍ବତନ ବିଡ଼ିଓ ଶମ୍ଭୁନାଥ ନନ୍ଦୀ, ଦିଗପହଣ୍ଡିର ନବନିର୍ବାଚିତ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ କୁକୁଡାଖଣ୍ଡି ବ୍ଲକର କର୍ମଚାରୀ ଓ କୁକୁଡାଖଣ୍ଡି ବ୍ଲକର ବହୁ ବିଜେଡି ନେତା ଶେଷଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଯେ, କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ୧୯୭୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ ମସିହାରେ ରାଜନୀତିରେ ପାଦ ଥାପି ପ୍ରଥମେ କୁକୁଡାଖଣ୍ଡି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ରୂପେ ନିର୍ବାଚିତ ହେବା ପରେ ଦ୍ୱିତୀୟ ଥର ବିଜେଡି ଦଳ ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ପୁଣି ବିଜେଡି ଦଳ ପକ୍ଷରୁ ଲଢ଼ି କୁକୁଡାଖଣ୍ଡି ବ୍ଲକର ଦୁଇଦୁଇ ଥର ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ଶନିବାର ତାଙ୍କର ଦେହାନ୍ତ ଘଟିଛି । ସେ ଜଣେ ଭଦ୍ର, ମେଳାପୀ, ଶାନ୍ତ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ ।

■ କୁକୁଡ଼ାଖଣ୍ଡି ଅଞ୍ଚଳରେ ଶୋକର ଛାୟା

■ ଶେଷଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି

**ଆଜି ଶପଥ ଉତ୍ସବ**

# ଆରମ୍ଭ ହେବ ଏନ୍‌ଡିଏ ୩.୦



- ଦିଲ୍ଲୀରେ ଅଭୂତପୂର୍ବ କଡ଼ା ସୁରକ୍ଷା ବ୍ୟବସ୍ଥା
- ଦୁଇ ଦିନ ପାଇଁ 'ନୋ ଫ୍ଲାଇଙ୍ଗ ଜୋନ' ଘୋଷିତ
- ଯୋଗ ଦେବେ ଦେଶ ବିଦେଶର ୮ ହଜାର ଅତିଥି

ନୂଆଦିଲ୍ଲୀ,୮।୬(ଏଜେନ୍ସି)

ଏନ୍‌ଡିଏ ମେଣ୍ଟର ନେତା ଭାବେ ନିର୍ବାଚିତ ହୋଇଥିବା ନରେନ୍ଦ୍ର ମୋଦୀ ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ମୋଦୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ମଧ୍ୟ ପଦ ଓ ଗୋପନୀୟତାର ଶପଥ ନେବେ। ରାଷ୍ଟ୍ରପତି ଭବନ ପରିସରରେ ରବିବାର ସନ୍ଧ୍ୟା ପ୍ରାୟ ୭.୩୦ଟଶରେ ଏହି ସମାରୋହରେ ଦେଶ ବିଦେଶର ୮ ହଜାରରୁ ଅଧିକ ଆମନ୍ତ୍ରିତ ଅତିଥି ଯୋଗ ଦେବାକୁ ରହିଥିବା ବେଳେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରବିବାର ଏବଂ ସୋମବାର ଦୁଇ ଦିନ ଧରି ଦିଲ୍ଲୀକୁ 'ନୋ ଫ୍ଲାଇଙ୍ଗ ଜୋନ' ଭାବେ ଦଲ୍ଲୀ ପୁଲିସ ଘୋଷଣା କରିଛି। ସମୟ ଅଭାବରୁ ଏ ସମ୍ପର୍କରେ ସବୁ ଏଜେନ୍ସିଙ୍କୁ ପୃଥକ ଭାବେ ଅବଗତ କରିବା ସମ୍ଭବ ହେଉ ନଥିବାରୁ ଦିଲ୍ଲୀ ପୁଲିସ କମିସନର ଏହି ନିର୍ଦ୍ଦେଶନାମାକୁ ସାର୍ବଜନିକ ସ୍ତରରେ ଘୋଷଣା କରିଛନ୍ତି। ଏହି ସମୟରେ ଦିଲ୍ଲୀ ଆକାଶରେ ବିମାନ, ହେଲିକପ୍ଟର, ବେଲୁନ୍, ଓ ଡ୍ରୋନ୍ ଭଳି ଯେ କୌଣସି ଉଡ଼ନ୍ତା ଯାନ ଉପରେ ନିଷେଧାଦେଶ ଲଗାଯାଇଛି।ଏହାବ୍ୟତୀତ ଦିଲ୍ଲୀ ସହରରେ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ପାଇଁ ଅର୍ଦ୍ଧ ସାମରିକ ବାହିନୀ, ଏନଏସଜି କମାଣ୍ଡୋ, ଡ୍ରୋନ୍ ଏବଂ ସ୍ନାଇପରଙ୍କ ସମେତ ୫୦୦ରୁ ଅଧିକ ସିସିଟିଭି ଲଗାଯାଇଥିବା ଦିଲ୍ଲୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସ୍କାନିଂ ଏବଂ ମୁଖ ଚିହ୍ନିବା ପାଇଁ କୃତ୍ରିମ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଏବଂ ଅନୁପ୍ରବେଶ ଚେତାବନୀ ପ୍ରଣାଳୀ ଉପଯୋଗ କରାଯାଇ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସ୍ଥଳ ଏବଂ ଉଚ୍ଚ ଅଟ୍ଟାଳିକାରେ ସ୍ନାଇପରମାନଙ୍କୁ ନିୟୋଜିତ କରାଯିବ ବୋଲି ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର 'ନେବରଉଡ୍ ଫାର୍ଷ୍ଟ ପଲିସି' ବା ପଡ଼ୋଶୀ ରାଷ୍ଟ୍ରଙ୍କୁ ଅଗ୍ରାଧିକାର ଦିଆଯିବା ଭିତ୍ତିରେ ମୋଦୀ ସରକାରଙ୍କ ଏହି ତୃତୀୟ ପର୍ଯ୍ୟାୟ ଶପଥ ଗ୍ରହଣ ଉତ୍ସବକୁ ପ୍ରାୟ ସମସ୍ତ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟଙ୍କୁ ଆମନ୍ତ୍ରିତ କରାଯାଇଛି। ଏହି ସମାରୋହରେ ବାଂଲାଦେଶ, ଶ୍ରୀଲଙ୍କା, ମାଲଦ୍ୱୀପ, ଭୁଟାନ, ନେପାଳ, ମରିସସ୍ ଏବଂ ସେଚେଲ୍ସର ବରିଷ୍ଠ ନେତାମାନେ ଯୋଗଦେବାର ସମ୍ଭାବନା ରହିଛି। ଏହାବ୍ୟତୀତ ୫୦ ପ୍ରମୁଖ ଧର୍ମଗୁରୁ, ବନ୍ଦେ ଭାରତ ଟ୍ରେନ ପ୍ରକଳ୍ପର ଅଧିକାରୀ, ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ନିର୍ମାଣରେ ଜଡ଼ିତ ଥିବା ଶ୍ରମିକଙ୍କ ସମେତ ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରୁ ପ୍ରମୁଖ ବ୍ୟକ୍ତି ବିଶେଷ ମଧ୍ୟ ଏହି ସମାରୋହରେ ଯୋଗ ଦେବେ।ନରେନ୍ଦ୍ର ମୋଦୀ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ସହ ୧୯୯୮ରେ ଗଠନ ହୋଇଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମଧ୍ୟ ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି। ଏହା ଭାରତୀୟ ରାଜନୀତି ଇତିହାସରେ ଏକ ନୂଆ ଅଧ୍ୟାୟ ହେବାକୁ ଯାଉଥିବା ବେଳେ ଶାସକ ଦଳ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଲାଗି ରହିଛି।

## ବେଶିଦିନ ତିଷ୍ଠିବନି ଏନ୍‌ଡିଏ ସରକାର: ମମତା

ମୋଦୀଙ୍କ ଶପଥ ଗ୍ରହଣ ଉତ୍ସବକୁ ଦେଶ ବିଦେଶର ବହୁ ନେତା ଓ ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରଣ କରାଯାଇଥିଲେ ହେଁ କଂଗ୍ରେସ ନେତାଙ୍କୁ ଆମନ୍ତ୍ରଣ କରାଯାଇ ନଥିବା ଦଳର ବରିଷ୍ଠ ପ୍ରବକ୍ତା ଜୟରାମ ରମେଶ ଶନିବାର କହିଛନ୍ତି। ଯଦି ଆମେ ନିମନ୍ତ୍ରଣ ପାଇଥାଆନ୍ତୁ ତେବେ ଏହି ଉତ୍ସବକୁ ଯିବା କିଛି ଅସୁବିଧା ନଥିଲା। ଅନ୍ୟପକ୍ଷର ମୋଦୀଙ୍କ ଶପଥ ଗ୍ରହଣ ଉତ୍ସବକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୟକଟ୍ କରିଛନ୍ତି। ମମତାଙ୍କ ଦଳ ଟିଏମସିକୁ ମଧ୍ୟ ଏହି ସମାରୋହକୁ ଆମନ୍ତ୍ରିତ କରାଯାଇ ନାହିଁ। ତେବେ ନିମନ୍ତ୍ରଣ ଆସିଥିଲେ ବି ସେ ଏହି ଉତ୍ସବକୁ ଯାଇ ନ ଥାଆନ୍ତେ ବୋଲି ମମତା ଶନିବାର ଗଣମାଧ୍ୟମ ଆଗରେ କହିଛନ୍ତି। ଯେଉଁ ଦଳ ଅସାମ୍ବିଧାନିକ ଏବଂ ବେଆଇନ ଭାବେ ସରକାର ଗଢିବାକୁ ଯାଉଛି ସେ ସରକାରକୁ ସଦିଚ୍ଛା ଜଣାଇବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ମମତା କହିଛନ୍ତି। ତେବେ ଏନ୍‌ଡିଏ ସରକାର କେନ୍ଦ୍ରରେ ବେଶିଦିନ ତିଷ୍ଠିବ ନାହିଁ ଏବଂ ଠିକଣା ସମୟରେ ଆମେ ପଦକ୍ଷେପ ନେବୁ ବୋଲି ମମତା କହିଛନ୍ତି।

**କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦାବି**

# ରାହୁଲଙ୍କୁ ବିରୋଧୀ ଦଳ ନେତା ପାଇଁ ପ୍ରସ୍ତାବ ପାରିତ



ନୂଆଦିଲ୍ଲୀ,୮।୬(ଏଜେନ୍ସି)

ଆସନ୍ତାକାଲି ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ସହିତ କେନ୍ଦ୍ରରେ ଏନଡିଏ ସରକାର ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଲୋକସଭା ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ଦେବାକୁ ଏକ ପ୍ରସ୍ତାବ ପାରିତ କରାଯାଇ ଏହାକୁ ଗ୍ରହଣ କରିବାକୁ ତାଙ୍କୁ ଦଳୀୟ ନେତାମାନେ ଅନୁରୋଧ ଜଣାଇଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଙ୍କୁ ଯେଉଁଳି ସଫଳତା ମିଳିଛି ତାହା ପଛରେ ରାହୁଲ ଗାନ୍ଧୀଙ୍କ ବଡ଼ ଭୂମିକା ରହିଛି। ବିଶେଷକରି ତାଙ୍କ ନେତୃତ୍ୱରେ ସାରା ଦେଶରେ ସମ୍ପନ୍ନ ହୋଇଥିବା ଭାରତ ଯୋଡୋ ଯାତ୍ରା ଏବଂ ନ୍ୟାୟ ଯାତ୍ରାକୁ ନେଇ କଂଗ୍ରେସକୁ ବହୁ ସଫଳତା ମିଳିଥିବାରୁ ସେ ହିଁ ସଂସଦରେ ବିରୋଧୀ ନେତାଙ୍କ ନେତୃତ୍ୱ ନେବା ଉଚିତ ବୋଲି ଦଳୀୟ ନେତା ଦାବି କରିଛନ୍ତି। ଅନ୍ୟ ପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ବୈଠକରେ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳର ସଂସଦୀୟ ନେତ୍ରୀ ଭାବେ ସର୍ବସମ୍ମିତିକ୍ରମେ ପୁନଃ ନିର୍ବାଚିତ କରାଯାଇଛି।

## ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ



**ଆକ୍ରମଣକାରୀ ଗିରଫ**

କୋପେନହେଗନ୍,୮।୬(ଏଜେନ୍ସି): ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍ସନଙ୍କ ଉପରେ ଆକ୍ରମଣ ହୋଇଛି। ସେଣ୍ଟ୍ରାଲ କୋପେନହେଗେନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମେଟେ ଯୋଗ ଦେବାକୁ ଯାଉଥିବା ବେଳେ ହଠାତ୍ ଜଣେ ବ୍ୟକ୍ତି ତାଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଥିଲା। ଏଥିରେ ମେଟେଙ୍କ ଗାଡ ମକଚି ହୋଇଯାଇଥିବାରୁ ସେ ସାମାନ୍ୟ ଆହତ ହୋଇଥିବା କୁହାଯାଇଛି। ପରେ ଆକ୍ରମଣକାରୀକୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକ୍ସନ୍ ଶୁକ୍ରବାର ସନ୍ଧ୍ୟାରେ କୋପେନହେଗନର କୁଲଟର୍ଭେଟ୍ ସ୍କୋୟାରରେ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ପରେ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଥିଲା। ଏଭଳି ଘଟଣା ପ୍ରଧାନମନ୍ତ୍ରୀ ମେଟେଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ କେଉଁ କାରଣରୁ ବ୍ୟକ୍ତି ଜଣଙ୍କ ଉତ୍ତେଜିତ ହୋଇ ଏଭଳି କାଣ୍ଡ କରିଛି ତାହାର ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ଭାରତର ଭାବି ପ୍ରଧାନମନ୍ତ୍ରୀ ମୋଦୀ ଉଦ୍‌ବେଗ ପ୍ରକାଶ କରିବା ସହିତ ନିନ୍ଦା କରିଛନ୍ତି।

## ଆସନ ଛାଡ଼ିବେ ଅଖିଳେଶ ଯାଦବ



ଲକ୍ଷ୍ନୌ, ୮।୬ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖିଆ ଅଖିଳେଶ ଯାଦବ ଏଥର କେନ୍ଦ୍ରରେ ରାଜନୀତି କରିବେ। ଏଥିପାଇଁ ସେ ବିଧାୟକ ପଦ ଛାଡ଼ିଦେବେ। ଶନିବାର ବିଜୟୀ ୩୭ ସାଂସଦଙ୍କ ସହ ବୈଠକ କରି ଅଖିଳେଶ ଏହି ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି ଯେ ପିଡିଏ (ପଛୁଆ ବର୍ଗ, ଦଳିତ ଏବଂ ସଂଖ୍ୟାଲଘୁ) ଙ୍କ ରଣନୀତିର ବିଜୟ ଯୋଗୁଁ ଦେଶରେ ନକରାତ୍ମକ ରାଜନୀତି ଶେଷ ହୋଇଯାଇଛି। ଏବେ ସମାଜବାଦୀଙ୍କ ଦାୟିତ୍ୱ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ ଅଖିଳେଶ ୨୦୨୨ରେ ମୈନପୁରୀର କରହଲ ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ଥିଲେ। ବିଜୟ ପରେ ସେ ଆଜମଗଡ଼ ସାଂସଦ ପଦରୁ ଇସ୍ତଫା ଦେଇ ଦେଇଥିଲେ। ପରେ ଏଠାରେ ହୋଇଥିବା ଉପ-ନିର୍ବାଚନରେ ଦିନେଶ ଲାଲ ଯାଦବ ନିରହୁଆ ବିଜୟୀ ହୋଇଥିଲେ।

## ହମାସ୍ କବଳରୁ ୪ ବନ୍ଦୀଙ୍କୁ ମୁକ୍ତକଲା ଇସ୍ରାଏଲ



ତେଲ ଆଭିଭ, ୮।୬ (ଏଜେନ୍ସି): ଇସ୍ରାଏଲକୁ ବଡ଼ ସଫଳତା ମିଳିଛି। ଆତଙ୍କବାଦୀ ସଂଗଠନ ହମାସ୍ କବଳରୁ ଇସ୍ରାଏଲ ସେନା (ଆଇଡିଏଫ୍) ୪ ବନ୍ଦୀଙ୍କୁ ଛଡ଼ାଇ ଆଣିଛି। ଏଥିପାଇଁ ଗାଜାର ନୁସିରତ ଅଞ୍ଚଳରେ କରାଯାଇଥିବା ଅଭିଯାନରେ ୫୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଆଇଡିଏଫ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଅଭିଯାନ ଅତ୍ୟନ୍ତ କଠିନ ଏବଂ ବିପଦପୂର୍ଣ୍ଣ ଥିଲା ବୋଲି କୁହାଯାଇଛି। ମୁକ୍ତ ବନ୍ଦୀଙ୍କ ମଧ୍ୟରେ ୩ ଯୁବକ ଏବଂ ୨୫ ବର୍ଷୀୟ ଯୁବତୀ ନୋଆ ଅର୍ଗମାନି ନାମ ସାମିଲ ଅଛନ୍ତି। ହମାସ ସଦସ୍ୟ ତାଙ୍କୁ ଜୋରଜବରଦସ୍ତି ବାଇକରେ ଉଠାଇ ନେଇଥିଲେ। ଗତ ବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣ ହେବା ପରେ ନୋଆଙ୍କ ଭିଡିଓ ଭାଇରାଲ ହୋଇଥିଲା। ବନ୍ଦୀଙ୍କୁ ହମାସ ଅଲଗା ଅଲଗା ସ୍ଥାନରେ ଲୁଚାଇ ରଖିଥିଲା।

## ୧୦ ବର୍ଷ ଧରି ଖାଲି ପଡ଼ିଥିଲା ବିରୋଧୀ ନେତା ପଦବୀ



ଲୋକସଭାରେ ବିଗତ ୧୦ ବର୍ଷ ହେଲା ବିରୋଧୀ ଦଳ ନେତା ପଦବୀ ଖାଲି ପଡ଼ିଥିଲା। ଯାହାକି ଚଳିତ ଥର ପୂର୍ଣ୍ଣ ହେବାକୁ ଯାଉଛି। ୨୦୧୪ ନିର୍ବାଚନରେ କଂଗ୍ରେସକୁ ମାତ୍ର ୪୪ଟି ଆସନ ମିଳିଥିଲା ବେଳେ ୨୦୧୯ ମଧ୍ୟ ଦଳ ୫୨ ଆସନରେ ବିଜୟୀ ହୋଇଥିଲା। କିନ୍ତୁ ବିରୋଧୀ ନେତା ପଦ ପାଇଁ ଯେତିକି ସଂଖ୍ୟକ ସାଂସଦଙ୍କ ଆବଶ୍ୟକତା ରହିଥିଲା ତାହାକୁ କଂଗ୍ରେସ ପୂରଣ କରିବାକୁ ସମର୍ଥ ହୋଇ ନଥିଲା। ଲୋକସଭାର ମୋଟ ସାଂସଦଙ୍କ ସଂଖ୍ୟା ୫୪୩ ରହିଥିବା ବେଳେ ବିରୋଧୀ ଦଳ ନେତା ଭାବେ କୌଣସି ଦଳର ନେତାଙ୍କ ପ୍ରତି ୧୦ ପ୍ରତିଶତ ଭାବେ ସର୍ବନିମ୍ନ ୫୪ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ହେଲେ ବିଗତ ଦୁଇଟି ନିର୍ବାଚନରେ କଂଗ୍ରେସ ଏଥିପାଇଁ ସକ୍ଷମ ହୋଇପାରି ନଥିଲା। କିନ୍ତୁ ଚଳିତ ନିର୍ବାଚନରେ କଂଗ୍ରେସ ୯୯ଟି ଆସନ ହାସଲ କରିଥିବାରୁ ରାହୁଲ ଗାନ୍ଧୀଙ୍କୁ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ଦେବାକୁ ଦଳ ନିଷ୍ପତ୍ତି ନେଇଛି।

■ ବୃଦ୍ଧଙ୍କୁ ହତ୍ୟାପରେ ମଣିପୁରରେ ପୁଣି ହିଂସା

# ଘର ଛାଡ଼ି ପଳାଇଲେ ୨୦୦ ମେଇତି



ଇମ୍ଫାଲ, ୮।୬ (ଏଜେନ୍ସି)

ମଣିପୁର ଜିରିବାମ ଜିଲ୍ଲାରେ ଗୁରୁବାର ସନ୍ଧ୍ୟାରେ ମେଇତି ସମ୍ପ୍ରଦାୟର ବୃଦ୍ଧ ସୋଇବାମ ସରତକୁମାର ସିଂହଙ୍କୁ ହତ୍ୟା କରାଯାଇଛି। ଏହାକୁ ବିରୋଧରେ ଅଞ୍ଚଳରେ ପୁଣି ହିଂସା ସୃଷ୍ଟି ହୋଇଛି। ଗ୍ରାମବାସୀ ଜିରିବାମ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିର୍ବାଚନ ପୂର୍ବରୁ ଜବତ କରାଯାଇଥିବା ବନ୍ଧୁକ ଫେରାଇବାକୁ କହିଛନ୍ତି। ଏହାକୁ ଦେଖି ଜିଲ୍ଲାରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ପୁଲିସ କମାଣ୍ଡୋ ଅଧିକାରୀଙ୍କୁ ଜିରିବାମରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ହିଂସା ଯୋଗୁଁ ୨୦୦ ମେଇତି ଲୋକଙ୍କୁ ଘରୁ ବାହାର କରି ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ଅନେକ ଗ୍ରାମବାସୀ ଜୀବନ ବିକଳରେ ଜଙ୍ଗଲରେ ଲୁଚିଛନ୍ତି। ଆଉ କିଛି ଜିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଛନ୍ତି। ଏମାନଙ୍କ ଘରକୁ କୁକି ଉଗ୍ରବାଦୀ ନିଆଁ ଲଗାଇ ଦେଇଥିଲେ। ବୃଦ୍ଧଙ୍କ ହତ୍ୟା ପଛରେ ମଧ୍ୟ ଏହି ଉଗ୍ରବାଦୀଙ୍କ ହାତ ରହିଛି। ଏହା ପୂର୍ବରୁ ଗୁରୁବାର ମଣିପୁର ହିଂସାର ମାଷ୍ଟରମାଇଣ୍ଡ ଥୋଙ୍ଗମିଥାଙ୍ଗ ହାଓକିପ ଓରଫ ଥାଙ୍ଗବୋଇ ହଓକିପ ଓରଫ ରୋଜର (କେଏନ୍‌ଏଫ୍-ଏମସି) କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ୟୁଏପିଏ ଆଇନ ଅଧିନରେ ମାମଲା ରୁଜୁ କରାଯାଇଛି। ସେ ମ୍ୟାଁମାର ଏବଂ ପୂର୍ବୋତ୍ତର ଭାରତରେ ସକ୍ରିୟ ଅନ୍ୟ ଆତଙ୍କବାଦୀ ସଂଗଠନଙ୍କ ସହଯୋଗରେ ମଣିପୁରରେ ଅଶାନ୍ତି ଜାରି ରଖିବା ପାଇଁ ଷଡ଼ଯନ୍ତ୍ର ରଚି ଥିଲେ। ଏହା ଅଧିନରେ ହିଁ ବୃଦ୍ଧଙ୍କୁ ହତ୍ୟା କରାଯାଇଥିଲା ବୋଲି କୁହାଯାଉଛି।

**କଙ୍ଗନାଙ୍କୁ ଚାପୁଡ଼ା ମାମଲା**

# ସିଆଇଏସ୍ଏଫ୍ କନଷ୍ଟେବଲଙ୍କୁ ପଞ୍ଜାବ କିଶାନ କଂଗ୍ରେସର ସମର୍ଥନ

ଚଣ୍ଡିଗଡ଼, ୮।୬ (ଏଜେନ୍ସି)

ଚଣ୍ଡିଗଡ଼ ବିମାନବନ୍ଦରରେ ବିଜେପି ସାଂସଦ କଙ୍ଗନା ରାଣାୱତଙ୍କୁ ଚାପୁଡ଼ା ମାରିଥିବା ସିଆଇଏସଏଫ୍‌ର ମହିଳା କନଷ୍ଟେବଲ କୁଲବିନ୍ଦର କୌରଙ୍କୁ ପଞ୍ଜାବ କିଶାନ କଂଗ୍ରେସ ସମର୍ଥନ ଦେଇଛି। ଏହାର ଅଧ୍ୟକ୍ଷ କିରଣଜିତ ସିଂହ ସନ୍ଧୁ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜବାବ ମାଗିଛନ୍ତି। ଅଭିନେତ୍ରୀ ଶିଖଙ୍କୁ ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀ କାହିଁକି କହିଲେ ତାହାର ଜବାବ ଦିଅନ୍ତୁ ବୋଲି ଦାବି କରିଛନ୍ତି। ସନ୍ଧୁ କହିଛନ୍ତି ଯେ ପଞ୍ଜାବ ଲୋକସଭା ସାଂସଦ ସଂସଦରେ ଏହି ଦାବି ଉଠାଇବା ଉଚିତ। ଏହି ଘଟଣାକୁ ନେଇ ସେ ପଞ୍ଜାବ ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାର ଗୋଟିଏ ପଟେ ଜୟ ଯବାନ ଜୟ କିଶାନ ସ୍ଲୋଗାନ ଦେଉଥିବାବେଳେ ଅନ୍ୟପଟେ ସିଆଇଏସଏଫ ଯବାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ଏଥିରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ଦୋମୁହାଁ ନୀତି



ମଧ୍ୟ ପଦାରେ ପଡ଼ିଯାଇଛି। ଏହି ମାମଲାରେ ସଂଗଠନ କୁଲବିନ୍ଦରଙ୍କ ପରିବାରକୁ ସହୟତା ଯୋଗାଇ ଦେବ ଏବଂ ନ୍ୟାୟର ଲଢ଼େଇ ଲଢିବ। ତାଙ୍କୁ ନ୍ୟାୟ ଦେବା ପାଇଁ ରବିବାର ପଞ୍ଜାବର ଅନେକ ଚାଷୀ ସଂଗଠନ ମୋହାଲିରେ ଏକାଠି ହେବେ।

**ଆଣ୍ଟାର୍କଟିକାରେ ବରଫ ପାହାଡ଼ ହ୍ରାସ ପାଇବା ଘଟଣା**

# ରହସ୍ୟ ଉନ୍ମୋଚନ କଲେ ଭାରତୀୟ ବୈଜ୍ଞାନିକ

ନୂଆଦିଲ୍ଲୀ, ୮।୬ (ଏଜେନ୍ସି)

ଭାରତୀୟ ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ଆଣ୍ଟାର୍କଟିକା ସମୁଦ୍ରରେ ଥିବା ବରଫ ପାହାଡ଼ ହ୍ରାସର ରହସ୍ୟ ଉନ୍ମୋଚନ ହୋଇଯାଇଛି। ମହାସାଗର ଉପର ଭାଗ ଅତ୍ୟଧିକ ଉତ୍ତପ୍ତ ରହିବା ଯୋଗୁଁ ସମୁଦ୍ରରେ ବରଫ ହ୍ରାସ ପାଇଥିଲା ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଭାରତର ନ୍ୟାସନାଲ ସେଣ୍ଟର ଫର୍ ପୋଲାର ଆଣ୍ଡ ଓସେନ ରିସର୍ଚ୍ଚ (ଏନସିପିଓଆର) ଏବଂ ବ୍ରିଟେନର ବ୍ରିଟିଶ ଆଣ୍ଟାର୍କଟିକା ସର୍ବେକ୍ଷଣର ସହଯୋଗରେ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ୨୦୨୩ରେ ଆଣ୍ଟାର୍କଟିକା ବରଫ ଆଚ୍ଛାଦିତ କ୍ଷେତ୍ରରେ ଅହେତୁକ ହ୍ରାସ ଏବଂ ଏହା ତରଳିବାର କାରଣ ଦର୍ଶାଯାଇଛି। ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ଯୋଗୁଁ ଗତ ଦଶନ୍ଧିରେ ଆର୍କଟିକର ସାମୁଦ୍ରିକ ବରଫ ସ୍ତର ଦ୍ରୁତ ହ୍ରାସ ପାଇଥିଲା। ମାତ୍ର ୨୦୧୫ ସୁଦ୍ଧା ଆଣ୍ଟାର୍କାଟିକାର ତାପମାତ୍ରା ସେତେବ ଅଧିକ ବୃଦ୍ଧି ଦେଖିବାକୁ ମିଳି ନ ଥିଲା। କିନ୍ତୁ ୨୦୧୬ ପରଠାରୁ ତାପମାତ୍ରା ବୃଦ୍ଧି ପାଇବାରୁ ବରଫ ସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଥିଲା। ବିଶେଷ କରି ୨୦୧୬ରୁ



୨୦୨୨ ମଧ୍ୟରେ ପ୍ରତି ବର୍ଷ ଖରା ଦିନେ ବରଫ ପାହାଡ଼ ଅତ୍ୟନ୍ତ ମନ୍ଥର ଗତିରେ ବଢ଼ି ଥିଲା। ମାତ୍ର ୨୦୨୩ରେ ଏହା ବିପଜ୍ଜନକ ସଙ୍କେତ ଦେଇଥିଲା। ସେହି ବର୍ଷ ସେପ୍ଟେମ୍ବର ୭ରେ ବରଫସ୍ତର ବହୁତ ଅଧିକ ହ୍ରାସ ପାଇ ୧୬.୯୮ ମିଲିୟନ ସ୍କୋୟାର କିମିରେ ପହଞ୍ଚି ଯାଇଥିଲା। ଏହା ଦୀର୍ଘକାଳୀନ ଅବଧିଠାରୁ ୧.୪୬ ମିଲିୟନ ସ୍କୋୟାର କିମି କମ୍ ଥିଲା।

ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ମହାସାଗର ଉପର ଭାଗ ଅତ୍ୟଧିକ ଗରମ ରହିବାରୁ ଏଭଳି ହୋଇଥିଲା। ଏଥିପାଇଁ ବରଫ ଆଚ୍ଛାଦିତ କ୍ଷେତ୍ର ବୃଦ୍ଧି ନ ପାଇ ହ୍ରାସ ପାଇବାରେ ଲାଗିଥିଲା। ଏହା ବ୍ୟତୀତ ବାୟୁମଣ୍ଡଳୀୟ ଚାପରେ ଅତ୍ୟଧିକ ପରିବର୍ତ୍ତନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ବାୟୁର ଧାରା ବଦଳିବା କାରଣରୁ ମହାସାଗରରେ ଉତ୍ତର ଦିଗ ଅଭିମୁଖେ ଜୋର ପବନ ପ୍ରବାହିତ ହୋଇଥିଲା। ଏଥିପାଇଁ ତାପମାତ୍ରା ରେକର୍ଡ ବୃଦ୍ଧି ପାଇଥିଲା। ଏହା ବରଫକୁ ନିଜର ସ୍ୱାଭାବିକ ସ୍ଥିତିଠାରୁ ଦକ୍ଷିଣ ଦିଗରେ ରହିବାକୁ ବାଧ୍ୟ କରିଥିଲା। ଜୋରରେ ପବନ ହେବାରୁ ଏବଂ ଝଡ଼ ତୋଫାନ ଯୋଗୁଁ ୱେଡେଲ ସାଗରର ବରଫ କିଛି ଦିନରେ ଦକ୍ଷିଣ ଦିଗକୁ ୨୫୬ କିମି ପର୍ଯ୍ୟନ୍ତ ଖସି ଯାଇଥିଲା। ଏଥିପାଇଁ ବ୍ରିଟେନ ଆକାରର ବରଫ ହ୍ରାସ ପାଇଥିଲା। ଏହା ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବକୁ ଦର୍ଶାଉଛି। ଗବେଷକଙ୍କ ସୂଚନା ଅନୁଯାୟୀ ଗତ ୪୫ ବର୍ଷର ଉପଗ୍ରହ ଚିତ୍ରର ବିଶ୍ଳେଷଣ କରାଯାଇଥିଲା। ଏହି ରେକର୍ଡକୁ ଧ୍ୟାନରେ ରଖି ଗତ ୭ ବର୍ଷରେ ବରଫ ସ୍ତର ହ୍ରାସବୃଦ୍ଧିର କାରଣ ଖୋଜିବା ଅତ୍ୟନ୍ତ କଠିନ ଥିଲା। ଏହି ଅଧ୍ୟୟନର ପ୍ରଭାବ ସୁଦୂରପ୍ରସାରୀ। ବରଫ ହ୍ରାସ ବିଶ୍ୱର ସମୁଦ୍ରସ୍ତରକୁ ପ୍ରଭାବିତ କରିଛି। ଏହା 'ସଦର୍ଣ୍ଣ ଓସେନ ଇକୋସିଷ୍ଟମ', ଆଞ୍ଚଳିକସ୍ତରରେ ଜଳବାୟୁ ପରିବର୍ତ୍ତନ ଏବଂ ସାମଗ୍ରିକ ସାମୁଦ୍ରିକ ପ୍ରବାହ ଉପରେ ମଧ୍ୟ ପ୍ରଭାବ ପକାଇଛି। ତେଣୁ ଏହାକୁ ଗୁରୁତର ସହ ନେବା ଜରୁରୀ। ତେବେ ଏହି କ୍ଷେତ୍ରରେ ମନୁଷ୍ୟକୃତ ଚାପ ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ଥିବା ସମ୍ବନ୍ଧ ଅସ୍ପଷ୍ଟ ରହିଛି। ତେଣୁ ଏହା ଉପରେ ଅଧିକ ଗବେଷଣା କରାଯିବା ଉଚିତ ବୋଲି କୁହାଯାଇଛି।




















କେହି ଜନ୍ମରୁ ଅପରାଧୀ ହୋଇ ନ ଥା'ନ୍ତି । ଅଧିକାଂଶ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ମଣିଷକୁ ଅପରାଧୀ ସଜେଇ ଦିଏ । ଏହିକ୍ରମରେ କାରାଗାର ବ୍ୟବସ୍ଥା ଆରମ୍ଭ ହେବା ଦିନରୁ ଜେଲ୍ ଜୀବନକୁ ଏକ ଦଣ୍ଡ ଭାବେ ବିବେଚନା କରାଯାଉଛି । ଫଳରେ ଜେଲ୍‌ରେ ରହୁଥିବା ଅନ୍ତେବାସୀ ଅଧିକରୁ ଅଧିକ ଉଗ୍ର ହୋଇଉଠେ ଏବଂ ବାହାରିବା ପରେ ରୋଜଗାରର କୌଣସି ପନ୍ଥା ନ ପାଇଁ ପୁରୁଣା ଅସାମାଜିକ କାର୍ଯ୍ୟକୁ ଆପଣାଇଥାନ୍ତି । ଏପରିସ୍ଥଳେ ଜେଲ୍ ଅନ୍ତେବାସୀଙ୍କୁ ନିଯୁକ୍ତି ଓ ଅର୍ଥ ରୋଜଗାର ଦିଗରେ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ '୫-ଟି' ଉପକ୍ରମରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପମାନେ ଗ୍ରହଣ କରାଯାଇଛି । ଯାହାଦ୍ୱାରା ଜଣେ କଏଦୀ ଜେଲ୍‌ରୁ ଫେରି ଆତ୍ମନିର୍ଭରଶୀଳ ହେବା ସହ ସମାଜରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ମଧ୍ୟ ପାଲଟିଯାଉଛି । ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: ତ୍ରିନାଥ ମହାନ୍ତି

## ଜେଲ୍ ସଂସ୍କାର

# କାରାଗାରରୁ କ୍ୟାରିୟର୍

**ଜେଲ୍‌ରୁ ବାହାରିବା ପରେ ଅନ୍ତେବାସୀମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ଅନ୍ତେବାସୀଙ୍କୁ ତାଲିମ ଦିଆଯାଉଛି । କାରଗାର ପରିସରରେ ମାଛ ଚାଷ ଠାରୁ ଆରମ୍ଭ କରି ହସ୍ତଶିଳ୍ପ କାରିଗରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି । ଏବେ ଜେଲ୍‌ରେ ନୂତନ କରି ରଙ୍ଗିନ୍ ମାଛ ଚାଷ ଏବଂ ଅନ୍ୟାନ୍ୟ ପନିପରିବା ଚାଷ କରାଯାଉଛି ।**

### କଏଦୀରୁ ମେଡିକାଲ୍ ଆଟେଣ୍ଡାଣ୍ଟ

ରାଜ୍ୟରେ ଥିବା ଅନେକ ମେଡିକାଲ୍‌ରେ ଆଟେଣ୍ଡାଣ୍ଟ ଅଭାବ ରହିଛି । ଜେଲ୍‌ରେ ଥିବା ହସ୍ପିଟାଲରେ ମଧ୍ୟ ଆଟେଣ୍ଡାଣ୍ଟର ଅଭାବ ଦେଖିବାକୁ ମିଳୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଝାରପଡ଼ା ଏବଂ ଅନ୍ୟ ଜେଲ୍‌ରେ ମେଡିକାଲ୍ ଆଟେଣ୍ଡାଣ୍ଟ ଟ୍ରେନିଂ ଦିଆଯାଇଛି । ପ୍ରଥମଥର କରି ୩୫ ଜଣ କଏଦୀ ମେଡିକାଲ୍ ଆଟେଣ୍ଡାଣ୍ଟ ଟ୍ରେନିଂ ନେଉଛନ୍ତି ।

### ବାୟଫ୍ଲୋକ୍ ଦେଉଛି ରୋଜଗାର

ଝାରପଡ଼ା ଏବଂ ଅନ୍ୟ ୫ଟି ଜେଲ୍‌ରେ ଆରମ୍ଭ ହୋଇଛି ବାୟଫ୍ଲୋକ୍ । ଝାରପଡ଼ାରେ ପ୍ରଥମ ପର୍ଯ୍ୟାୟରେ ୭ ହଜାର ୫ ଶହ ଜଲଙ୍ଗ ମାଛ ଏବଂ ୧୩ ଶହ ତିଲାପିଆ ମାଛ ଯାଆଁଳ ଛଡ଼ାଯାଇଛି ଓ ସେଗୁଡ଼ିକ ବଡ଼ ହେବା ପରେ ଏହାକୁ ବିକ୍ରି କରାଯାଇ ଅନ୍ତେବାସୀଙ୍କୁ ରୋଜଗାରକ୍ଷମ କରାଯିବାର ଲକ୍ଷ୍ୟ ରଖାଯାଇଛି ।

### ୪ ବର୍ଷରେ ୧୩, ୪୨୩ କଏଦୀ ଶିକ୍ଷିତ

ଜେଲ୍ ବିଭାଗରେ '୫-ଟି' ଲାଗୁ ପରେ ଜେଲ୍ ବ୍ୟବସ୍ଥାରେ ଆସିଛି ସଂସ୍କାର । କଏଦୀ ନିଜର ଭବିଷ୍ୟତ ଗଢ଼ିବାର ସୁଯୋଗ ପାଉଛନ୍ତି । ଜେଲ୍ ଅନ୍ତେବାସୀ ପାଠପଢ଼ି ଶିକ୍ଷିତ ହେଉଛନ୍ତି । ଯେଉଁଥିପାଇଁ ପ୍ରତିବର୍ଷ ଜେଲ୍‌ରେ ଶିକ୍ଷିତ କଏଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଯାହାକି ଏନ୍‌ସିଆର୍‌ବି (ଜାତୀୟ ଅପରାଧ ବ୍ୟୁରୋ ରେକର୍ଡ) ରୁ ସ୍ପଷ୍ଟ ହୋଇଛି । ଗତ ୪ ବର୍ଷରେ ଜେଲ୍‌ରେ ୧୩,୪୨୩ କଏଦୀ ପାଠପଢ଼ି ଶିକ୍ଷିତ ହୋଇଥିବା ଜଣାପଡ଼ିଛି । ୨୦୧୮ରେ ୩,୮୩୩ ଜଣ ଓ ୨୦୧୯ରେ ୩,୭୨୫ ଜଣ କଏଦୀ ଶିକ୍ଷିତ ହୋଇଛନ୍ତି । ସେହିପରି ୨୦୨୦ରେ ୩,୨୪୫ କଏଦୀ ଶିକ୍ଷିତ ହୋଇଥିବା ବେଳେ ୨୦୨୧ରେ ୨,୬୨୦ କଏଦୀ ଥିଲେ ।

୨୦୨୧ରେ ରାଜ୍ୟରେ ଥିବା ୮୮ଟି ଜେଲ୍‌ରେ ୯୨୭ଜଣ ଅଶିକ୍ଷିତ କଏଦୀ ଥିବା ବେଳେ ଦଶମ ଶ୍ରେଣୀ ତଳକୁ ୧,୨୭୧ ଜଣ କଏଦୀ ଅଛନ୍ତି । ସେହିପରି ଦଶମ ଶ୍ରେଣୀରୁ ସ୍ନାତକ ପାଠ ପଢ଼ିଥିବା ୩୩୧ଜଣ କଏଦୀ ଅଛନ୍ତି । ସେହିଭଳି ଗ୍ରାଜୁଏସନ୍ ପଢ଼ିଥିବା ୭୧ ଜଣ କଏଦୀ ଥିବାବେଳେ ଡିଗ୍ରୀ(ଡିପ୍ଲୋମା) ପାଠ ପଢ଼ିଥିବା ୧୩ଜଣ କଏଦୀ ଅଛନ୍ତି । ସେହିପରି ପିଜି ସାରିଥିବା କଏଦୀଙ୍କ ସଂଖ୍ୟା ୭ ରହିଥିବା ରିପୋର୍ଟରୁ ଜଣାପଡ଼ିଛି ।

୨୦୧୮ରେ ରାଜ୍ୟରେ ୮୮ ଜେଲ୍‌ରେ ୧୦୫୫ ଅଶିକ୍ଷିତ କଏଦୀ ଥିବାବେଳେ ଦଶମ ପଢ଼ିଥିବା ୧୯୮୨ କଏଦୀ ଅଛନ୍ତି । ଦଶମ ଶ୍ରେଣୀରୁ ଗ୍ରାଜୁଏସନ୍ ପାଠ ପଢ଼ିଥିବା ୬୨୩ କଏଦୀ ରହିଥିଲେ । ୧୩୯ କଏଦୀ ଗ୍ରାଜୁଏସନ୍ ପାଠ ପଢ଼ିଥିବା ବେଳେ ୨୧ ଡିଗ୍ରୀ ଏବଂ ୧୩ ଗ୍ରାଜୁଏସନ୍ ପଢ଼ିଛନ୍ତି । ୨୦୧୯ରେ ୧୦୩୮ ଅଶିକ୍ଷିତ




କଏଦୀ ଥିବାବେଳେ ଦଶମ ଶ୍ରେଣୀ ତଳକୁ ୧,୮୬୮ କଏଦୀ ଅଛନ୍ତି । ୧୩୬ ଜଣ ଗ୍ରାଜୁଏସନ୍, ୧୩ ଜଣ ଡିଗ୍ରୀ ଏବଂ ୧୩ ଜଣ ପିଜି ପାଠ୍ୟକ୍ରମ ଶେଷ କରିଛନ୍ତି । ୨୦୨୦ରେ ବିଭିନ୍ନ ଜେଲ୍‌ରେ ୧୦୦୭ ଅଶିକ୍ଷିତ କଏଦୀ ରହୁଛନ୍ତି । ୧୬୯୭ଜଣ କଏଦୀ ଦଶମ ଶ୍ରେଣୀ ତଳକୁ ପାଠ ପଢ଼ିଥିବା ବେଳେ ଦଶମରୁ ଗ୍ରାଜୁଏସନ୍ ପର୍ଯ୍ୟନ୍ତ ୩୬୦ କଏଦୀ ରହୁଥିଲେ । ଗ୍ରାଜୁଏସନ୍ ପାଠ ପଢ଼ିଥିବା ୧୪୮, ଡିଗ୍ରୀ ପାଠ ପଢ଼ିଥିବା ୧୯ଜଣ ଏବଂ ୧୪ଜଣ କଏଦୀ ପିଜି ପଢ଼ିଛନ୍ତି ।



### ଜେଲ୍ ଭିତରେ ଅଙ୍ଗନବାଡ଼ି

ଅନେକ ମହିଳା ଗର୍ଭବତୀ ସମୟରେ କୌଣସି ଅପରାଧ ମାମଲାରେ ଜେଲ୍‌ଦଣ୍ଡ ଭୋଗୁଛନ୍ତି । ଜେଲ୍‌ରେ ଶିଶୁ ଜନ୍ମ ହେବା ପରେ ସେମାନଙ୍କ ଯତ୍ନ ନେବାର ବ୍ୟବସ୍ଥା କରାଯାଇଛି । ଅପରାଧ ନ କରି ଏହି କୋମଳ ଶିଶୁ ଜେଲ୍ ଭିତରେ ୬ ବର୍ଷ ପର୍ଯ୍ୟନ୍ତ ମା' ସହ ସଜା କାଟୁଛନ୍ତି । ଜେଲ୍‌ରେ ଶିଶୁ ଜନ୍ମ ହେବା ପରେ ତା'ର ଯତ୍ନନେବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ କୁହାଯାଇଛି । ସେ ପାଠ ପଢ଼ିବା ପାଇଁ ଅଙ୍ଗନବାଡ଼ି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପାଇଁ ମେଡିକାଲ ବ୍ୟବସ୍ଥା କରିବାକୁ କୁହାଯାଇଛି ।

### ସପ୍ତାହକୁ ୨ ଦିନ ଆମିଷ

କଏଦୀଙ୍କ ପାଇଁ ଜେଲ୍‌ରେ ଆମିଷ ଭୋଜନ ଦିଆଯାଉଛି । ସେମାନଙ୍କ ଶରୀରର ସନ୍ତୁଳନ ଯେପରି ନବିଗିଡ଼ିବ ସେଥିଲାଗି ସୁଷମ ଖାଦ୍ୟର ବ୍ୟବସ୍ଥା କରାଯାଉଛି । ସପ୍ତାହକୁ ୨ ଦିନ ମାଛ, ଅଣ୍ଡା ଏବଂ ଚିକେନ୍ ଦିଆଯାଉଛି । ପୂର୍ବରୁ କଏଦୀଙ୍କ ମଟନ ଦିଆଯାଉଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ବନ୍ଦ କରି ଦିଆଯାଇଛି । ବୁଧବାର କଏଦୀଙ୍କୁ ଅଣ୍ଡା ଦିଆଯାଉଥିବା ବେଳେ ରବିବାର ମାଛ, କିମ୍ବା ଚିକେନ୍ କରାଯାଉଛି । ସାଧା ଖାଉଥିବା କଏଦୀଙ୍କୁ ଭାତ ଡାଲମା ଏବଂ ପନିର୍ ଖାଇବାକୁ ଇଡ୍‌ଲି, ଘୁଗୁନି ଦିଆଯାଉଛି । ନ ହେଲେ ଚୁଡ଼ା, କଦଳୀ ଏବଂ ଉପମା ଦିଆଯାଉଛି । ଦିନ ୧୨ଟାରେ ମିଲ୍ ଏବଂ ରାତିରେ ମିଲ୍ ଦିଆଯାଉଛି ।

### ବରଦାନ ସାଜିଛି ନ୍ୟାୟିକ ସେବା ପ୍ରାଧିକରଣ

ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ବିଭିନ୍ନ ଜେଲ୍‌ରେ ୭୦ ପ୍ରତିଶତ ବିଚାରାଧୀନ କଏଦୀ ଅଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ଗରିବ ଶ୍ରେଣୀର ହୋଇଥିବାରୁ ଅଦାଲତରେ ଲଢ଼ିବା ପାଇଁ ସେମାନେ ଓକିଲ ଦେଇପାରୁ ନାହାନ୍ତି । ଫଳରେ ଜେଲ୍ ଭିତରେ ଦୀର୍ଘଦିନ ରହି ଯାଉଛନ୍ତି । ବିଶେଷ କରି ବିଭିନ୍ନ ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମଧ୍ୟରେ ଅଧିକାଂଶ ଅଶିକ୍ଷିତ ଥିବାରୁ ଏହି ସୁବିଧା ବିଷୟରେ ଜାଣି ପାରୁନାହାନ୍ତି । କିନ୍ତୁ ସେମାନେ ଯେପରି ମାଗଣା ଆଇନ ସୁବିଧା ପାଇଁ ସେଥିପାଇଁ ସରକାର ମାଗଣା ନ୍ୟାୟିକ ସେବା ପ୍ରାଧିକରଣ(ଲିଗାଲ ସର୍ଭିସ ଅଥରିଟି) ନାମରେ ୧୯୮୭ରେ ଏକ ଆକ୍ଟ କରିଛନ୍ତି । ସେକ୍ସନ୍ ୧୨ ଅନୁସାରେ ଏହି ସୁବିଧା କେବଳ ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ଏହି ସୁବିଧା ପାଇପାରିବେ । ଏଥିଲାଗି ପ୍ରତି ଜିଲ୍ଲା ଏବଂ କୋର୍ଟରେ ନ୍ୟାୟିକ ପ୍ରାଧିକରଣର ବ୍ୟବସ୍ଥା ରହିଛି । ଗରିବ ଶ୍ରେଣୀର ମହିଳାମାନେ ଏଠାରୁ ନ୍ୟାୟିକ ସୁବିଧା ପାଇପାରୁଛନ୍ତି । ସେମାନଙ୍କ ପାଇଁ ସେଠାରେ ଥିବା ଓକିଲ ମାମଲା ପରିଚାଳନା କରୁଛନ୍ତି ।

### କାରାଗାରରେ ପାଠାଗାର

କଏଦୀଙ୍କ ପାଇଁ କାରଗାରରେ ପାଠାଗାରର ସୁବିଧା ରହିଛି । ସେଠାରେ ଖବରକାଗଜ, ବିଭିନ୍ନ ପୁସ୍ତକ ଆଦି ପଢ଼ିବାର ସୁଯୋଗ ମିଳୁଛି । ସେଠାକୁ ଯାଇ କଏଦୀ ପାଠ ପଢ଼ିପାରୁଛନ୍ତି । ସେମାନଙ୍କ ପାଇଁ ଫିଲ୍ମ ଦେଖିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏକ ରୁମ୍ ଭିତରେ ବଡ଼ ଏଲଇଡି ବ୍ୟବସ୍ଥା କରାଯାଇଛି । ସେଠାରେ କେବଳ ଦେଶାତ୍ମବୋଧ ଫିଲ୍ମ ଏବଂ ମହାପୁରୁଷଙ୍କ ଜୀବନୀ ସଂକ୍ରାନ୍ତ ମୁଭି ଲାଗୁଛି । ଆହୁରି ମଧ୍ୟ କଏଦୀଙ୍କ ପାଇଁ ମ୍ୟୁଜିକ୍ ବ୍ୟବସ୍ଥା କରାଯାଇଛି । ସକାଳ ଏବଂ ସନ୍ଧ୍ୟାରେ ସେଠାରେ ଭଜନ ପରିବେଷଣ କରାଯାଉଛି ।

### ଜେଲ୍ ପ୍ରସ୍ତୁତ ସାମଗ୍ରୀର ଚାହିଦା

ଜେଲ୍ ଭିତରେ କଏଦୀମାନଙ୍କ ଦ୍ୱାରା ଅଟା, ମଇଦା, ସୋରିଷ ଏବଂ ବେକେରୀ ଆଦି ପ୍ରସ୍ତୁତ କରାଯାଉଛି । ଏପରିକି କଏଦୀମାନେ ମାଛ ଚାଷ, ଓ ପନିପରିବା ଚାଷ କରୁଛନ୍ତି । ବଡ଼ କଥା ହେଲା କଏଦୀମାନେ ବିଭିନ୍ନ ପ୍ରକାର କୁଟୀର ଶିଳ୍ପ ଏବଂ ହସ୍ତତନ୍ତ୍ର ଆଦି ପ୍ରସ୍ତୁତ କରୁଛନ୍ତି । କଏଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ସାମଗ୍ରୀ ଜେଲ୍ ଆଗରେ ଏକ ଷ୍ଟଲ କରାଯାଇ ବିକ୍ରି କରାଯାଉଛି । ଏହି ଷ୍ଟଲ୍ ଖୋଲା ହେବାର କିଛି ସମୟ ପରେ ତାହା ବିକ୍ରି ହୋଇଯାଉଛି ।

## କଏଦୀ ସାଜିଲେ ରେଡିଓ ଜକି

ଜେଲ୍‌ରେ ଥିବା କଏଦୀଙ୍କ ମନୋରଞ୍ଜନ ସହ ସେମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ରେଡିଓ ଜକିର ବ୍ୟବସ୍ଥା କରାଯିବ । ଝାରପଡ଼ା ଜେଲ୍‌ରେ ପ୍ରଥମଥର କରି ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏବେ ପୁଣି ଚୌଦ୍ୱାର ଜେଲ୍‌ରେ ଏହି ବ୍ୟବସ୍ଥା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । କଏଦୀମାନେ ମାଇକ୍ରୋ ଫୋନ୍ ମାଧ୍ୟମରେ ଗୀତ ଗାଇବା ସହ ବିଭିନ୍ନ ପ୍ରକାର ମଜା କରୁଛନ୍ତି । ଜେଲରେ ଥିବା ଅନେକ କଏଦୀ ଏହି ମାଇକ୍ରୋ ଫୋନ୍ ମାଧ୍ୟମରେ ମଧ୍ୟ ବିଭିନ୍ନ ଅଭିନେତାମାନଙ୍କର କଣ୍ଠକୁ ନକଲ କରି ଅନ୍ୟ କଏଦୀଙ୍କ ମଧ୍ୟରେ ହସ ଫୁଟାଉଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା କେବଳ ଜେଲ୍‌ର ଭିତରେ ହିଁ ଶୁଣିବାର ବ୍ୟବସ୍ଥା ରହିଛି । ରେଡିଓ ଜକି ପାଇଁ ଇଚ୍ଛୁକ କଏଦୀ ସେମାନଙ୍କ ନାମ ଜେଲ୍‌ରଙ୍କୁ ଦେବେ । ଜେଲର ଆବେଦନ କରିଥିବା କଏଦୀଙ୍କ ସ୍ୱର ପରୀକ୍ଷା କରିବେ । ଯଦି କଏଦୀ ସ୍ମାର୍ଟ ଏବଂ ସ୍ୱର ଉତ୍ତମ ଥିବ, ତାହା ହେଲେ ରେଡିଓ ଜକି ପାଇଁ ସୁଯୋଗ ଦିଆଯିବ । ଆହୁରି ମଧ୍ୟ ଯିଏ ଗପ, ଗୀତ ଏବଂ ହସକଥା ଆଦି ଜାଣିଥିବେ । ସେମାନେ ଏହି ରେଡିଓ ଜକିରେ ଭାଗ ନେଇ ପାରିବେ । କେବଳ ଏହି ରେଡିଓ ଜକି ଜେଲ୍ ପରିସରରେ ଶୁଣିବାକୁ ମିଳିବ । ଟେକ୍ନିକାଲ ଟିମ୍ ରେଡିଓ ତରଙ୍ଗର ଫିକ୍ୱେନ୍ସ କେବଳ ଜେଲ୍ ପରିସରକୁ ପାଉଥିବା ବ୍ୟବସ୍ଥା କରିବେ । ଜେଲ୍‌ରେ ପ୍ରତି ୱାର୍ଡରେ ରେଡିଓ ଜକି ଶୁଣିବା ପାଇଁ ବ୍ୟବସ୍ଥା କରାଯିବ । ଏକଦୀ ମଧ୍ୟ ନିଜ ଜୀବନ ବିଷୟରେ ଅନ୍ୟ କଏଦୀଙ୍କୁ ବତାଇ ପାରିବେ ।



# ଗୁଡ୍ ମର୍ଣ୍ଣିଂ ଓଡ଼ିଶା





ପ୍ଲାଷ୍ଟିକ୍‌ରେ ନକଲି ଅସ୍ଥି ବା ଦାନ୍ତ ଯେବେଠୁ ତିଆରି ହେଲା, ସେବେଠୁ କେହି କେହି ଏ ଯୁଗକୁ ପ୍ଲାଷ୍ଟିକ ଯୁଗ କହିବା ଆରମ୍ଭ କଲେ। ଏ ଦୃଷ୍ଟିରୁ 'ପ୍ଲାଷ୍ଟିକ୍' ଶବ୍ଦର ଏକ ଆରୋପିତ ଅର୍ଥ ପ୍ରକଟ ହେଲା 'ନକଲି।' ମନୁଷ୍ୟ ଶରୀରକୁ କୃତ୍ରିମ ରୂପ ଦେଇପାରୁଥିବା ଶଲ୍ୟ ଚିକିତ୍ସାର ନାମ ଯେ ପ୍ଲାଷ୍ଟିକ୍ ସର୍ଜରୀ ଦିଆଯାଇଛି, ତାହା ତେଣୁ ଯଥାର୍ଥ। ଏବର ସମୟରେ ଲୋକେ ନିଜ ସୌନ୍ଦର୍ଯ୍ୟ ଏବଂ ରୂପକୁ ନେଇ ବେଶ୍ ଯତ୍ନବାନ ଥିବାରୁ ପ୍ଲାଷ୍ଟିକ୍ ସର୍ଜରୀର ବଜାର ବୃଦ୍ଧି ପାଉଛି। ଏହା ଯୋଗୁଁ ଲୋକଙ୍କୁ ନିଜ ସୌନ୍ଦର୍ଯ୍ୟକୁ ନେଇ ଅନୁଶୋଚନା କରିବାକୁ ପଡୁନାହିଁ, ବରଂ ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢୁଛି। ଯଦିବା ଅଧିକ ସୁନ୍ଦର ଦିଶିବା ଆଶାରେ ଏହା ଶରୀରକୁ ବିକୃତ ବି କରିଥାଏ। ତେବେ ଆଜିର ଦିନରେ ଅଧିକାଂଶ ସେଲିବ୍ରିଟି ନିଜର କ୍ୟାରିୟରକୁ ଗୁରୁତ୍ୱ ଦେଇ ପ୍ଲାଷ୍ଟିକ୍ ସର୍ଜରୀକୁ ଆପଣେଇ ନେଉଛନ୍ତି। ବିଶେଷକରି ଫେଶନ ଜଗତରେ ହେଉଛି ଅବା ସିନେ ସଗତରେ ପାଦ ଦେଉଥିବା ସେଲିବ୍ରିଟିମାନେ ଏଭଳି ସର୍ଜରୀକୁ ଆପଣାଉଛନ୍ତି। ପ୍ଲାଷ୍ଟିକ୍ ସର୍ଜରୀ କେବେଠୁ ଆରମ୍ଭ ହୋଇଛି, କାହିଁକି ଦେଶରେ ଏହାର ଲୋକପ୍ରିୟତା ବୃଦ୍ଧି ପାଉଛି, ଏଭଳି ଅନ୍ୟାନ୍ୟ ଦିଗକୁ ନେଇ ଏହି ସ୍ୱତନ୍ତ୍ର ପ୍ରତିବେଦନ।

ଉପସ୍ଥାପନା:
**ଲଭ୍‌ଲୀ ସାହୁ**







## ସର୍ଜରୀ ମାୟାରେ ସେଲିବ୍ରିଟି

ସାଧାରଣତଃ ତାରକାଙ୍କ ସୌନ୍ଦର୍ଯ୍ୟ, ଲୁକ୍, ଫେଶନ ବେଶ୍ ଗୁରୁତ୍ୱ ବହନ କରିଥାଏ। ସେଥିପାଇଁ ସେମାନେ ଲକ୍ଷାଧିକ ଟଙ୍କା ସୌନ୍ଦର୍ଯ୍ୟ ଓ ଶରୀର ଉପରେ ଖର୍ଚ୍ଚ କରାଇଥାନ୍ତି। ସେହିପରି ନିଜର ସୌନ୍ଦର୍ଯ୍ୟ ବା ଲୁକ୍‌କୁ ଉନ୍ନତ କରିବା ପାଇଁ ଅନେକ ବଲିଉଡ୍ ସେଲିବ୍ରିଟି ପ୍ଲାଷ୍ଟିକ୍ ସର୍ଜରୀର ସାହାରା ନେଇଛନ୍ତି। ଅବଶ୍ୟ କେତେକଙ୍କ ପାଇଁ ଏହା ସଫଳ ସାବ୍ୟସ୍ତ ହୋଇଥିବା ବେଳେ ଆଉ କେତେଜଣଙ୍କୁ ଟ୍ରୋଲ୍ ହେବାକୁ ପଡ଼ିଛି। ଅଭିନେତ୍ରୀ ଆଲିୟା ଭଟ୍ଟ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲିପ୍, ଫେସ୍ ଏବଂ ନାକର ସର୍ଜରୀ କରାଇଛନ୍ତି।

ତେବେ ସେ ତାଙ୍କ ପ୍ରଥମ ଫିଲ୍ମ ପରେ ମୁହଁରେ ଅନେକ ପରିବର୍ତ୍ତନ ସର୍ଜରୀ ମାଧ୍ୟମରେ କରିଛନ୍ତି। ସେହିପରି ଜାହ୍ନବୀ କପୁର ମଧ୍ୟ ନିଜ ମା' ଶ୍ରୀଦେବୀଙ୍କ ପରି ପ୍ଲାଷ୍ଟିକ୍ ସର୍ଜରୀ କରାଇଛନ୍ତି। ସେ ଫିଲ୍ମରେ ପାଦ ଥାପିବା ପୂର୍ବରୁ ନାକର ସର୍ଜରୀ କରାଇ ଏହାର ଆକାରରେ ପରିବର୍ତ୍ତନ ଆଣିଥିଲେ। ଏହାବାଦ୍ ସେ ଲିପ୍ ସର୍ଜରୀ ମଧ୍ୟ କରାଇଛନ୍ତି। ରିନୋପ୍ଲାଷ୍ଟି ମାଧ୍ୟମରେ ନାକକୁ ସୁନ୍ଦର ଆକାର ଦେଇଛନ୍ତି ଅଭିନେତା ଶାହିଦ୍ କପୁର। ତେବେ ଅନୁଷ୍କା ଶର୍ମା ପ୍ଲାଷ୍ଟିକ୍ ସର୍ଜରୀ ଓଠ ପାଇଁ କରିଥିଲେ ବି ଏନେଇ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଥିଲା। କାରଣ ସର୍ଜରୀ କରିବା ପରେ ତାଙ୍କ ମୁହଁ ସୁନ୍ଦର ଦିଶିବା ପରିବର୍ତ୍ତେ ଭଲ ଲାଗି ନ ଥିଲା। ପ୍ରିୟଙ୍କା ମଧ୍ୟ ନାକ ଓ ଓଠର ପ୍ଲାଷ୍ଟିକ୍ ସର୍ଜରୀ କରାଇଥିବା, ଏକାଧିକ ସାକ୍ଷାତକାରରେ ସେ ଖୋଲାଖୋଲି ଅଲୋଚନା କରିଛନ୍ତି। ଅନ୍ୟପକ୍ଷରେ ମାଧୁରୀ ଦୀକ୍ଷିତ୍, ରାକ୍ଷୀ ସାୱନ୍ତ, ଆଏଶା ଟାକିଆ, ଶିଳ୍ପା ସେଟ୍ଟି, ନର୍ଗିସ ଫାଖରି, ଐଶ୍ୱର୍ଯ୍ୟା, କରିଶ୍ମା କପୁର, ବିପାଶା ବସୁ, ଆଦିତି ରାୟ ହାଇଦରି ମଧ୍ୟ ଏହି ସର୍ଜରୀକୁ ଆପଣାଇଛନ୍ତି।







## ଆଖି ନେଉଛି ନୂଆ ଆକାର

ଆଖିର ପ୍ଲାଷ୍ଟିକ୍ ସର୍ଜରୀକୁ 'ଓକୁଲୋପ୍ଲାଷ୍ଟି' ବା 'ଅପଥାଲମିକ୍ ପ୍ଲାଷ୍ଟିକ୍' ସର୍ଜରୀ କୁହାଯାଏ। ଆଖି ମାଡ଼ ହୋଇଯାଇଥିଲେ କିମ୍ବା ପତା ଫାଟି ଯାଇଥିଲେ ଏହାକୁ ସିଲେଇ କରାଯାଏ। ପୁଣି ଡୋଳା ଫାଟିଥିଲେ ଡୋଳାକୁ ବାହାର କରାଯାଇ ପ୍ଲାଷ୍ଟିକ୍ ଆଖି ଲଗାଯାଏ। ସେହିପରି ମୁହଁରେ ମାଡ଼ ହୋଇଯାଇଥିଲେ କିମ୍ବା ଆଖି ଚାରିପାଖରେ କୌଣସି ସମସ୍ୟା ସୃଷ୍ଟି ହୋଇଥିଲେ, ତାହାକୁ ଠିକ୍ କରାଯାଇ ପ୍ଲେଟିଂ କରାଯାଏ। ଏହାବାଦ୍ ଆଖିପତା ତଳକୁ ଖସି ଯାଇଥିଲେ ଏହାକୁ ସର୍ଜରୀ ମାଧ୍ୟମରେ ଉଠାଯାଏ। ଏହିଭଳି ଅନେକ କିଛି ଅଛି। ତେବେ ପ୍ଲାଷ୍ଟିକ୍ ସର୍ଜରୀ ମାଧ୍ୟମରେ ଆଖିକୁ ଆକାର ଦେବା ସମ୍ଭବ। ଏଇ ଯେମିତି ଆଖି ମାଡ଼ ହୋଇ ଛୋଟ ହୋଇ ଯାଇଥିଲେ, ପ୍ଲାଷ୍ଟିକ୍ ଆଖି ଲଗାଯାଇ ପ୍ରାକୃତିକ ଆକାର ପ୍ରଦାନ କରାଯାଏ। ବିଭିନ୍ନ ସର୍ଜରୀ ଉପରେ ଏହାର ଖର୍ଚ୍ଚ ନିର୍ଭର କରିଥାଏ।

- **ଡା. ସମୀର ମହାପାତ୍ର**
ଓକୁଲୋପ୍ଲାଷ୍ଟିକ୍ ସର୍ଜନ,
ଏଲ୍.ଭି. ପ୍ରସାଦ ଆଇ ହସ୍‌ପିଟାଲ, ଭୁବନେଶ୍ୱର



## ପୁରୁଣା ସ୍ୱରୂପକୁ ଫେରିବା ଅସମ୍ଭବ

ପ୍ଲାଷ୍ଟିକ୍ ସର୍ଜରୀ ଦ୍ୱାରା ଲୋକଙ୍କୁ ନୂଆ ରୂପ ମିଳୁଛି ସତ, କିନ୍ତୁ ଏହାର ନକାରାତ୍ମକ ଦିଗ ବି ଅଛି। ଏହା ମାଧ୍ୟମରେ ଶରୀରର ଯେଉଁ ଅଂଶକୁ ପରିବର୍ତ୍ତନ କରାଯାଏ, ତାହା ସ୍ଥାୟୀ ହୋଇଥାଏ। ପୁଣି ଏଥିରୁ ମିଳୁଥିବା ନୂଆ ରୂପ ଖରାପ ଲାଗିଲେ, ପୁରୁଣା ସ୍ୱରୂପକୁ ଫେରି ପାଇବା ଆଉ ସମ୍ଭବ ହୋଇ ନ ଥାଏ। ସେଥିପାଇଁ ଏହାକୁ ଆପଣାଇବା ପୂର୍ବରୁ ନିଜକୁ ମାନସିକ ଭାବେ ପ୍ରସ୍ତୁତ କରିବା ଜରୁରୀ। କାରଣ ଏଭଳି ଉପାୟକୁ ଗ୍ରହଣ କରିବା ପରେ ମନମୁତାବକ ଲୁକ୍ ମିଳିବାର କୌଣସି ନିଶ୍ଚିତତା ନ ଥାଏ। ତେଣୁ ନିଜକୁ ହିଁ ଏହାର ନକାରାତ୍ମକ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ପଡ଼େ। ତେବେ କସ୍‌ମେଟିକ୍ ସର୍ଜରୀ ବଜାରରେ ଅନେକ ବିକଳ୍ପ ଉପଲବ୍ଧ ଅଛି। କିନ୍ତୁ ଅଧିକାଂଶ ବିକଳ୍ପ ଖୁବ୍ ବ୍ୟୟ ସାପେକ୍ଷ। ଏ ପ୍ରକାର ସର୍ଜରୀରେ ଉଭୟ ସମୟ ଓ ଅର୍ଥ ଖର୍ଚ୍ଚ ହୁଏ। କେବଳ ସେତିକି ନୁହେଁ, ସଂକ୍ରମଣ, ତ୍ୱଚା ନାଲି ଦିଶିବା, କିଛି ମାସ ପର୍ଯ୍ୟନ୍ତ ଖରାକୁ ନ ବାହାରିବା ଆଦି ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ପୁଣି ସର୍ଜରୀରେ ଯେଉଁ ପରିବର୍ତ୍ତନ ହୋଇଥାଏ, ତାହା ହେଉଛି ଆର୍ଟିଫିସିଆଲ ବା କୃତ୍ରିମ।

## ବୁଷ୍ଟର୍ ସାଜିଛି ସାମାଜିକ ଗଣମାଧ୍ୟମ

ପ୍ଲାଷ୍ଟିକ ସର୍ଜରୀ ବ୍ୟକ୍ତିର ଆତ୍ମବିଶ୍ୱାସ ବୃଦ୍ଧି କରିବା ସାଙ୍ଗକୁ ମାନସିକ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ। ଏହା ଯେ, ଏହାର ଲୋକପ୍ରିୟତାର କାରଣ ତାହା ନୁହେଁ। ପ୍ଲାଷ୍ଟିକ୍ ସର୍ଜରୀର ଚାହିଦା ବୃଦ୍ଧିରେ ବିଭିନ୍ନ ଦିଗ ଅଛି। ପୂର୍ବରୁ କେବଳ ସମ୍ଭ୍ରାନ୍ତ ଏବଂ ସେଲିବ୍ରିଟିଙ୍କ କ୍ଷେତ୍ରରେ ଏହା ସୀମିତ ଥିଲା। କିନ୍ତୁ ଦିନକୁ ଦିନ ସାଧାରଣ ଲୋକେ ମଧ୍ୟ ଏହାକୁ ଆପଣାଉଛନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମ ଏହାର ଲୋକପ୍ରିୟତାର ଅନ୍ୟତମ କାରଣ। କହିବାକୁ ଗଲେ ପ୍ଲାଷ୍ଟିକ୍ ସର୍ଜରୀ ସୋସିଆଲ୍ ମିଡିଆ ପାଇଁ ବୁଷ୍ଟର୍ ପାଲଟିଛି। କାରଣ ଲୋକେ ନିଜର ସ୍ୱତନ୍ତ୍ର ଏକ ପରିଚୟ ଅନ୍‌ଲାଇନ୍‌ରେ ସୃଷ୍ଟି କରିବାକୁ ଚାହୁଁଛନ୍ତି। ସେଥିପାଇଁ 'ଆଦର୍ଶ' ଶରୀର ଓ ମୁହଁ ଉପରେ ଗୁରୁତ୍ୱ ଦେଇ ପ୍ଲାଷ୍ଟିକ୍ ସର୍ଜରୀକୁ ଆପଣାଇ ସୁନ୍ଦର ଚେହେରା ପାଉଛନ୍ତି। ଅନ୍ୟପଟେ ପ୍ଲାଷ୍ଟିକ୍ ସର୍ଜରୀର ମହତ୍ତ୍ୱ ଏବଂ ଏନେଇ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୫କୁ 'ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରୀ' ଦିବସ ଭାବେ ପାଳନ କରାଯାଉଛି। ପ୍ଲାଷ୍ଟିକ୍ ସର୍ଜନଙ୍କ ଭୂମିକା ଏବଂ ଅବଦାନକୁ ଲୋକଲୋକଚନକୁ ଆଣିବା ହେଉଛି ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ।

## ପ୍ରଫେସନାଲ୍ ସର୍ଜନଙ୍କୁ ଅଗ୍ରାଧିକାର

ସର୍ବପ୍ରଥମେ ଏହାକୁ କରିବା ଦରକାର କି ନାହିଁ, ସେ ଦିଗରେ ନିଜକୁ ଜାଣିବା ଆବଶ୍ୟକ। ସେହିପରି କ୍ୱାଲିଫାଏଡ୍ ସର୍ଜନଙ୍କ ପାଖରେ ଏହାକୁ କରାଇବା ଉଚିତ। ଏ କ୍ଷେତ୍ରରେ ଏମ୍‌ବିବିଏସ୍ ସହିତ ଏମ୍‌ଏସ୍ ଜେନରାଲ ସର୍ଜରୀରେ ୮ ବର୍ଷ ଏବଂ ୩ ବର୍ଷ କୋର୍ସରେ ଏମ୍‌ସିଏଚ୍ ଓ ଡିଏନ୍‌ବି ଡିଗ୍ରୀ ହାସିଲ କରିଥିବା ଦରକାର।

## ଶାଖା କସ୍‌ମେଟିକ୍ ସର୍ଜରୀ

ସମ୍ପ୍ରତି ବିଭିନ୍ନ ପ୍ରକାର କସ୍‌ମେଟିକ୍ ସର୍ଜରୀକୁ ଲୋକେ ଆପଣାଉଛନ୍ତି। ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲୋକେ ମୁହଁର ସର୍ଜରୀ, ଲିପ୍ ଫିଲର, ବୋଟୋକ୍ସ ଆଦି କରୁଛନ୍ତି। ତେବେ ଏସବୁଠାରୁ ଭିନ୍ନ ପ୍ଲାଷ୍ଟିକ୍ ସର୍ଜରୀ ହୋଇଥିବା ବେଳେ ଏହାର ଏକ ଶାଖା ହେଉଛି କସ୍‌ମେଟିକ୍ ସର୍ଜରୀ। ତେବେ ପ୍ଲାଷ୍ଟିକ୍ ସର୍ଜରୀରେ ଗ୍ରାଫ୍ଟିଂ ସାମିଲ ଥିବାରୁ ଏହା ଶରୀରର ଲୁକ୍‌କୁ ସମ୍ପୂର୍ଣ୍ଣ ବଦଳାଇବାକୁ ସକ୍ଷମ ହୋଇଥାଏ। କସ୍‌ମେଟୋଲୋଜିଙ୍କ ମତରେ, କସ୍‌ମେଟିକ୍ ସର୍ଜରୀରେ ଗ୍ରାଫ୍ଟିଂ ସାମିଲ ନାହିଁ। କହିବାକୁ ଗଲେ ଦୁଇଟି ଯାକର ପ୍ରକ୍ରିୟା ଭିନ୍ନ। ପ୍ଲାଷ୍ଟିକ୍ ସର୍ଜରୀରେ ଜଂଘ, ପେଟ ଆଦି ଅଙ୍ଗରୁ ମାଂସ କାଢ଼ି ସର୍ଜରୀ ପାଇଁ ବ୍ୟବହାର କରାଯାଏ।

ଏପରି ସର୍ଜରୀରେ ଅନେକ ପ୍ରକ୍ରିୟା ରହିଛି। ଯେଉଁଥିରେ ନାକ, ବକ୍ଷୋଜ, ନିତମ୍ବ ଆଦିର ଆକାର ସର୍ବୋପରି ଜଣକ ରୂପ ଅନେକାଂଶରେ ବଦଳାଇ ହେଉଛି। ଦୁର୍ଘଟଣାରେ ଗୁରୁତର ଭାବେ ଆହତ ବ୍ୟକ୍ତିର ଶରୀରକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା, ଅଲଗା ହୋଇଥିବା ଅଙ୍ଗୁଳିକୁ ଯୋଡ଼ିବା ପାଇଁ ଏପରି ସର୍ଜରୀ ନିତାନ୍ତ ଆବଶ୍ୟକ ହେଉଛି। ତେଣୁ ପ୍ଲାଷ୍ଟିକ୍ ସର୍ଜରୀର ଲୋକପ୍ରିୟତା ଦିନକୁଦିନ ବଢୁଛି। ୟୁରୋପ ଆମେରିକାରେ ଗତ ପାଞ୍ଚ ବର୍ଷ ଭିତରେ ପ୍ଲାଷ୍ଟିକ୍ ସର୍ଜରୀ କରାଇଥିବା ଲୋକଙ୍କ ସଂଖ୍ୟା ବହୁ ହାରରେ ବୃଦ୍ଧି ପାଉଛି।

# ସର୍ଜରୀରୁ ସୁନ୍ଦରୀ



## ଅଢ଼େଇ ହଜାର ବର୍ଷ ତଳେ ଭାରତରେ ପ୍ଲାଷ୍ଟିକ୍ ସର୍ଜରୀ

କେହି ଧରି ନେବା ଉଚିତ ନୁହେଁ ଯେ, ପ୍ଲାଷ୍ଟିକ୍ ସର୍ଜରୀ ଏକ ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା ବିଦ୍ୟା। ଅତିକମ୍‌ରେ ଅଢ଼େଇ ହଜାର ବର୍ଷ ପୂର୍ବେ ଭାରତବର୍ଷରେ ଏହାର ପ୍ରଚଳନ ଥିଲା, ଯାହାର ପ୍ରମାଣ ଅନେକ ପ୍ରାଚୀନ ସଂସ୍କୃତି ଗ୍ରନ୍ଥ, ଏପରିକି ବିଭିନ୍ନ ଆରବ୍ୟ ପୁସ୍ତକରୁ ମିଳେ। 'ଶଲ୍ୟ' ଶବ୍ଦର ଅର୍ଥ ଶସ୍ତ୍ର, ମୁନିଆ ଅସ୍ତ୍ର ବିଶେଷ ଅସ୍ଥି କଣ୍ଟା ଇତ୍ୟାଦି। ପୂର୍ବ କାଳରେ ହାଡ଼, କାଚ, ମାଛକଣ୍ଟା ଓ ଲୁହାରେ ମଣିଷର ରୁଗ୍‌ଣ ପ୍ରତ୍ୟଙ୍ଗ କାଟି ବାହାର କରି ଅନ୍ୟ ଅଙ୍ଗରେ ଯୋଡ଼ା ଯାଉଥିଲା। ହୁଏତ ଏହି କାରଣରୁ ଅସ୍ତ୍ର ଚିକିତ୍ସା (ସର୍ଜରୀ)କୁ ସୁଶ୍ରୁତ ଋଷି ଶଲ୍ୟ ଚିକିତ୍ସା ନାମ ଦେଇଥିଲେ।



ଭାରତୀୟ ଚିକିତ୍ସା ଶାସ୍ତ୍ରର ପ୍ରଣେତା ଋଷି ସୁଶ୍ରୁତ ପ୍ରାଚୀନ ପ୍ଲାଷ୍ଟିକ୍ ସର୍ଜରୀର ଜନକ ରୂପେ ସର୍ବସ୍ୱୀକୃତ। ଅପରପକ୍ଷେ ନ୍ୟୁଜିଲାଣ୍ଡରେ ଜନ୍ମିତ ସାର୍ ହେରୋଲଡ୍ ଗିଲ୍ଲିଜ୍ ଆଧୁନିକ ପ୍ଲାଷ୍ଟିକ୍ ସର୍ଜରୀର ଉଦ୍ଭାବକ। ତେବେ ସୁଶ୍ରୁତଙ୍କ ଶଲ୍ୟବିଦ୍ୟା ବା ସର୍ଜରୀରେ ଅଭୂତପୂର୍ବ ପଟୁତା ଥିଲା। ସୁଶ୍ରୁତ ସଂହିତା କେବଳ ଭାରତରେ ନୁହେଁ, ପୃଥିବୀର ପ୍ରାଚୀନତମ ଶଲ୍ୟବିଦ୍ୟା ଗ୍ରନ୍ଥ। ସେଥିରେ ନାସା, କର୍ଣ୍ଣ ପ୍ରସ୍ତୁତିର ସୂତ୍ର ଉଲ୍ଲେଖ ଅଛି। ସେହିସବୁ ବ୍ୟବସ୍ଥାକୁ ଆଧୁନିକ ପ୍ଲାଷ୍ଟିକ୍ ସର୍ଜରୀ ପାଠ୍ୟକ୍ରମରେ 'ରିନୋପ୍ଲାଷ୍ଟି' ନାମ ଦିଆଯାଇଛି। ଯୁଦ୍ଧରେ ଆହତ ସୈନ୍ୟମାନଙ୍କ ଚିକିତ୍ସା ପାଇଁ ସୁଶ୍ରୁତ ଉଦ୍ଭାବିତ ରିନୋପ୍ଲାଷ୍ଟି ଥିଲା ଅତ୍ୟନ୍ତ ଉପଯୋଗୀ। ତେବେ ସୁଶ୍ରୁତ ଉଦ୍ଭାବିତ ତଥାକଥିତ ରିନୋପ୍ଲାଷ୍ଟି ପଦ୍ଧତିରେ ଭାରତୀୟ ବୈଦ୍ୟମାନେ କୃତ୍ରିମ ନାକ, କାନ ଯୋଡ଼ି ପାରୁଥିବା ଇଷ୍ଟ ଇଣ୍ଡିଆ କମ୍ପାନିର କର୍ମଚାରୀମାନେ ପ୍ରତ୍ୟକ୍ଷ କରି ନାନା ପୁସ୍ତକ ଓ ନିବନ୍ଧରେ ସେ ବିଷୟରେ ଲେଖିଯାଇଛନ୍ତି।



## 'ପ୍ଲାଷ୍ଟିକୋ'ରୁ ପ୍ଲାଷ୍ଟିକ୍

ପ୍ରଥମେ ପ୍ଲାଷ୍ଟିକ୍ ସର୍ଜରୀ ଶବ୍ଦର ବ୍ୟବହାର ୧୮୩୭ରେ ମେଡିକାଲ୍ ଜର୍ଣ୍ଣାଲ ଦ ଲାସେଣ୍ଟ୍‌ରେ ହୋଇଥିଲା। 'ପ୍ଲାଷ୍ଟିକ୍' ଶବ୍ଦ ଗ୍ରୀକ୍ ଶବ୍ଦ 'ପ୍ଲାଷ୍ଟିକୋ'ରୁ ଆସିଛି। ଏହାର ଅର୍ଥ ପୁନଃଗଠନ। ଅର୍ଥାତ୍ କୌଣସି ଜିନିଷର ଆକାରକୁ ପୁନର୍ଗଠିତ କରିବା। ଏହି ସର୍ଜରୀ ମାଧ୍ୟମରେ ମଣିଷ ଶରୀରର କୌଣସି ଅଙ୍ଗକୁ ଅନ୍ୟ ଏକ ଆକାର ପ୍ରଦାନ କରାଯାଏ। ଶରୀରକୁ ସୁନ୍ଦର ଓ ସଠିକ୍ ଆକାର ଦେବା ପାଇଁ ଦିନକୁ ଦିନ ଲୋକଙ୍କ ସଂଖ୍ୟା ବଢୁଥିବାରୁ ବିଶ୍ୱରେ ପ୍ଲାଷ୍ଟିକ୍ ସର୍ଜରୀର ଆଦର ବୃଦ୍ଧିପାଉଛି।



## ମହିଳାଙ୍କ ତୁଳନାରେ ବଢୁଛି ପୁରୁଷଙ୍କ ସଂଖ୍ୟା



ବିଗତ କିଛିବର୍ଷ ଧରି ଦେଶ ତଥା ବିଦେଶରେ ପ୍ଲାଷ୍ଟିକ୍ ସର୍ଜରୀର ଲୋକପ୍ରିୟତା ବୃଦ୍ଧିପାଇଛି। କେବଳ ବଡ଼ ବଡ଼ ସେଲିବ୍ରିଟି ନୁହଁନ୍ତି, ସାଧାରଣ ଲୋକ ମଧ୍ୟ ପ୍ରାକୃତିକ ଭାବେ ସୁନ୍ଦର ଲାଗୁ ନ ଥିବା ନିଜ ଶରୀରର ଅଙ୍ଗକୁ ପ୍ଲାଷ୍ଟିକ୍ ସର୍ଜରୀ ମାଧ୍ୟମରେ ସୁନ୍ଦର କରିବା ପାଇଁ ମନ ବଳାଉଛନ୍ତି। ମୁଖ୍ୟତଃ ବର୍ଣ୍ଣ (ପୋଡ଼ା ଜଳା) ସର୍ଜରୀ, ଗ୍ରହଣଖଣ୍ଡିଆ, କାନ,ନାକ ଆଦିକୁ ସଠିକ୍ ଆକାର ଦେବା ପାଇଁ ଏହାର ସାହାର ନିଆଯାଏ। କେବଳ ସେତିକି ନୁହେଁ, ମୁଖଗହ୍ୱର କର୍କଟ, ସ୍ତନ କର୍କଟ ରୋଗୀମାନେ ମଧ୍ୟ ପ୍ଲାଷ୍ଟିକ୍ ସର୍ଜରୀ ଦ୍ୱାରା ଉପକୃତ ହୋଇଥାନ୍ତି। ଅନ୍ୟପଟେ ମହିଳାଙ୍କ ତୁଳନାରେ ପ୍ଲାଷ୍ଟିକ୍ ସର୍ଜରୀ କରିବାରେ ପୁରୁଷଙ୍କ ସଂଖ୍ୟା ବୃଦ୍ଧିପାଉଛି। ପୁରୁଷମାନେ ମଧ୍ୟ ସେମାନଙ୍କ ଲୁକ୍‌କୁ ନେଇ ସଚେତନ ହେଲେଣି। ସେଥିପାଇଁ ସେମାନେ ନୋଜ୍ ରିସେପ୍, ଫୋରହେଡ୍ ଲିଫ୍ଟ, କାନ, ଆଖିପତା ଆଦିର ପ୍ଲାଷ୍ଟିକ୍ ସର୍ଜରୀ କରୁଥିବା ଦେଖାଯାଉଛି।







## ବିପଜ୍ଜନକ ବିବିଏଲ୍ ସର୍ଜରୀ

ନିତମ୍ବ ସ୍ଫୀତି ପାଇଁ ଉଦ୍ଦିଷ୍ଟ ବ୍ରାଜିଲିଆନ ବଟ୍ଟ ଲିଫ୍ଟ (ବିବିଏଲ) ସର୍ଜରୀ ସବୁଠୁ ବିପଦଜନକ। କାନ୍ନୁଲା ନାମକ ପ୍ଲାଷ୍ଟିକ୍ ଟ୍ୟୁବ୍‌ରେ ଲିପୋସକ୍ସନ ପଦ୍ଧତିରେ ପେଟ, ଜଂଘ ଆଦିରୁ ଚର୍ବି ସଂଗ୍ରହ କରି ତାହାକୁ ନିତମ୍ବ ମଧ୍ୟକୁ ଇଞ୍ଜେକ୍ଟ କରାଯାଏ। ନିତମ୍ବକୁ କୃତ୍ରିମ ଉପାୟରେ ଏପରି କରାଇବାର ଏକମାତ୍ର ଉଦ୍ଦେଶ୍ୟ ନିଜକୁ କ୍ଷୀଣକଟି ଦର୍ଶାଇବା।



## ପ୍ଲାଷ୍ଟିକ୍ ସର୍ଜରୀ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ

ପ୍ଲାଷ୍ଟିକ୍ ସର୍ଜରୀ କେଉଁ ବୟସରୁ କରାଯାଇପାରିବ। ସର୍ଜରୀ ଦ୍ୱାରା ସମସ୍ୟା ହୋଇଥାଏ କି ନାହିଁ, ଓଡ଼ିଶାରେ ଏହାର ସ୍ଥିତି କ'ଣ ଆଦି ସମ୍ପର୍କରେ କହିଛନ୍ତି, ପ୍ଲାଷ୍ଟିକ୍ ଏବଂ କସ୍‌ମେଟିକ୍ ସର୍ଜନ **ଡା. ଅକ୍ଷୟ ରାଉତ**।

**କେଉଁ ବୟସରୁ ଜଣେ ପ୍ଲାଷ୍ଟିକ୍ ସର୍ଜରୀ କରିପାରିବେ?**

● କସ୍‌ମେଟିକ୍ ସର୍ଜରୀ ସାଧାରଣତଃ ୧୫ ବର୍ଷ ବୟସ ପରେ କରାଯାଏ। ୬୦ ବର୍ଷ ପରେ ବି କରାଯାଇପାରିବ। ତେବେ ଯେଉଁ କସ୍‌ମେଟୋଲୋଜି ଅଛି ତାହାକୁ ୧୦ ବର୍ଷ ପରେ , ୬୦, ୭୦, ୮୦ ବର୍ଷ ବୟସ ପରେ କରାଯାଇପାରିବ।

**ଏହା ଦ୍ୱାରା ତ୍ୱଚା ଓ ରୂପରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ସମ୍ଭବ କି?**

● ରଙ୍ଗ ପାଇଁ କୌଣସି ବୟସରେ ୮ ରୁ ୧୦ ବର୍ଷ ବୟସରେ କରିପାରିବେ। ଯଦିଓ ରଙ୍ଗରେ ପରିବର୍ତ୍ତନ କରି ହୁଏ, କିନ୍ତୁ ପୂରା ମୁହଁ କେବେ ବି ବଦଳି ନ ଥାଏ।

**ଏସିଡ୍ ଆକ୍ରାନ୍ତଙ୍କ ଶରୀର ଏହା ଦ୍ୱାରା ସମ୍ପୂର୍ଣ୍ଣ ଠିକ୍ ହେବା ସମ୍ଭବପର?**

● ପ୍ଲାଷ୍ଟିକ୍ ସର୍ଜରୀ ସମସ୍ତେ କରିପାରିବେ। ତେବେ ଏସିଡ୍ ଆକ୍ରାନ୍ତଙ୍କ ଶରୀରରେ କିଛିଟା ଭଲ ଚର୍ମ ଥିଲେ , ସେମାନଙ୍କ ରୂପକୁ ପରିବର୍ତ୍ତନ କରାଯାଇପାରିବ। ଯଦି ଶରୀରରେ ଏସିଡ୍ ଦ୍ୱାରା ସବୁ ଚମଡ଼ା ପୋଡ଼ି ଯାଇଥିବ, ତେବେ ଠିକ୍ କରିବା ସମ୍ଭବ ହେବ ନାହିଁ।

**ପ୍ଲାଷ୍ଟିକ୍ ସର୍ଜରୀ ବିପଦଜ୍ଜନକ କି?**

● ଯେକୌଣସି ସର୍ଜରୀରେ ଜଟିଳ ସମସ୍ୟା ଅଛି। ଯଦି ସାବଧାନତାର ସହ ପ୍ରଫେସନାଲ ସର୍ଜନଙ୍କ ଦ୍ୱାରା କରାଯାଏ, କୌଣସି ସମସ୍ୟା ଦେଖା ଦେଇ ନ ଥାଏ। ଯଦି ତ୍ୱଚା ଭଲ ନ ଥିବ, ଏହା ଖରାପ ହୋଇପାରେ। ଦ୍ୱିତୀୟରେ ସଂକ୍ରମଣ ହେଲେ ସମସ୍ୟା ସୃଷ୍ଟି ହୁଏ। ସେମିତି ସବୁ କିଛି ଡାକ୍ତରଙ୍କ ଉପରେ ନିର୍ଭର କରେ ନାହିଁ। ରୋଗୀଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ କରିବା ପରେ ସାବଧାନତା ଅବଲମ୍ବନ କରିବା ଦରକାର।

**କ୍ୟାରିୟର ପାଇଁ ସଜରୀ ସୁଯୋଗ**

● ମୁଖ୍ୟତଃ ଯୁବପିଢ଼ିମାନେ ଏ ନେଇ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ୧୮-୧୯ ବର୍ଷ ବୟସ୍କ ଯୁବବର୍ଗଙ୍କ ସହ ୪୦ରୁ ଊର୍ଦ୍ଧ୍ୱ ବୟସ୍କମାନେ ବି କରୁଛନ୍ତି। ତେବେ ସମସ୍ତେ ସମାଜରେ ନିଜକୁ ସୁନ୍ଦର ଭାବେ ପ୍ରଦର୍ଶନ କରିବାକୁ ଚାହାଁନ୍ତି। ପୁଣି ଚେହେରା ବଦଳି ଗଲେ କ୍ୟାରିୟରରେ ଉନ୍ନତି ଆସିଥାଏ। ଏହା କସ୍‌ମେଟିକ୍ ସର୍ଜରୀ ଆଦୃତର କାରଣ କହିପାରିବା ।

**ଓଡ଼ିଶାରେ ଏହାର ସ୍ଥିତି କ'ଣ ?**

● ଭାରତରେ ଯେତିକି ଏହାର ଆଦୃତି ଅଛି, ତା'ଠାରୁ ଶହେ ଗୁଣା ଅଧିକ ଚାହିଦା ୟୁରୋପ, ଅଷ୍ଟ୍ରେଲିଆ, ଆମେରିକା, କୋରିଆରେ ଅଛି। ସେଠାରେ ୯୯ ଭାଗ ଲୋକେ ପ୍ଲାଷ୍ଟିକ୍ ସର୍ଜରୀ କରୁଛନ୍ତି। ଅବଶ୍ୟ ୧୦-୧୫ ବର୍ଷ ତଳେ ଏହା ଓଡ଼ିଶାରେ ନ ଥିଲା। ତା'ସହ ଏହାକୁ ନେଇ ଲୋକେ ଏତେଟା ସଚେତନ ନ ଥିଲେ। ସର୍ଜନ୍‌ମାନେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି କଲେ। ଅର୍ଥନୈତିକ ବିକାଶ ହେବା ପରେ ଲୋକଙ୍କ ମଧ୍ୟରେ ଆଦୃତ ହେଲା। ଧୀରେ ଧୀରେ ଓଡ଼ିଶାରେ ଲୋକେ ଏହି ପଦ୍ଧତିକୁ ଚାହିଁଲେଣି।

**କର୍କଟ ଆଶଙ୍କା ବଢ଼ିଥାଏ କି ?**

● ସେମିତି କିଛି ନୁହେଁ। ଏସବୁ କେବଳ ଅନ୍ଧବିଶ୍ୱାସ। କ୍ୟାନସର ପାଇଁ ଶରୀରରେ କ୍ୟାନସର୍ ଜିନ୍ ଥିବା ଦରକାର। ପ୍ଲାଷ୍ଟିକ୍ ସର୍ଜରୀ କରିବା ଦ୍ୱାରା କ'ଣ ପାଇଁ କର୍କଟ ହେବ?

**କେତେ ଖର୍ଚ୍ଚ ହୁଏ ?**

● ବମ୍ବେ, ଦିଲ୍ଲୀରେ ଲୋକେ ଏନେଇ ଯେତେ ଟଙ୍କା ଖର୍ଚ୍ଚ କରନ୍ତି, ସେ ତୁଳନାରେ ଏଠାରେ କମ୍। ଲୋକଙ୍କ ବଜେଟ୍ ଅନୁସାରେ ଏହାକୁ କରାଯାଉଛି।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର







ଦିବ୍ୟ ରଞ୍ଜନ ପଟ୍ଟନାୟକ
ବୌଦ୍ଧ

**ଗ୍ରାମରେ ବର୍ତ୍ତମାନ ୧୫ଟି ପରିବାର ଏହି କାରିଗରୀରେ ନିୟୋଜିତ ଅଛନ୍ତି । ଏମାନେ ସମସ୍ତେ କଂସାରୀ ବା ମହାରଣା ସମ୍ପ୍ରଦାୟର । ତମ୍ବା ନାଗ ମୂର୍ତ୍ତି ତିଆରିକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କରି ଏମାନେ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ମନ୍ଦିର ଗୁଡ଼ିକରେ ତମ୍ବା ନାଗର ଚାହିଦା ଥିବାରୁ ଏମାନଙ୍କର ପରିବାର ଚଳିଯାଏ । ଏକ ଶହ ବର୍ଷରୁ ଅଧିକ ପୁରୁଣା ଏହି କାରିଗରୀକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିଛନ୍ତି ଏମାନେ ।**

## ତମ୍ବା କାରିଗରଙ୍କ ଗାଁ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁଡଭେଲିପଦର ଗାଁ ତମ୍ବା ନାଗ ତିଆରି ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏହା ହେଉଛି ଓଡ଼ିଶାର ଏକମାତ୍ର ଗାଁ ଯେଉଁଠି ଏଭଳି ତମ୍ବା କାରିଗରୀ ବଞ୍ଚି ରହିଛି । ପ୍ରତ୍ୟେକ ଶିବ ମନ୍ଦିରରେ ଶିବ ଲିଙ୍ଗ ନିକଟରେ ଧାତୁ ନିର୍ମିତ ନାଗ ସାପ ସ୍ଥାପିତ ହେବା ଏକ ବିଧି ବା ପରମ୍ପରାର ଅଂଶବିଶେଷ ହୋଇଥିବା ବେଳେ ଏଠାରୁ ତିଆରି ହେଉଥିବା ତମ୍ବା ନାଗ ସାଧାରଣ ଭାବେ ବିଭିନ୍ନ ଶିବ ମନ୍ଦିରରେ ହିଁ ବ୍ୟବହୃତ ହୁଏ । ଅନେକ ସମୟରେ ଭକ୍ତମାନେ ମାନସିକ ପୂରଣ ପାଇଁ ମଧ୍ୟ ଶିବାଳୟରେ ତମ୍ବା ନାଗ ଅର୍ପଣ କରିଥାନ୍ତି । ଶିବାଳୟମାନଙ୍କରେ ତମ୍ବା ନାଗର ଚାହିଦା ଥିବାରୁ ଗୁଡଭେଲିପଦର ଗ୍ରାମର କିଛି ପରିବାର କୌଳିକ ବୃତ୍ତି ଭାବେ ତମ୍ବା ନାଗ ତିଆରି କାରିଗରୀକୁ ଆପଣେଇ ନେଇଛନ୍ତି । ଗ୍ରାମରେ ବର୍ତ୍ତମାନ ୧୫ ଟି ପରିବାର ଏହି କାରିଗରୀରେ ନିୟୋଜିତ ଅଛନ୍ତି । ଏମାନେ ସମସ୍ତେ କଂସାରୀ ବା ମହାରଣା ସମ୍ପ୍ରଦାୟର । ତମ୍ବା ନାଗ ମୂର୍ତ୍ତି ତିଆରିକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କରି ଏମାନେ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ମନ୍ଦିର ଗୁଡ଼ିକରେ ତମ୍ବା ନାଗର ଚାହିଦା ଥିବାରୁ ଏମାନଙ୍କର ପରିବାର ଚଳିଯାଏ । ଏକ ଶହ ବର୍ଷରୁ ଅଧିକ ପୁରୁଣା ଏହି କାରିଗରୀକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିଛନ୍ତି ଏମାନେ ତମ୍ବା ନାଗ ତିଆରି ପାଇଁ ଆବଶ୍ୟକୀୟ କଞ୍ଚାମାଲ ତମ୍ବା, ସୀସା ଓ ପିତ୍ତଳ ସମ୍ବଲପୁର ଜିଲ୍ଲାର ରେଙ୍ଗାଲିରୁ କାରିଗରମାନେ ସଂଗ୍ରହ କରନ୍ତି । ଆବଶ୍ୟକତା ଅନୁସାରେ ତମ୍ବା ଚଦରକୁ ବିଭିନ୍ନ ଭାଗରେ କଟାଯାଏ । ତାପରେ କଟା ଯାଇଥିବା ତମ୍ବା ଚଦରକୁ ଉତ୍ତପ୍ତ କରାଯାଏ ।ଫଳରେ ତମ୍ବା ଚଦର ନରମ ହୋଇଯାଏ ଏବଂ ତାକୁ କାରିଗରମାନେ ବାଞ୍ଛିତ ଆକାର ଓ ଆକୃତି ପ୍ରଦାନ କରିଥାନ୍ତି । ନିର୍ଦ୍ଦିଷ୍ଟ ଆକାର ଆକୃତି ଧାରଣ କରିବା ପରେ ବିଭିନ୍ନ ଅଂଶକୁ ଯୋଡିବା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସୀସା ଏବଂ ପିତ୍ତଳ ଆବଶ୍ୟକ ହୋଇଥାଏ । ଏଠାରେ ତମ୍ବା ନାଗ ବ୍ୟତୀତ ତ୍ରିଶୂଳ, ଡମ୍ବରୁ ମଧ୍ୟ ତିଆରି ହୁଏ । କାରିଗରଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉଚିତ ବିକ୍ରିବାଟା ପାଇଁ ଗ୍ରାମରେ ଏକ ସମବାୟ ସମିତି ଥିବା ବେଳେ ଓରମାସ ସହାୟତାରେ ବିଭିନ୍ନ ମେଳା ମହୋତ୍ସବରେ ଏସବୁ ସାମଗ୍ରୀ ବିକ୍ରୟ ବ୍ୟବସ୍ଥା କରାଯାଇଥାଏ । ସେହିପରି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମେତ ଓଡ଼ିଶା ତଥା ଦିଲ୍ଲୀ, ମୁମ୍ବାଇ, କୋଲକାତା, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଇତ୍ୟାଦିର ଅନେକ ଶିବାଳୟରେ ଏଠାରୁ ନିର୍ମିତ ତମ୍ବା ନାଗ ଶୋଭା ପାଉଥିବା କାରିଗରମାନେ ପ୍ରକାଶ କରିଛନ୍ତି । ତେବେ କଞ୍ଚାମାଲର ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଏହାର ଉଚିତ୍ ବଜାର ମୂଲ୍ୟ ମିଳୁ ନ ଥିବା କୁହନ୍ତି କାରିଗର । ଦରବୃଦ୍ଧି ଅନୁଯାୟୀ ବଜାରରେ ଅଧିକ ଦାମରେ ତମ୍ବା ନାଗ ବିକ୍ରି ହେଉ ନ ଥିବାରୁ ପାରିଶ୍ରମିକ ବ୍ୟତୀତ ଲାଭ ମିଳୁ ନ ଥିବା କାରିଗର ମାନେ ପ୍ରକାଶ କରିଛନ୍ତି । ପୂର୍ବରୁ ଗ୍ରାମର ପ୍ରାୟ ୪୦ ପରିବାର ଏହି ପେସାରେ ନିୟୋଜିତ ଥିବାବେଳେ ବର୍ତ୍ତମାନ ମାତ୍ର ୧୫ ପରିବାର ଏଥିରେ ନିୟୋଜିତ ଅଛନ୍ତି । ଏ ସମସ୍ତ ପରିବାରକୁ ସରକାରଙ୍କ ପକ୍ଷରୁ କାରିଗର ପରିଚୟପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନେକ ଜିଲ୍ଲାପାଳ ମଧ୍ୟ ଏହି କାରିଗରୀ ପରିଦର୍ଶନରେ ଆସିଛନ୍ତି । ତେବେ ସମୟକ୍ରମେ ବିଲୁପ୍ତିର ଦ୍ୱାରାଦେଶରେ ଥିବା ଏହି ବିରଳ କଳା ବଞ୍ଚାଇ ରଖିବା ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।





## ଝରଣା ପାଣିରେ ଝଲସୁଛି ପୋଖରୀ

**ଘଞ୍ଚ ଜଙ୍ଗଲ ପାହାଡ଼ ତଳେ ରହିଛି ଏକ ପୂର୍ଣ୍ଣଗର୍ଭା ପୋଖରୀ । ବର୍ଷା ଓ ଶୀତମାସରେ ଯେଭଳି ପ୍ରଚଣ୍ଡ ଖରାମାସରେ ମଧ୍ୟ ସେଭଳି ପାଣି ପୋଖରୀରେ ସୂର୍ଯ୍ୟକିରଣ ପଡ଼ି ଝଲସୁଥାଏ । ବାରମାସରେ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର କରିଥାଏ । ବହୁବର୍ଷ ପୂର୍ବେ ଜନବସତି ହେବା ପରେ ଲୋକମାନେ ଜଳକଷ୍ଟ ଦୂର କରିବା ପାଇଁ ନିଜ ଉଦ୍ୟମରେ ପୋଖରୀ ଖନନ କରିଥିଲେ । ଝରଣାର ସ୍ରୋତ ଆଜି ମଧ୍ୟ ପୂର୍ବଭଳିଆ ବୋହି ପୋଖରୀରେ ମିଶୁଛି । ପ୍ରାକୃତିକ ଭାବେ ଜଳସଂରକ୍ଷିତ ହୋଇ ନିତ୍ୟ ବ୍ୟବହାର ଉପଯୋଗୀ ହୋଇପାରୁଛି । ଏହାସହ ପୋଖରୀ ତଳପାର୍ଶ୍ୱରେ ଜମିରେ ବିଭିନ୍ନ ଫସଲ ଚାଷ ହୋଇପାରୁଛି । ଏଭଳି କେବେ ଶୁଖୁ ନଥିବା ପୋଖରୀ ରହିଛି ମେଘପାଳ ପଞ୍ଚାୟତ ଟାମ୍ପରସିଂହା ଗ୍ରାମରେ ।**





ଶୁଭାଶିଷ ପାଢ଼ୀ
ସମ୍ବଲପୁର

ସମ୍ବଲପୁର ଜିଲ୍ଲା ସଦରମହକୁମା ଠାରୁ ପ୍ରାୟ ୪୫କିମି ଦୂରରେ ରହିଛି ଆଦିବାସୀବହୁଳ ମାଓପ୍ରବଣ ମେଘପାଳ ପଞ୍ଚାୟତ ଟାମ୍ପରସିଂହା । ଚତୁପାର୍ଶ୍ୱରେ ପାହାଡ଼ ଘେରିରହିଛି । କିଛିବର୍ଷ ପୂର୍ବରୁ ମାଓବାଦୀ ଗତିବିଧି ବନ୍ଦ ହୋଇଯାଇଛି । ସରକାରଙ୍କ ପକ୍ଷରୁ ଏବେ ରାସ୍ତାଘାଟ, ଗମନାଗମନ ସୁବିଧା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ବିଜୁଳି ବ୍ୟବସ୍ଥା ଭଳି ସୁବିଧା କରାଯାଇଛି । ନଳକୂପ ରହିଛି ହେଲେ ଲୋକମାନେ ପୋଖରୀ ପାଣିକୁ ଅଧିକ ଭାବେ ବ୍ୟବହାର କରନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ କେଉଁ ଅମଳରୁ ପୋଖରୀ ଖୋଳାଯାଇଛି । ଅଞ୍ଚଳରେ ଅଧିକାଂଶ ଗଣ୍ଡ ସମାଜର ବସବାସ କରୁଛନ୍ତି । ପାହଡ଼ ତଳେ ଜନବସତି ଆରମ୍ଭ ହେଲା । ଏବେ ଗ୍ରାମରେ ପ୍ରାୟ ୫୦ଘରରୁ ଅଧିକ ବସବାସ କରୁଛନ୍ତି । ମାଓବାଦୀଙ୍କ ଭୟରେ କେତେକ ପରିବାର ଗ୍ରାମ ଛାଡ଼ି ଅନ୍ୟତ୍ର ଚାଲିଯାଇଥିଲେ । ଗ୍ରାମରେ ସରକାର ନଳକୂପ ଓ ଏବେ ମେଗା ପାନୀୟ ଜଳ ପ୍ରକଳ୍ପରେ ଗ୍ରାମକୁ ସାମିଲ କରିଛନ୍ତି । ଖରାମାସରେ ନଳକୂପରୁ ଆବଶ୍ୟକ ପାଣି ବାହାରି ନ ଥାଏ । ତେଣୁ ନଳକୂପ ପାଣି ସହିତ ପିଇବାରେ ଓ ଅନ୍ୟାନ ବ୍ୟବହାର ପାଇଁ ପୋଖରୀ ପାଣିକୁ ବ୍ୟବହାର କରିଥାଉ । ଖରାଦିନରେ ପୋଖରୀ ପାଣି ବହୁତ ଥଣ୍ଡା ରହିଥାଏ । ଗାଧୋଇବା ପାଇଁ ଭଲ ଲାଗେ । ପୋଖରୀ ଭିତରେ ଜଙ୍ଗଲରୁ ଦୁଇଟି ଜଳସ୍ରୋତ ଆସି ମିଶିଛି । ଅହରହ ପାଣି ବାହାରିଥାଏ । ପାଣି ଭିତରେ ଥିବାରୁ ଦେଖାଦିଏ ନାହିଁ । ହେଲେ ପୋଖରୀ ଖରାମାସରେ ମଧ୍ୟ ଶୁଖିଲା ପଡ଼େନାହିଁ । ପୂର୍ବରୁ ମାଟି ଓ ପଥରରେ ଆଡ଼ିବନ୍ଧ ଦେଇ ପାନୀୟ ଜଳସଙ୍କଟ ଦୂର କରିବା ପାଇଁ ଏହି ପୋଖରୀ ଖୋଳାଯାଇଥିଲା । ପୋଖରୀ ତଳେ ଧାନ ଓ ପନିପରିବା ଚାଷ ହୋଇଥାଏ । ପ୍ରାୟ ୨୦ଏକର ଜମିରେ ଚାଷ ସମୟରେ ପାଣିର ଅଭାବ ଦୂର କରିଥାଏ । ପନିପରିବା ଓ ତୈଳବୀଜ ଜାତୀୟ ଫସଲରେ କମ ପାଣି ଆବଶ୍ୟକ କରୁଥିବାରୁ ଚାଷ ହୋଇପାରୁଛି । ଚାଷୀମାନେ ରୋଜଗାରକ୍ଷମ ମଧ୍ୟ ହୋଇପାରୁଛନ୍ତି । ପୋଖରୀକୁ କଂକ୍ରିଟ ବନ୍ଧ କରିବା ପାଇଁ ଗ୍ରାମାବାସୀ ଦାବି କରିଥିଲେ । ତେଣୁ ସରକାର ପାଚେରୀ ଓ ପୋଖରୀ ତଳପାର୍ଶ୍ୱରେ କଂକ୍ରିଟ ବନ୍ଧ କରିଛନ୍ତି । ଏକ ଗେଟ ମଧ୍ୟ କରାଯାଇଛି । ପାଣି ଅପଚୟକୁ ରୋକାଯାଇ ପାରୁଛି । ଚତୁପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ମଧ୍ୟ ଏ ପୋଖରୀ ଲାଭଦାୟକ ହୋଇଥାଏ । ରାତି ସମୟରେ ପୋଖରୀକୁ ଆସି ପାଣି ପିଇଥାନ୍ତି । ତେବେ ପାଣିପାଗରେ ପରିବର୍ତ୍ତନ ହେବା ଯୋଗୁଁ ଆଗଭଳିଆ ଝରଣାର ସ୍ରୋତର ମାତ୍ରା ହ୍ରାସ ପାଇଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି ଗ୍ରାମର କିଛି ପୁରୁଖା ଲୋକ । ■

## ଉପାନ୍ତରେ ରୋଜଗାର ଯୋଗାଉଛି ପାନ ଚାଷ

**ସରକାରୀ ସହଯୋଗରେ ଜିଲ୍ଲାର କାଲିମେଳା ବ୍ଲକ ତେଲେରାଇ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭୭ ଗ୍ରାମରେ କିଛି ମହିଳା ମିଶି ବିଶ୍ୱ ମା’ ଜଗଦ୍ଧାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ରୋଜଗାର ପାଇଁ ପାନ ଚାଷ ଆରମ୍ଭ କରିଛନ୍ତି । ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏହି ମହିଳାଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା । ନିଜ ଅଞ୍ଚଳରେ ହିଁ ଏହି ପାନ ଚାଷ ଆରମ୍ଭ କରି ମହିଳାମାନେ ବେଶ ଭଲ ଦୁଇ ପଇସା ରୋଜଗାର କରୁଥିବା ବେଳେ ବର୍ତ୍ତମାନ ନିଜର ଏହି ପାନ କ୍ଷେତରେ ସେମାନେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ମଧ୍ୟ ନିଯୁକ୍ତି ଦେଇ ସେମାନଙ୍କୁ ରୋଜଗାର ଯୋଗାଉଛନ୍ତି ।**







ଅଶୋକ ମିଶ୍ର
ମାଲକାନଗିରି

ମାଲକାନଗିରି ଜିଲ୍ଲା ଏକ ଚାଷ ବହୁଳ ଜିଲ୍ଲା ଅଟେ । ଏଠାରେ ଅଧିକାଂଶ ଲୋକେ ଚାଷବାସ କରି ନିଜର ପରିବାର ପ୍ରତିପୋଷଣ କରନ୍ତି । ତେବେ ଏହି ଜିଲ୍ଲାରେ ବିଭିନ୍ନ ଫସଲ, ଫଳ, ଫୁଲ ଭଳି ଚାଷ ବିଶେଷ ରୂପେ ହୋଇଥାଏ । ଯେଉଁଥିରେ ଲୋକେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ହେଲେ ଏହି ଚାଷ ମଧ୍ୟରେ ଅର୍ଥକାରୀ ଫସଲ ଚାଷ ବିଶେଷ ନ ଥିବାରୁ ଲୋକେ ବିଶେଷ ଲାଭବାନ ହୋଇ ପାରୁନାହାନ୍ତି । କିନ୍ତୁ ଏହାରି ମଧ୍ୟରେ ବର୍ତ୍ତମାନ ଉପକୂଳ ଜିଲ୍ଲା ପରି ମାଲକାନଗିରି ଜିଲ୍ଲାରେ ଅନେକ ଚାଷୀ ଜଳବାୟୁକୁ ଖାପ ଖୁଆଇ ଆରମ୍ଭ କରିଛନ୍ତି ପାନ ଚାଷ । ପାନ ଚାଷ ଏକ ଅର୍ଥକାରୀ ଫସଲ ହୋଇଥିବା ବେଳେ ଏହି ଚାଷ କରି ଜିଲ୍ଲାରେ ଅନେକ ମହିଳା ଓ ପୁରଷ ବର୍ତ୍ତମାନ ହୋଇଛନ୍ତି ରୋଜଗାରକ୍ଷମ । ଏଠିକାର ଜଳବାୟୁ ମଧ୍ୟରେ ଉତ୍ତମ ପାନ ଚାଷ ଆରମ୍ଭ କରି ବେଶ ଲାଭବାନ ହୋଇଥିବା କହିଛନ୍ତି ଚାଷିକୂଳ । ପୂର୍ବରୁ ମାଲକାନଗିରି ଜିଲ୍ଲାକୁ ଉପକୂଳ ଜିଲ୍ଲାରୁ ପାନ ଆମଦାନୀ ହେଉଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଚାଷୀ ପାନ ଚାଷ କରି ଜିଲ୍ଲା ମଧ୍ୟରେ ଯୋଗାଇ ଦୁଇ ପଇସା ଅଧିକ ଲାଭ ପାଉଥିବା କହିଛନ୍ତି । ମାଲକାନଗିରି ଜିଲ୍ଲା ଏମଭି ୩୧ ଗ୍ରାମର ରାଧାକୃଷ୍ଣ ପାତ୍ର ନାମକ ଚାଷୀ ନିଜ ଜମିରେ ପାନ ବରଜ କରି ଦିନ ରାତି ଏକ କରି ବର୍ତ୍ତମାନ ବେଶ ଭଲ ଅର୍ଥ ରୋଜଗାର କରୁଛନ୍ତି । ଜିଲ୍ଲାରେ ପାନ ପ୍ରତି ଲୋକେ ଯଦିଓ ଏତେଟା ଗୁରୁତ୍ୱ ଦେଉ ନ ଥିଲେ, ତାହାରି ଭିତରେ ରାଧାକୃଷ୍ଣ ନିଜେ ଜଣେ ସଫଳ ପାନ ଚାଷୀ ଭାବେ ପରିଚୟ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ରାଧାକୃଷ୍ଣଙ୍କ ଜେଜେ ବାପା ଓ ବାପା ମଧ୍ୟ ଏହି ପାନ ଚାଷ କରୁଥିଲେ । ଜିଲ୍ଲାରେ ପାନର ଚାହିଦାକୁ ଦୃଷ୍ଟିରେ ରଖି ଓ ପାନ ଚାଷକୁ ନେଇ ଅଭିଜ୍ଞତା ଥିବାରୁ ମାଲକାନଗିରି ଜିଲ୍ଲାରେ ମଧ୍ୟ ସେ ପାନ ଚାଷ କରିବାକୁ ମନ ବଳାଇ ପ୍ରଥମେ ସ୍ୱଳ୍ପ ସ୍ଥାନରେ ଏହି ଚାଷ ଆରମ୍ଭ କରିଥିଲେ । ତେବେ ଏଥିରେ ସେ ସଫଳ ହେବାପରେ ବର୍ତ୍ତମାନ ପ୍ରାୟ ଏକ ଏକର ଜମିରେ ସେ ପାନ ଚାଷ କରୁଥିବା ବେଳେ ଏଥିରେ ତାଙ୍କୁ ସହଯୋଗ କରୁଛନ୍ତି ତାଙ୍କ ପରିବାର ଲୋକେ । ପାନ ଚାଷ ଭଲ ହେଉଥିବାରୁ ରାଧାକୃଷ୍ଣ ଭଲ ରୋଜଗାର କରୁଥିବା ବେଳେ ବିଭିନ୍ନ ଗ୍ରାମ ଓ ସାପ୍ତାହିକ ହାଟ, ବଜାରରେ ସେ ଏହି ପାନ ବିକ୍ରୟ କରି ଲାଭବାନ ହେଉଥିବା ପ୍ରକାଶ କରିଛନ୍ତି । ସେହିପରି ଜିଲ୍ଲାରେ ମହିଳାମାନେ ମଧ୍ୟ ଏହି ଚାଷ କରି ବେସ ଭଲ ରୋଜଗାର କରୁଥିବା ପ୍ରକାଶ କରିଛନ୍ତି । ଆଦିବାସୀ ବହୁଳ ଓ ଶିଳ୍ପ ବିହୀନ ମାଲକାନଗିରି ଜିଲ୍ଲାରେ ରୋଜଗାର ବିଶେଷ ମାଧ୍ୟମ ନ ଥିବା ବେଳ ମହିଳାଙ୍କ ବିକାଶ ପାଇଁ ସରକାରୀ ସହଯୋଗରେ ଜିଲ୍ଲାର କାଲିମେଳା ବ୍ଲକ ତେଲେରାଇ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭୭ ଗ୍ରାମରେ କିଛି ମହିଳା ମିଶି ବିଶ୍ୱ ମା’ ଜଗଦ୍ଧାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ରୋଜଗାର ପାଇଁ ପାନ ଚାଷ ଆରମ୍ଭ କରିଛନ୍ତି । ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏହି ମହିଳାଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା । ପାନ ଚାଷ ନିମନ୍ତେ ବିଭିନ୍ନ ପ୍ରକାରର ଜ୍ଞାନ ଓ ତାଲିମ ପାଇ ମା ଜଗଦ୍ଧାତ୍ରୀ ଗୋଷ୍ଠିର ସଦସ୍ୟାମାନେ ଜିଲ୍ଲାରେ ପାନ ଚାଷ ଆରମ୍ଭ କରିଥିଲେ । ନିଜ ଅଞ୍ଚଳରେ ହିଁ ଏହି ପାନ ଚାଷ ଆରମ୍ଭ କରି ମହିଳାମାନେ ବେଶ ଭଲ ଦୁଇ ପଇସା ରୋଜଗାର କରୁଥିବା ବେଳେ ବର୍ତ୍ତମାନ ନିଜର ଏହି ପାନ କ୍ଷେତରେ ସେମାନେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ମଧ୍ୟ ନିଯୁକ୍ତି ଦେଇ ସେମାନଙ୍କୁ ରୋଜଗାର ଯୋଗାଉଛନ୍ତି । ଜିଲ୍ଲାରେ ପାନ ଚାଷ ଏକ ନଗଣ୍ୟ ଚାଷ ହୋଇଥିବା ବେଳେ ଏହି ମହିଳାମାନେ ଜିଲ୍ଲାରେ ସଫଳତାର ସହ ପାନ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଉପକୂଳ ଜିଲ୍ଲା ପରି ମାଲକାନଗିରି ଜିଲ୍ଲାରେ ପାନ ଚାଷୀଙ୍କ ସଂଖ୍ୟା ବଢୁଥିବା ବେଳେ ଆଗକୁ ଜିଲ୍ଲାରେ ଏହାକୁ ଅଧିକରୁ ଅଧିକ ଚାଷୀ କରି ଲାଭବାନ ହୋଇପାରିବେ ବୋଲି କୁହାଯାଉଛି । ■



**ଦଇତାପତି ଏବଂ ପୂଜାପଣ୍ଡା ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା**

# ଶୃଙ୍ଖଳିତ ସ୍ନାନଯାତ୍ରା, ରଥଯାତ୍ରା ନୀତିକାନ୍ତି ପାଇଁ ପରାମର୍ଶ

**ପୁରୀ, ୮।୬(ସମିସ):** ଆସନ୍ତା ୨୨ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ଲକ୍ଷଲକ୍ଷ ସଂଖ୍ୟାରେ ଭକ୍ତ ଦେଖିବେ ଦାରୁଦିଅଁଙ୍କ ଦିବ୍ୟସ୍ନାନ। ଏହାପରେ ଗୁଣ୍ଡିଚା ଯାତ୍ରା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ପଡୁଥିବା ବେଳେ ଅଣସର ନୀତି ୧୩ ଦିନ ହେବ।

**୧୩ ଦିନିଆ ଅଣସର, ୧୯୭୧ ମସିହା ନୀତିକାନ୍ତି ଆଧାରରେ କରିବାକୁ ଆଲୋଚନା**

ତେଣୁ ସବୁ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ, ସେନେଇ ଶନିବାର ଦଇତାପତି ସେବାୟତ ଏବଂ ପୂଜାପଣ୍ଡା ସେବାୟତଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ।

ଅପରାହ୍ଣରେ ପ୍ରଥମେ ଦଇତାପତି ନିଯୋଗ ଏବଂ ପରେ ପୂଜାପଣ୍ଡା ନିଯୋଗ ସହ ବୈଠକ ହୋଇଥିଲା। ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ



ଏଥିରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ସ୍ନାନଯାତ୍ରା, ରଥଯାତ୍ରା, ଅଣସର ନୀତିକାନ୍ତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ନାନଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଦଇତାପତି ସେବକଙ୍କ ପ୍ରମୁଖ ଭୂମିକା ରହିଛି। ସେମାନେ ଗୋଷ୍ଠୀଗତ ଭାବେ ମହାପ୍ରଭୁଙ୍କ ସେବା କରିଥାନ୍ତି। ଏଥର ୧୩ ଦିନିଆ ଅଣସର ପଡୁଥିବା ବେଳେ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ପଡ଼ିଛି। ତେଣୁ ନୀତିକାନ୍ତି କିପରି ଶୃଙ୍ଖଳିତ ଏବଂ ସମନ୍ୱୟ ରକ୍ଷା କରାଯାଇ ସମ୍ପନ୍ନ ହେବ; ସେନେଇ ଦୁଇ ନିଯୋଗର ସେବାୟତଙ୍କୁ କୁହାଯାଇଥିଲା। ଏମିତି ସ୍ଥିତି ୧୯୭୧ ମସିହାରେ ପଡ଼ିଥିଲା। ତେଣୁ ୧୯୭୧ ମସିହାର ନୀତିକାନ୍ତି ଆଧାରରେ ଚଳିତ ବର୍ଷର ନୀତିକାନ୍ତି କରିବା ନେଇ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ୧୯୭୧ ମସିହା ରଥଯାତ୍ରା ରେକର୍ଡ ଉପସ୍ଥାପନ କରିଥିବା ବେଳେ ଏହା ଉପରେ ବିଶେଷ ତର୍ଜମା କରାଯାଇଥିଲା। ସେ ବର୍ଷ ବି ୧୩ ଦିନ ଅଣସର ନୀତି ହୋଇଥିଲା। ଯେହେତୁ ଠାକୁର ଅଣସର ପିଣ୍ଡିରେ ଥିଲେ ତେଣୁ ସେହିବର୍ଷ ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଆସିବା ପରେ ତିନିରଥକୁ ଟାଣି ରଥ ସିଂହଦ୍ୱାର ଚକଡ଼ାକୁ ନିଆଯାଇଥିଲା। ତେଣୁ ସେହି ଆଧାରରେ ଏବର୍ଷ ନୀତିକାନ୍ତି କରାଯିବ ବୋଲି ଆଲୋଚନା ହୋଇଛି। ଅନ୍ୟପକ୍ଷରେ ମନ୍ଦିର ପ୍ରଶାସନ ୧୯୭୧ ମସିହା ନୀତିକାନ୍ତିର ତାଲିକା ଦଇତାପତି ନିଯୋଗକୁ ପ୍ରଦାନ କରିବ। ନିଯୋଗ ତାଙ୍କର ଏକ ବୈଠକ କରି ଏହା ଉପରେ ଆଲୋଚନା କରିବା ସହ ପ୍ରଶାସନ ନିଷ୍ପତ୍ତି ଆଧାରରେ ସହଯୋଗ କରିବେ ବୋଲି ସ୍ଥିର ହୋଇଛି।

ସେହିପରି ପୂଜାପଣ୍ଡା ନିଯୋଗକୁ ମଧ୍ୟ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଯେପରି ଶୃଙ୍ଖଳିତ ହେବ ତା' ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଭକ୍ତମାନେ ଯେପରି ମହାପ୍ରଭୁଙ୍କର ଏହିସବୁ ଯାତ୍ରା ଭଲ ଭାବେ ଦର୍ଶନ କରିପାରିବେ; ସେନେଇ ଉଭୟ ନିଯୋଗ କର୍ମକର୍ତ୍ତାଙ୍କୁ କୁହାଯାଇଛି। ଏଥିରେ ସମସ୍ତେ ମନ୍ଦିର ପ୍ରଶାସନକୁ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ଅଧିକାରୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଉଭୟ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

**● ସିଏଚ୍‌ସିରୁ ଡାକ୍ତର ନିଖୋଜ ଘଟଣା**

# ଅପହରଣ ନୁହେଁ; ନିଜେ ଯାଇଥିଲେ କର୍ଣ୍ଣାଟକ

**ମାଲକାନଗିରି, ୮।୬ (ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଳାନ କୁମାର ଭୋଇ ନିଖୋଜ ମାମଲାର ଅନ୍ତ ଘଟିଛି। ଅମ୍ଳାନଙ୍କୁ ମାଓବାଦୀମାନେ ଅପହରଣ କରିନେଇଥିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏଥିରେ ଆଜି ମାଲକାନଗିରି ପୁଲିସ

**ପରିବାର ଲୋକଙ୍କୁ ହସ୍ତାନ୍ତର କଲା ମାଲକାନଗିରି ପୁଲିସ**

ପୂର୍ଣ୍ଣଚ୍ଛେଦ ପକାଇଛି। ଡାକ୍ତର ଅମ୍ଳାନଙ୍କୁ କେହି ଅପହରଣ କରି ନଥିଲେ, ବରଂ ନିଜର ବ୍ୟକ୍ତିଗତ ସମସ୍ୟା ଯୋଗୁଁ ସେ କାହାକୁ ନ ଜଣାଇ କର୍ଣ୍ଣାଟକ ଯାଇଥିଲେ ବୋଲି ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନି ସୂଚନା ଦେଇଛନ୍ତି। କର୍ଣ୍ଣାଟକୁ ସୁରକ୍ଷିତ ଭାବେ ଅଣାଯିବା ପରେ ପୁଲିସ୍ ଆଜି ଡା. ଅମ୍ଳାନଙ୍କୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ଏସ୍‌ପି ନୀତେଶ ୱାଧୱାନିଙ୍କ ସୂଚନାନୁଯାୟୀ, ଗତ ୨ ତାରିଖରେ କାଲିମେଳାର ଡା. ରାକେଶ ସାହୁ କାଲିମେଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ଡାକ୍ତର ଅମ୍ଳାନ କୁମାର ଭୋଇ, କାଲିମେଳାସ୍ଥିତ ତାଙ୍କ ସରକାରୀ ବାସଭାବନରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସିପିଆଇ ମାଓବାଦୀ ନାମରେ ଏକ ଓଡ଼ିଆ ପୋଷ୍ଟର୍ ତାଙ୍କ ଘର ସମ୍ମୁଖରେ ଲଗାଯାଇଛି। ତେଣୁ ତାଙ୍କୁ ମାଓବାଦୀମାନେ ଅପହରଣ କରି ନେଇଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗରେ ଦର୍ଶାଇଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଓଡ଼ିଶାର ସମସ୍ତ ଜିଲ୍ଲା ସହ ବାହାର ରାଜ୍ୟର ପୁଲିସ୍‌କୁ ଏନେଇ ସୂଚନା ଦିଆଯାଇଥିଲା। ତେବେ ଗତ ୫ ତାରିଖ କର୍ଣ୍ଣାଟକର ହରୋହଲି ବସଷ୍ଟାଣ୍ଡ ନିକଟରୁ ହରୋହଲି ପୁଲିସ ନିଖୋଜ



ଡାକ୍ତରଙ୍କୁ ଉଦ୍ଧାର କରି ଏ ସମ୍ପର୍କରେ ମାଲକାନଗିରି ପୁଲିସକୁ ସୂଚନା ଦେଇଥିଲା। ଡାକ୍ତର ଭୋଇ ସୁରକ୍ଷିତ ଥିବା ଜାଣିବା ପରେ ଏକ ପୁଲିସ ଟିମ୍ ତାଙ୍କୁ ସେଠାରୁ ଫେରାଇ ଆଣିଥିଲେ। ୭ ତାରିଖ ମାଲକାନଗିରି ଜିଲ୍ଲାରେ ପହଞ୍ଚିବା ପରେ ଡାକ୍ତର ଭୋଇଙ୍କୁ ପୁଲିସ ପଚରାଉଚରା କରିଥିଲା। ଏହାପରେ ତାଙ୍କ ନିଖୋଜ ଘଟଣାରେ କାହାର କୌଣସି ସମ୍ପୃକ୍ତି ନଥିବା ଜଣାପଡ଼ିଥିଲା। ସେ ନିଜର ବ୍ୟକ୍ତିଗତ ସମସ୍ୟା ହେତୁ କାଲିମେଳାରୁ କାହାକୁ କିଛି ନ କହି ନିଜେ ଚାଲି ଯାଇଥିଲେ।

# ଓଡ଼ିଶା ଛୁଇଁଲା ମୌସୁମୀ

**ଭୁବନେଶ୍ୱର, ୮।୬ (ସମିସ):** ପୂର୍ବାନୁମାନ ଅନୁଯାୟୀ ଆଜି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ମୌସୁମୀ ବାୟୁ ଆଜି ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ସକ୍ରିୟ ରହିଛି। ଫଳରେ ଜିଲ୍ଲାର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି।

ଚଳିତ ବର୍ଷ ସ୍ୱାଭାବିକ ସମୟର ୪ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି। ଗତ ୩୦ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁଥିଲା। ଏହାର ୮ ଦିନ ପରେ ଆଜି ଓଡ଼ିଶାରେ ଏହା ପ୍ରବେଶ କରିଛି। ଏହା ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ସକ୍ରିୟ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅପରପକ୍ଷେ ଆସନ୍ତାକାଲି କେତେକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଆଶଙ୍କା ରହିଥିବା ବେଳେ ଆଉ କେତେକ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭୂତ ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୯ ତାରିଖ ବରଗଡ଼, ବଲାଙ୍ଗୀର ଓ ନୂଆପଡାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ

**ଆଜି ୧୧ ଜିଲ୍ଲାରେ ଅନୁଭୂତ ହେବ ଉଷ୍ମ ଓ ଆର୍ଦ୍ର ଜଳବାୟୁ**

**କେତେକ ଜିଲ୍ଲାକୁ କାଳବୈଶାଖୀ ସତର୍କତା**

ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭୂତ ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଚେତାବନୀ ଜାରି କରାଯାଇଛି।

ଅପରପକ୍ଷେ ରବିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ ଓ ରାୟଗଡାରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି।

# ପୁଣି ଭାଙ୍ଗିଲା ନବନିର୍ମିତ ବିମାନବନ୍ଦରର ପାଚେରି

**ମାଲକାନଗିରି, ୮।୬ (ସମିସ):** ମାଲକାନଗିରି ବିମାନବନ୍ଦରର ନବନିର୍ମିତ ପାଚେରିଟି ପୁଣିଥରେ ଭୁଶୁଡ଼ି ପଡ଼ିଛି। ଶୁକ୍ରବାର ରାତିରେ ଜିଲ୍ଲାରେ ହୋଇଥିବା ବର୍ଷା ପବନ ଯୋଗୁଁ ମାଟି ଧୋଇଯିବାରୁ ବିମାନବନ୍ଦରର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବ ପାଚେରି ଭୁଶୁଡ଼ି ପଡ଼ିଛି। ବିମାନବନ୍ଦର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଶେଷ ହୋଇ ନାହିଁ। ଆହୁରି କିଛି କାର୍ଯ୍ୟ ବାକି ରହିଛି। ତେବେ ନିମ୍ନମାନର କାମ ଯୋଗୁଁ ବିମାନବନ୍ଦର ପାଚେରି ଭୁଶୁଡ଼ି ପଡ଼ିଛି ବୋଲି ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ପୂର୍ବରୁ ମଧ୍ୟ ଏଠାରେ ପାଚେରି ଭାଙ୍ଗି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ ନେତା ମାଲା ମାଢ଼ି, ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗି, କୃଷ୍ଣଚନ୍ଦ୍ର ଅନୁଗୁ ପ୍ରମୁଖ ଉପସ୍ଥିତ ଥିଲେ।



# ଜଳିଗଲା ବେକେରି ଦୋକାନ



**ସିନାପାଲି, ୮।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବସଷ୍ଟାଣ୍ଡରେ ଥିବା ଏକ ଥିବା ଏକ ବେକେରି ଦୋକାନରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟିଛି। ଦୋକାନ ଖୋଲାଥିବା ବେଳେ ହଠାତ୍ ଏଭଳି ଘଟଣା ଘଟିଥିଲା। ଏଥିଯୋଗୁଁ ଦୋକାନରେ ଥିବା କର୍ମଚାରୀ ଭୟଭୀତ ହୋଇ ପଡ଼ିଥିଲେ। ତୁରନ୍ତ ସେମାନେ ବାହାରକୁ ବାହାରକୁ ବାହାରି ଆସିଥିଲେ। ଦୋକାନରୁ ନିଆଁ ସହ ପ୍ରବଳ ଧୂଆଁ ବାହାରୁଥିବା ଥିବା ଦେଖି ଅନ୍ୟ ଦୋକାନୀମାନେ ଧାଇଁ ଆସିଥିଲେ। ଖବର ପାଇ ସିନାପାଲି ଦମକଳ କେନ୍ଦ୍ରର କର୍ମଚାରୀ ନିଆଁଲିଭା ଗାଡ଼ି ସହ ପହଞ୍ଚିଥିଲେ। ସ୍ଥାନୀୟ ଦୋକାନୀ ଓ ଲୋକଙ୍କ ସହୟତାରେ ଅଗ୍ନିକମାନେ ଦୀର୍ଘ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁ ଲିଭାଇଥିଲେ। ତେବେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ସଟ୍‌ସର୍କିଟ୍ ଯୋଗୁଁ ଏଭଳି ଘଟିଥିବା ଅଗ୍ନିଶମ ବିଭାଗ ଅନୁମାନ କରୁଛି। ଦୋକାନ ମାଲିକ ଚନ୍ଦ୍ରଶେଖର ମେହେର ଭାଙ୍ଗି ପଡ଼ିଛନ୍ତି। ଧାରକରଜ କରି ସେ ଦୋକାନ କରିଛନ୍ତି। ପ୍ରାୟ ୧୫ଲକ୍ଷ ଟଙ୍କା କ୍ଷତି ହୋଇଥିବା କହିଛନ୍ତି। ସିନାପାଲି ପୁଲିସ୍ ଏହାର ତଦନ୍ତ କରୁଛି।

**ମାଓବାଦୀଙ୍କ ବର୍ବର କାଣ୍ଡ**

# ଯୁବକଙ୍କୁ ଗୁଳି କରି ହତ୍ୟା

**ମାଲକାନଗିରି, ୮।୬ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀମାନେ ବର୍ବର କାଣ୍ଡ ଘଟାଇଛନ୍ତି। ମାଓବାଦୀମାନେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଛନ୍ତି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ର କୋଣ୍ଡାଗାଓଁ ଜିଲ୍ଲା ଅନ୍ତର୍ଗତ ଧନୋରା ଥାନା ଅଞ୍ଚଳରେ ବିବାହ ଉତ୍ସବରୁ ଫେରୁଥିବା ଜଣେ ଯୁବକଙ୍କୁ ମାଓବାଦୀମାନେ ଗୁଳି କରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ତିମଡି ସ୍କୁଲପାରା ବାସିନ୍ଦା ଦୀନେଶ ମାଣ୍ଡାଭି(୩୩)। ଶୁକ୍ରବାର ରାତିରେ ସେହି ଗାଁର ଏକ ବିବାହ ଉତ୍ସବରେ ଯୋଗଦେଇ ବିଳମ୍ବିତ ରାତିରେ ଫେରିବା ସମୟରେ କିଛି ସଶସ୍ତ୍ର ମାଓବାଦୀ ଦୀନେଶଙ୍କୁ ଗୁଳି କରିଥିଲେ। ଏ ସଂପର୍କରେ ସେଠାରେ ଉପସ୍ଥିତଲୋକେ ତାଙ୍କର ପରିବାରଲୋକ ଓ ପୁଲିସକୁ ସୂଚନା ଦେଇଥିଲେ। ଦୀନେଶଙ୍କୁ ଚିକିତ୍ସା ପାଇଁ କେଶକଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହି ଘଟଣା ପରେ ଦୀନେଶଙ୍କୁ କାହିଁକି ହତ୍ୟା କରାଯାଇଥିଲା, ସେନେଇ ମାଓବାଦୀ ତରଫରୁ କୌଣସି ସୂଚନା ମିଳିନଥିବା ବେଳେ ପୁଲିସ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି।

## ଅବଶିଷ୍ଟାଂଶ..

### ବିମାନ ଦୁର୍ଘଟଣାରେ...

ସୂଚନାଯୋଗ୍ୟ ଯେ ଆଣ୍ଡର୍ସ ଆମେରିକା ବାୟୁସେନା ସଦସ୍ୟ ଥିଲେ। ସେ ୧୯୬୮ରେ କର୍ଣ୍ଣେଲ ଫ୍ରେଙ୍କ ବୋରମେନ ଏବଂ କ୍ୟାପ୍‌ଟେନ ଜେମ୍ସ ଲୋୱେଲଙ୍କ ସହ ଆପୋଲୋ-୮ ଅଭିଯାନରେ ବାହାରି ଥିଲେ। ସେହି ବର୍ଷ ଡିସେମ୍ବର ୨୪ରେ ସେ ଚନ୍ଦ୍ରକୁ ୧୦ ଥର ପରିକ୍ରମା କରିଥିଲେ। ଏହି ସମୟରେ ସେ ଚନ୍ଦ୍ର ଏବଂ ପୃଥିବୀର ଅନେକ ଫଟୋ ଉଠାଇ ଥିଲେ।

### ପରଲୋକରେ ରାମୋଜୀ...

ବିଗତ ପାଞ୍ଚ ଦଶନ୍ଧି ଧରି ଆନ୍ଧ୍ର ପ୍ରଦେଶର ସାମାଜିକ ଏବଂ ରାଜନୈତିକ ଦୃଶ୍ୟପଟ୍ଟରେ ତାଙ୍କର ଭୂମିକା ଉଲ୍ଲେଖନୀୟ ରହିଥିଲା। ଆନ୍ଧ୍ର ପ୍ରଦେଶର ସର୍ବାଧିକ ପ୍ରସାରିତ ଦୈନିକ ଖବର କାଗଜ 'ଇନାଡୁ'ର ସେ ପ୍ରତିଷ୍ଠାତା ରହିଥିଲା ବେଳେ ଭାରତର ଅନ୍ୟତମ ସର୍ବାଧିକ ପ୍ରସାରିତ ଇଟିଭିର ମଧ୍ୟ ସେ ପ୍ରତିଷ୍ଠାତା ଥିଲେ। ବିଭିନ୍ନ କ୍ଷେତ୍ରରେ ତାଙ୍କର କୃତିତ୍ୱ ପାଇଁ ତାଙ୍କୁ ୨୦୧୬ରେ 'ପଦ୍ମବିଭୂଷଣ'ରେ ସମ୍ମାନିତ କରାଯାଇଥିଲା।

### ଆଜିଠୁ ମୋଦୀଙ୍କ...

ଲୋକସଭା ବିରୋଧୀ ଦଳ ନେତା ଭାବେ ରାହୁଲଙ୍କୁ ଦାୟିତ୍ୱ ଦେବାକୁ ମଧ୍ୟ ଏହି ବୈଠକରେ ପ୍ରସ୍ତାବ ପାରିତ କରାଯାଇଛି। ଦଳର ଅନ୍ୟତମ ବରିଷ୍ଠ ନେତା ଦିଗବିଜୟ ସିଂ ରାହୁଲଙ୍କ ନାମ ପ୍ରସ୍ତାବ ଦେବା ପରେ ଏହାକୁ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ଇଣ୍ଡିଆ ମେଣ୍ଟରେ ସାମିଲ ଥିବା ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଏବଂ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ତୁଳନାରେ ରାହୁଲ ହିଁ ଲୋକସଭାରେ ବିରୋଧୀ ନେତା ଭୂମିକା ଗ୍ରହଣ କରିବା ସବୁଠୁ ଉତ୍ତମ ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି।

### ସୋମବାର ସକାଳକୁ...

ପରେ ୨ରୁ ୩ଟି ନାମ ଉପରେ ବିଚାରବିମର୍ଶ ଜାରି ରହିଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କେ ଭି ସିଂହଦେଓଙ୍କ ନାମ ଏହି ତାଲିକାରେ ସର୍ବାଗ୍ରେ ରହିଛି। ତେବେ ଆଜି ବିଳମ୍ବିତ ରାତ୍ରି କିମ୍ବା ଆସନ୍ତାକାଲି ବିଜେପିର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ସଂସଦୀୟ ବୋର୍ଡ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏହାପରେ ୧୦ ତାରିଖ ସକାଳେ ଓଡ଼ିଶାରେ ବସିବାକୁ ଥିବା ବିଜେପି ବିଧାୟକ ଦଳ ବୈଠକରେ ଦିଲ୍ଲୀ ପର୍ଯ୍ୟବେକ୍ଷକ ଯୋଗଦେଇ ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ସୂଚନା ଦେବେ। ଏହାପରେ ସର୍ବସମ୍ମତିକ୍ରମେ ବିଧାୟକ ଦଳର ନେତା ଚୟନ ହେବ ବୋଲି ଜଣାପଡ଼ିଛି। ଅପରପକ୍ଷେ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା, ଗୃହମନ୍ତ୍ରୀ ଅମିତ୍ ଶାହା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସମେତ ଆଉ କିଛି ରାଜ୍ୟର ବିଜେପି ମୁଖ୍ୟମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ବ୍ୟତୀତ ଆସନ୍ତାକାଲି ଶପଥ ଗ୍ରହଣ କରିବାକୁ ଥିବା କେନ୍ଦ୍ର କ୍ୟାବିନେଟର ଅନେକ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

### ମୋ ଉତ୍ତରାଧିକାରୀ...

ସରକାରୀ ଅଧିକାରୀ ଭାବେ ବହୁତ ଭଲ କାମ କରିବା ପରେ ସେ ମୋ ଦଳରେ ଯୋଗ ଦେଇଥିଲେ। କୌଣସି ପଦପଦବୀରେ ନ ଥାଇ ସୁଦ୍ଧା ବିଜେଡି ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ ରହିଛି। ଏପରିକି ଚଳିତ ନିର୍ବାଚନରେ ସେ କୌଣସି ଆସନରୁ ନିର୍ବାଚନ ମଧ୍ୟ ଲଢ଼ି ନ ଥିଲେ। ନିଜର ଦକ୍ଷତା, ନିଷ୍ଠା ତଥା ସଚ୍ଚୋଟତା ପାଇଁ ସେ ସର୍ବଦା ପରିଚିତ ହୋଇ ରହିବେ। ମୁଁ ପୂର୍ବରୁ କହିଛି ଆଉ ଏବେ ମଧ୍ୟ କହୁଛି ଯେ ସେ ମୋ ଉତ୍ତରାଧିକାରୀ ନୁହଁନ୍ତି। ମୋ ଉତ୍ତରାଧିକାରୀ କିଏ ହେବ ତାହା ଓଡ଼ିଶାବାସୀ ନିର୍ଣ୍ଣୟ କରିବେ ବୋଲି ନବୀନ ପୁଣି ଥରେ ଦୋହରାଇଥିଲେ। ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ ମୋ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ଉଠୁଛି। କିନ୍ତୁ ମୁଁ ଏଠାରେ ପୁଣି ଥରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମୋ ସ୍ୱାସ୍ଥ୍ୟ ସବୁବେଳେ ବହୁତ ଭଲ ରହି ଆସିଛି ଏବଂ ଆଗକୁ ମଧ୍ୟ ରହିବ। ଗତ ମାସରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭିତରେ ମୁଁ ଲଗାତାର ନିର୍ବାଚନ ପ୍ରଚାର କରିଛି। ମୋ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଠୁଥିବା ପ୍ରଶ୍ନ ପାଇଁ ଏତିକି ଉତ୍ତର ଯଥେଷ୍ଟ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଶ୍ରୀ ପଟ୍ଟନାୟକ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କରାଯାଉଥିବା କଟାକ୍ଷର ଜବାବ୍ ରଖିବା ସହିତ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ହେଉଥିବା ଅପପ୍ରଚାରର ପୁଣି ଥରେ ଜବାବ୍ ଦେଇ ଏହା କହିଛନ୍ତି। ଅପରପକ୍ଷେ ଗତ ତିନି ଦିନ ହେଲା ବିଜେଡି ସଭାପତି ବରିଷ୍ଠ ନେତୃତ୍ୱଙ୍କ ସହ ଦଳର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଆଗାମୀ ରଣନୀତି ସମ୍ପର୍କରେ ମାନସମନ୍ଥନ ଚଳାଇଛନ୍ତି। ଏପରିସ୍ଥଳେ ଆଜି ତାଙ୍କର ଏହି ବୟାନ୍ ବେଶ୍ ଗୁରୁତ୍ୱବହନ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

### ବ୍ରାହ୍ମଣୀରେ ବୁଡ଼ି...

ଗାଧୋଉଥିବା ବେଳେ ଆଜି ଅପରାହ୍ଣ ପ୍ରାୟ ୨ଟାରୁ ସାଢ଼େ ୨ଟା ମଧ୍ୟରେ ଏହି ଦୁଃଖଦ ଘଟଣା ଘଟିଥିଲା। ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଶନିବାର ସମସ୍ତେ ବେଦବ୍ୟାସ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ବୁଲାବୁଲି କରି ନଦୀରେ ଗାଧୋଇବାକୁ ଯାଇଥିଲେ। ହଠାତ୍ ସମିରନ୍ ଓ ରଜତ ପାଣିରେ ବୁଡ଼ି ଯାଇଥିଲେ। ଦୁହିଁଙ୍କୁ ଉଦ୍ଧାର କରିବାକୁ ଅନ୍ୟ ୪ଜଣ ଚେଷ୍ଟା କରିଥିଲେ ହେଁ ସେମାନେ ମଧ୍ୟ ବୁଡ଼ି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ପୁଲିସ ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ସମିରନ ଓ ରଜତଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପରିବାରଲୋକେ ପହଞ୍ଚିବା ପରେ ପୁଲିସ ଆଗାମୀ ପଦକ୍ଷେପ ଗ୍ରହଣ କରିବ ବୋଲି ଏନ୍‌ଆଇଟି କୁଳସଚିବ ରୋହନ ଧିମାନ କହିଛନ୍ତି। ଖବର ପାଇ ଏନଆଇଟି ରେଜିଷ୍ଟ୍ରାର ସମେତ ବିଧାୟକ ସାରଦା ପ୍ରସାଦ ନାୟକ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଖାନାରେ ପହଞ୍ଚି ଚିକିତ୍ସାଧୀନ ଛାତ୍ରଛାତ୍ରୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।

### ଦୁର୍ନୀତିମୁକ୍ତ ହୋଇଗଲେ...

ମୁମ୍ବାଇରେ ସିଜେ ହାଉସ ନାମକ ଏକ କୋଠା ନିର୍ମାଣ କରିଥିଲା। ଏହି ସମ୍ପତ୍ତିକୁ ନେଇ ୨୦୦୭ରେ ମିର୍ଚ୍ଚି ଏବଂ ପଟେଲଙ୍କ ମଧ୍ୟରେ ଚୁକ୍ତି ହୋଇଥିବା ଅଭିଯୋଗ କରାଯାଇଥିଲା। ଏହାକୁ ଏଭଳି ଏକ ଜମିରେ ନିର୍ମାଣ କରାଯାଇଥିଲା, ଯେଉଁଠି ମିର୍ଚ୍ଚିର ମଧ୍ୟ ସମ୍ପତ୍ତି ଥିଲା। ୨୦୦୭ରେ ମିଲେନିୟମ ଡେଭଲପର୍ସ ଜମି ବଦଳରେ ତୃତୀୟ ଏବଂ ଚତୁର୍ଥ ମହଲାକୁ ମିର୍ଚ୍ଚିର ପତ୍ନୀ ହାଜରାଙ୍କୁ ପ୍ରଦାନ କରିଥିଲା। ମିର୍ଚ୍ଚି ହାୱାଲା କାରବାର ମାଧ୍ୟମରେ ଜମି କିଣିଥିବା ଜଣାପଡ଼ିବା ପରେ ଇଡି ୨୦୧୯ରେ କୋଠାର ତୃତୀୟ ଏବଂ ଚତୁର୍ଥ ମହଲାକୁ ଜବତ କରି ନେଇଥିଲା। ସେହି ବର୍ଷ ଅକ୍ଟୋବରରେ ଏହି ମାମଲାରେ ପ୍ରଫୁଲଙ୍କୁ ୧୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଜେରା କରାଯାଇଥିଲା। ସେତେବେଳେ ଡିଏଚ୍‌ଏଫ୍‌ଏଲର ପ୍ରମୋଟର କପିଲ ଏବଂ ଧୀରଜ ବଧାୱନକୁ ଗିରଫ କରାଯାଇଥିଲା। ମାତ୍ର ଆଇନ ଅନୁଯାୟୀ ସବୁ କାରବାର ହୋଇଥିଲା ବୋଲି ପଟେଲ କହିଥିଲେ। ଇଡି ୨୦୨୨ରେ ସିଜେ ହାଉସର ଦ୍ୱାଦଶ ଏବଂ ୧୫ତମ ମହଲାରେ ଥିବା ୭ ଫ୍ଲାଟକୁ ଜବତ କରିଥିଲା। ଏହାର ମୂଲ୍ୟ ୧୮୦ କୋଟି ଟଙ୍କା ବୋଲି କୁହାଯାଇଥିଲା। ଏହି ଫ୍ଲାଟ ପ୍ରଫୁଲଙ୍କ ପତ୍ନୀ ବର୍ଷା ଏବଂ ତାଙ୍କ କମ୍ପାନୀ ମିଲେନିୟମ ଡେଭଲପର ନାମରେ ପଞ୍ଜୀକୃତ ଥିଲା। ପିଏମଏଲଏ କୋର୍ଟ ଏହି ମାମଲାରେ ଇକବାଲ ମିର୍ଚ୍ଚିର ପତ୍ନୀ ଏବଂ ପୁଅଙ୍କୁ ପଳାତକ ଘୋଷଣା କରିଛନ୍ତି। ଦୁବାଇ, ବ୍ରିଟେନ ସହିତ ଦେଶ ବିଦେଶରେ ଥିବା ମିର୍ଚ୍ଚି ୮୦୦ କୋଟିର ସମ୍ପତ୍ତିକୁ ଇଡି ଜବତ କରିଛି।

ପୂର୍ବରୁ ପ୍ରଫୁଲ ପଟେଲଙ୍କୁ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ଘନିଷ୍ଠ କୁହାଯାଉଥିଲା। ମାତ୍ର ସେ ୨୦୨୩ରେ ଜୁଲାଇରେ ଏନ୍‌ସିପିରେ ବିଦ୍ରୋହ କରି ଅଜିତ ଗୋଷ୍ଠୀର ଏନିସିପିକୁ ଆସି ଯାଇଥିଲେ। ପରେ ମହାରାଷ୍ଟ୍ର ସରକାରରେ ସାମିଲ ହୋଇ ଅଜିତ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରେ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ବନ୍ଧିତ ଦୁର୍ନୀତି ମାମଲାରେ ଅଜିତଙ୍କୁ କ୍ଲିନଚିଟ୍ ମିଳିଥିଲା।

### ମାଟ୍ରିକ୍ ଫେଲ୍...

ତାଙ୍କ କମ୍ପାନୀରେ ୧୦ ହଜାର ସଦସ୍ୟ ଥିବା କହିଥିଲେ। ଏପରିକି, ଏହି ସଂସ୍ଥାରେ ଟଙ୍କା ଲଗାଇ ୧୧ ପ୍ରତିଶତ ଲାଭ ପାଇବା ସହ ଭିଡିଓ ଲିଙ୍କ୍ ସେୟାର କଲେ ଅଧିକ ବୋନସ ମିଳିବ ବୋଲି କହିଥିଲେ। ଲୋଭରେ ପଡ଼ି ମନମୋହନ ପ୍ରଥମେ ୨ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ସଂସ୍ଥାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲଗାଇଥିଲେ। ଏପରିକି ତାଙ୍କ ବନ୍ଧୁମାନଙ୍କୁ ମଧ୍ୟ ଏହି ସଂସ୍ଥାରେ ଯୋଡ଼ିଥିଲେ। ତେବେ ମନମୋହନଙ୍କ ଭଳି ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳର ୩ ହଜାର ଲୋକ ଏଥିରେ ପୁଞ୍ଜିନିବେଶ କରିଥିଲେ। କିନ୍ତୁ ୨୦୨୩ ଅକ୍ଟୋବର ସୁଦ୍ଧା ସଂସ୍ଥା ଲାଭ ଟଙ୍କା ନ ଦେବାରୁ ସେମାନଙ୍କର ସନ୍ଦେହ ହୋଇଥିଲା। ମନମୋହନ ସଂସ୍ଥା ସଂପର୍କରେ ଅଧିକ ତଦନ୍ତ କରିବାରୁ ଏହା ଏକ ଠକ କମ୍ପାନି ବୋଲି ଜାଣିବାକୁ ପାଇଥିଲେ। ପରେ ସେ ଏ ସଂପର୍କରେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇଥିଲେ।

### ପ୍ରେମିକାର ଗଳା...

ଘଟଣାସ୍ଥଳରେ ପହଞ୍ଚି ଆଖପାଖ ସାହି ଲୋକଙ୍କଠାରୁ ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛି। ଫେସ୍‌ବୁକ୍‌ରେ ଦୁହିଁଙ୍କ ପରିଚୟ ଓ ସେଇଠୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା ବୋଲି କୁହାଯାଉଛି। ତେବେ ସୀମାଞ୍ଚଳ କେବେଠାରୁ ଦେବଗଡ଼ ଆସିଥିଲା, କେଉଁଠାରେ ରହୁଥିଲା, ଫୋନ୍ କରି ତାକୁ ପ୍ରେମିକା ଡାକିଥିଲା ନା ସେ ନିଜେ ଆସିଥିଲା, କେତେ ଦିନ ଧରି ପ୍ରେମ ସମ୍ପର୍କ ଥିଲା, କ'ଣ ପାଇଁ ରକ୍ତମୁଖୀ ହେଲା; ଏସବୁ ଦିଗ ଉପରେ ପୁଲିସ ତଦନ୍ତ କରୁଛି।

### ମହାଦେବଙ୍କ ପତରପେଣ୍ଡି...

ଶୋଭାଯାତ୍ରା ବାହାରିଥିଲା। ପୂର୍ବ ନିର୍ଦ୍ଧାରିତ ଚାରଭାଟିସ୍ଥିତ କନ୍ୟା ପିତାମାତାଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ କନ୍ୟାପକ୍ଷରୁ ପାରମ୍ପରିକ ରୀତିନୀତି ଅନୁସାରେ, ବରପକ୍ଷଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଘର ଭିତରକୁ ପାଛୋଟି ନିଆଯାଇଥିଲା। କନ୍ୟାଘରେ ପହଞ୍ଚିବା ପରେ ବରପକ୍ଷଙ୍କୁ ସେମାନଙ୍କ ଆଗମନର ଉଦ୍ଦେଶ୍ୟ ବିଷୟରେ ପଚାରିଥିଲେ। ଏହାପରେ ସପ୍ତଋଷିମାନେ କନ୍ୟାପକ୍ଷଙ୍କୁ ଦେବୀ ପାର୍ବତୀଙ୍କ ସହ ମହାଦେବଙ୍କ ବିବାହ ପ୍ରସ୍ତାବ ଦେଇଥିଲେ। ସପ୍ତଋଷି ମହାଦେବ ଶ୍ମଶାନରେ ବାସ କରନ୍ତି ବୋଲି କହିବା ପରେ ପ୍ରଥମେ କନ୍ୟାପକ୍ଷ ବିବାହ ପ୍ରସ୍ତାବରେ ଅରାଜି ହୋଇ କନ୍ୟା ଦେବେନି ବୋଲି କହିଥିଲେ। ତେବେ ସପ୍ତଋଷି ମହାଦେବଙ୍କ ଗୁଣଗାନ କରିବା ପରେ କନ୍ୟା ପିତାମାତା ଏହି ବିବାହ ପ୍ରସ୍ତାବରେ ରାଜି ହୋଇଥିଲେ। ସ୍ଥାନୀୟ ପାରମ୍ପରିକ ରୀତିନୀତି ଓ ଲୋକାଚାର ଅନୁସାରେ ପୂଜାର୍ଚ୍ଚନା କରିବା ପରେ ବରପକ୍ଷ ୭୨ଟି ସରଗି ପତ୍ର (ଶାଳପତ୍ର) ଏକ ବିଡା କନ୍ୟାପକ୍ଷଙ୍କୁ ପ୍ରଦାନ କରି ବିବାହ ସ୍ଥିରୀକୃତ କରିଥିଲେ। ଏହି ପରମ୍ପରାକୁ ପତର ପେଣ୍ଡି ବା ନିର୍ବନ୍ଧ କୁହାଯାଏ।

ଆଗାମୀ ଦିନରେ ହନୁମାନ ନିଉତା ଓ ଦେବ ନିମନ୍ତ୍ରଣ ନୀତି ଅନୁଷ୍ଠିତ ହେବ। ୧୦ ତାରିଖ ରାତିରେ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ବାହାରିବ। ବିଳମ୍ବିତ ରାତିରେ ଦେବ ଦମ୍ପତିଙ୍କ ବିବାହ ଅନୁଷ୍ଠିତ ହେବ। ୧୧ ରାତିରେ ଓ ୧୨ ତାରିଖ ଅପରାହ୍ଣ ପର୍ଯ୍ୟନ୍ତ ଶୋଭାଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ସନ୍ଧ୍ୟାରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ହେବ। କୁହାଯାଏ, ଶୀତଳଷଷ୍ଠୀ ଯାତ୍ରାର ଆରମ୍ଭ ମୁଖ୍ୟତଃ ସମ୍ବଲପୁରରେ ଚୌହାନ ବଂଶୀୟ ରାଜାଙ୍କ ରାଜୁତି କାଳରେ ଆରମ୍ଭ ହୋଇଥିଲା। ତତ୍କାଳୀନ ରାଜାମାନେ ନିଜର ରାଜ କାର୍ଯ୍ୟରେ ସହାୟତା ପାଇଁ ପୁରୀରୁ କିଛି ଉତ୍କଳୀୟ ବ୍ରାହ୍ମଣ ପରିବାରକୁ ଆଣି ସମ୍ବଲପୁରରେ ଅବସ୍ଥାନ କରେଇଥିଲେ। ଯେହେତୁ ଉତ୍କଳୀୟ ବ୍ରାହ୍ମଣମାନେ ଶିବଭକ୍ତ ଥିଲେ, ସେତେବେଳେ ସେମାନେ ଶିବ ବିବାହ କରିବାକୁ ଆରମ୍ଭ କରିଥିଲେ। ତେବେ ଶିବ ଓ ପାର୍ବତୀଙ୍କ ଏହି ବିବାହ ସମ୍ପୂର୍ଣ୍ଣ ଲୌକିକ ଚାରରେ ହୋଇଥାଏ। ଶିବ ପାର୍ବତୀଙ୍କ ଏହି ଦେବ ବିବାହର ସମ୍ପୂର୍ଣ୍ଣ ପରମ୍ପରାକୁ ଶୀତଳ ଷଷ୍ଠୀ ଯାତ୍ରା କୁହାଯାଏ।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**LOST**

It is notified for the information that my original B-Tech (Degree Certificate) under the BPUT of the year 2013-14 vide Sl.No.- BDCI 40117851, Registration no.- 1001360009 has destroyed by white-ants completely, which is beyond its recovery.
Name-Motilal Giri, Place-Dova, Badampahar, Mayurbhanj, Mobile-7008529365.

ନଡ଼ିଆ ବିକାଶ ବୋର୍ଡ / नारियल विकास बोर्ड
**COCONUT DEVELOPMENT BOARD**
(कृषि एवं किसान कल्याण मंत्रालय, भारत सरकार)
(Ministry of Agriculture and Farmers Welfare, Government of India)
प्रदर्शन सह बीज उत्पादन प्रक्षेत्र/ Demonstration cum Seed Production Farm
Pitapalli, पी.ओ/PO:Kumarabasta, जिला: खुर्दा-Dist:Khurda-752055
टेलीफोन/Telephone-8280067723
ई-मेल /E-mail- cdbdspfarmodisha@gmail.com/ f-pitapalli@coconutboard.gov.in

पत्रसंख्या/ F. No. DSP/OR /26/Dev. तारीख/Date: 06.06.2024

**TENDER CALL NOTICE FOR SUPPLY OF FARM INPUTS**

Coconut Development Board, DSP Farm, Pitapalli is inviting rates from the Govt. agencies / Govt. undertaking / Cooperative Societies and reputed Private agency for supply of **Neem coated UREA (46% N) , Muriate of Potash (60% $K_2O$) and Single Super Phosphate (16% $P_2O_5$) and Borax/Boron (20 %)** . The rate of Chemical Fertilizer should not exceed Govt. Rate. Charges for Transportation, loading and unloading up to DSP Farm, Pitapalli may be quoted separately. Quality should be as per Fertilizer Control Order, 1985 as amended from time to time . The Sealed quotations should reach the undersigned on or before **02/07/2024 at 11:00 AM** and quotations will be opened on the same date at **11:15 AM**. The undersigned has right to accept or reject any or all quotations without assigning any reason whatsoever.

Terms and Conditions can be collected from this Office on all working days – (Monday to Friday) from 10.00 AM to 04.00 PM.

Sd/-
उप निदेशक/Deputy Director

## ଧାର ଟଙ୍କାକୁ ନେଇ ଆକ୍ରମଣ; ଯୁବକ ଗିରଫ

**ଖଲ୍ଲିକୋଟ, ୮ ।୬(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ଗ୍ରାମର ନାରାୟଣ ମହାରଣାଙ୍କୁ ଧାର ଟଙ୍କା ଆଦାୟ କରିବା ବାହାନାରେ ଗଛରେ ବାନ୍ଧି ମାଡ଼ ମାରିବା ଏବଂ ବାଇକ୍ ଛଡେଇ ନେବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସାବୁଳିଆ ଗ୍ରାମର ନାରାୟଣ ମହାରଣା ସେହି ଗ୍ରାମର ସନ୍ତୋଷ ସ୍ୱାଇଁଙ୍କଠାରୁ ୫ ଲକ୍ଷ ଟଙ୍କା ଧାର ଆଣିଥିଲେ। ଇତି ମଧ୍ୟରେ ନାରାୟଣ, ସନ୍ତୋଷଙ୍କୁ ୪ ଲକ୍ଷ ୩୦ ହଜାର ଟଙ୍କା ଧାର ବାବଦକୁ ପରିଶୋଧ କରି ଦେଇଥିଲେ। ଅବଶିଷ୍ଟ ୭୦ ହଜାର ଓ ସୁଧ ଅର୍ଥ ନ ଦେବାରୁ ସନ୍ତୋଷ ଓ ତାଙ୍କ ସାଙ୍ଗ ବୀରସେନ ତରେଇ ଗତ ମାସ ୨୪ ତାରିଖରେ ନାରାୟଣଙ୍କ ବାଇକ୍ ଛଡେଇ ନେବା ସହ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ନାରାୟଣ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସନ୍ତୋଷର ସହଯୋଗୀ ବୀରସେନକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ଫୁଲକେଶ୍ୱରୀଙ୍କ ଯାତ୍ରା ଆମ୍ବପୁର ଉତ୍ସବମୁଖର

**ପାତ୍ରପୁର, ୮ ।୬(ସମିସ)**

ପାତ୍ରପୁର ବ୍ଲକ ଆମ୍ବପୁର ଗ୍ରାମରେ ମା' ଫୁଲକେଶ୍ୱରୀଙ୍କ ଯାତ୍ରା ଧୁମଧାମରେ ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟରାତିରେ ମା'ଙ୍କୁ ଆରାଧନା କରି ଅଣାଯାଇଛି। ପାରମ୍ପରିକ ବାଜା, ଶଙ୍ଖ, କାହାଳି ବଜାଇ ମା'ଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ଆଜ୍ଞା ମାଳ ମିଳିବା ପରେ ମା' ଗ୍ରାମରେ ମଝିରେ କରାଯାଇଥିବା ଅସ୍ଥାୟୀ ପୀଠକୁ ବିଜେ କରିଛନ୍ତି। ଯାତ୍ରା ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ପ୍ରତ୍ୟେକ ଦିନ ଗ୍ରାମରେ ମା'ଙ୍କ ଘଟ ପରିକ୍ରମା ସହ ରାମାୟଣ, ମହାଭାରତ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକାରୀ କରିବା ପାଇଁ ସଚ୍ଚିଦାନନ୍ଦ ରାଜଗୁରୁ, ବୃନ୍ଦାବନ ପ୍ରଧାନ, ବୈଲଚନ ଚୌଧୁରୀ, ସୂର୍ଯ୍ୟନାରାୟଣ ପ୍ରଧାନ, ତରୁଣ ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ, ଯୁଧିଷ୍ଠିର କନ୍ୟାରୀ ପ୍ରମୁଖଙ୍କ ସମେତ ୭ ଜଣିଆ କମିଟି ଗଠନ କରାଯାଇଥିଲା। ୨୦ ଜଣିଆ ସହଯୋଗୀ କମିଟି ଗଠନ ହୋଇଛି। ଯାତ୍ରା ପାଇଁ ଗ୍ରାମ ଆଲୋକ ମାଳାରେ ସଜ୍ଜିତ ହୋଇଥିବାବେଳେ ଘରେ ଘରେ ଅତିଥିମାନଙ୍କ ଆସର ଜମୁଛି। ପ୍ରତି ତିନି ବର୍ଷରେ ଥରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଗ୍ରାମ ଉତ୍ସବ ମୁଖର ହୋଇଉଠିଛି।



## କଣ୍ଟେନର୍ ଧକ୍କାରେ ବୃଦ୍ଧା ଗୁରୁତର



**ଗଞ୍ଜାମ, ୮ ।୬(ସମିସ):** ଗଞ୍ଜାମ ସହର ନିକଟ ଜାତୀୟ ରାଜପଥରେ ଏକ କଣ୍ଟେନର ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଏକ କଣ୍ଟେନର ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଜଣେ ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ଜଣକ ଗୁରୁତର ଆହତ ହୋଇଥିଲେ। ଏନଏଚ ପାଟ୍ରୋଲିଂ ଗାଡ଼ିର ଏସଆଇ ନୀଳାଞ୍ଚଳ ସେଠି, ଡ୍ରାଇଭର ଏ. ଜଗନ୍ନାଥ, ଗଞ୍ଜାମ ଥାନା ପୁଲିସ ପହଞ୍ଚି ଗୁରୁତର ବୃଦ୍ଧାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ପଠେଇଥିଲେ। ଅନ୍ୟପଟେ ଧକ୍କା ଦେଇଥିବା କଣ୍ଟେନରକୁ ଗଞ୍ଜାମ ଥାନା ପୁଲିସ ଜବତ କରି ତଦନ୍ତ କରୁଛି।

## ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**ଆସିକା, ୮ ।୬(ସମିସ):** ଗଞ୍ଜାମ ଜିଲ୍ଲା ଆସିକା ଥାନା ସିଦ୍ଧନଇ ପଞ୍ଚାୟତ ନିକଟସ୍ଥ ପଥର କୁଆରୀ ନିକଟରେ ଜଣେ ଅଜଣା ମହିଳାଙ୍କ ମୃତଦେହ ପଡ଼ିରହିଛି। ତେବେ କିଏ ଏହି ମହିଳା ଓ କେମିତି ତାଙ୍କର ମୃତ୍ୟୁ ହୋଇଛି ତାହାର କାରଣ ଅସ୍ପଷ୍ଟ ରହିଛି। ଶନିବାର ଅପରାହ୍ନରେ ଗ୍ରାମର କିଛି ଲୋକ ଚାଷ ଜମିକୁ ଯିବା ସମୟରେ ପଥର କୁଆରୀ ନିକଟରେ ମହିଳାଙ୍କ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ଆସିକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରୁଛି।

## ବିରୁଳି ରାଜମାତାଙ୍କ ପରଲୋକ

**ଗଞ୍ଜାମ, ୮ ।୬(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିରୁଳି ରାଜମାତା ପ୍ରେମ ମଞ୍ଜରୀ ସିଂହଦେଓଙ୍କ ବିରୁଳି ରାଜବାଟିରେ ଶନିବାର ଭୋରରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ବିରୁଳି ରାଜ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ପୂର୍ବତନ ସାନ ରାମଚନ୍ଦ୍ରପୁର ସମିତିସଭ୍ୟ ବିଷ୍ଣୁ ସିଂହଦେଓଙ୍କ ସମେତ ଅନ୍ୟ ତିନିପୁତ୍ର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗଞ୍ଜାମ ବ୍ଲକ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ।

## ଅଜଣା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର, ୮।୬(ସମିସ):** ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ରାମଲିଙ୍ଗେଶ୍ୱର ରୋଡ୍‌ସ୍ଥିତ ହନୁମାନ କ୍ଷେତ୍ରୁ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ଟାଉନ ଥାନା ପୁଲିସ। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ପାଖାପାଖି ୬୫ରୁ ୭୫ ହେବ ବୋଲି ପୁଲିସ ଅନୁମାନ କରୁଛି। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ମୃତଦେହକୁ ସଂରକ୍ଷଣ ଗୃହରେ ସଂରକ୍ଷିତ ଭାବେ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ବୃଦ୍ଧା ଜଣକ ଭିକ୍ଷାବୃତ୍ତି କରୁଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି।

## ଯୁବତୀଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

**ବ୍ରହ୍ମପୁର, ୮।୬(ସମିସ):** ସ୍ଥାନୀୟ ଅଟୋ ନଗରରେ ଥିବା ଏକ ଆପାର୍ଟମେଣ୍ଟରେ ଜଣେ ଯୁବତୀ ବେକରେ ଚୂନି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ, ଅଟୋ ନଗରର ପୂଜା ନାୟକ(୧୮)। ବଡ଼ବଜାର ଥାନା ପୁଲିସ ଶନିବାର ମେଡିକାଲରେ ଯୁବତୀଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସମ୍ପୃକ୍ତ ଯୁବତୀ ଜଣଙ୍କ ମାତ୍ରାଧିକ ଚାପରୁ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଧୀନ ଅଟୋ ନଗରରେ ସରକାରୀ ଆପାର୍ଟମେଣ୍ଟରେ ଭାଇଙ୍କ ଘରେ ପୂଜା ରହିଆସୁଥିଲେ। ଶନିବାର ଘରେ ପୂଜା ଏକାକୀ ଥିଲେ। ଭାଇଁ ଘରକୁ ଫେରିବାବେଳେ ଘର ଭିତରପଟୁ କବାଟ ବନ୍ଦ ଥିଲା। ପୂଜାଙ୍କୁ ବାରମ୍ବାର ଡାକିଥିଲେ ବି ସେ କବାଟ ଖୋଲିନଥିଲେ। ତେଣୁ ତାଙ୍କର ସନ୍ଦେହ ହୋଇଥିଲା। ଶେଷରେ ସେ ଘର ଝରକା କବାଟ ଭାଙ୍ଗି ଘର ଭିତରକୁ ଯାଇ ଦେଖନ୍ତିତ ପୂଜା ବେକରେ ଚୂନି ଗୁଡ଼ାଇ ଫ୍ୟାନରେ ଝୁଲୁଛନ୍ତି। ତାଙ୍କୁ ସେଠାରୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବ୍ରହ୍ମପୁର, ୮।୬(ସମିସ):** ସ୍ଥାନୀୟ ବଡ଼ ବଜାର ଥାନା ଅନ୍ତର୍ଗତ ଓମ୍ ନଗରରେ ଏକ ନିର୍ମାଣାଧୀନ ଘରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସଦର ଥାନା ଅଧୀନ ବାଲିପଡ଼ାର ପବିତ୍ର ବିଷୋୟୀ(୨୫)। ସେ ଉକ୍ତ ଘରେ ହେଲପର୍ ଭାବେ କାମ କରୁଥିଲେ। ସୂଚନାପ୍ରକାରେ, ପବିତ୍ର ଏହି ନିର୍ମାଣାଧୀନ ଘରେ କାର୍ଯ୍ୟ କରୁଥିବା ବେଳେ ପାଣି ମଟର ଲଗାଇବାକୁ ଯାଇଥିଲେ। ଏହି ସମୟରେ ସେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତ ଲାଗି ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଯୁବକମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ପବିତ୍ରଙ୍କ ମୃତଦେହ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପବିତ୍ର କିଛିମାସ ପୂର୍ବେ ବିବାହ କରିଥିଲେ।

## ପୁଲିସ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବେଲଗୁଣ୍ଠା, ୮ ।୬(ସମିସ)**

ବେଲଗୁଣ୍ଠା ଥାନାରେ କାର୍ଯ୍ୟରତ ସବ୍-ଇନ୍ସପେକ୍ଟର ମହେଶ୍ୱର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବେଲଗୁଣ୍ଠା ଥାନାରେ ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଭଞ୍ଜନଗର ଏସ୍‌ଡିପିଓ, ସୁଜିତ୍ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ବେହେରାଙ୍କ ଅବସରକାଳୀନ ଜୀବନର ଶୁଭ କାମନା କରିବା ସହିତ ଶ୍ରୀ ବେହେରା ନିଜ ଦୀର୍ଘ ଦିନର ପୁଲିସ ଚାକିରିରେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହା ଆଗାମୀ ପିଢ଼ିକୁ ସୁଦୃଢ଼ କରିବ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଏସଡିପିଓ ଶ୍ରୀ ନାୟକଙ୍କ ଦ୍ୱାରା



ବେଲଗୁଣ୍ଠାର ପ୍ରସିଦ୍ଧ ପିତ୍ତଳ ମାଛ ଉପହାର ପ୍ରଦାନ କରାଯାଇଥିଲା। ତତ୍‌ସହିତ ସହକର୍ମୀ ମାନେ ମଧ୍ୟ ଶ୍ରୀ ବେହେରାଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଥାନା ସେକେଣ୍ଡ ଅଫିସର ଅଭୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭଞ୍ଜନଗର ଥାନାଧିକାରୀ କୁମର ମୁଦୁଲୀ, ଗାଙ୍ଗପୁର ଥାନାଧିକାରୀ ରାଜେଶ କୁମାର ନାୟକ, ଜଗନ୍ନାଥ ପ୍ରସାଦ ଥାନାଧିକାରୀ ଅରୁଣ କୁମାର ସିଂ, ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରୀ ରେଡ୍ଡୀ, ଏସଆଇ ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଗଞ୍ଜାମ, ୮ ।୬(ସମିସ)**

ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଗାଁର ନଟବର ତରାଇ ଗତ ପାଞ୍ଚଦିନ ହେବ ନିଖୋଜ ଥିଲେ। ଶନିବାର ଛତ୍ରପୁର ଥାନା ଅଧୀନସ୍ଥ ଆର୍ଜିପାଲିସ୍ଥିତ ଜଙ୍ଗଲରୁ ନଟବରଙ୍କ ମୃତଦେହ ଉଦ୍ଧାର ହୋଇଛି। ନିଖୋଜ ହେବାଦିନ ପରିବାର ଲୋକେ ବହୁ ଖୋଜା ଖୋଜି ପରେ ନଟବର ସାଙ୍ଗରେ ନେଇଥିବା ଢାଳ ଦୁଇଦିନ ତଳେ ମିଳିଥିଲା। ମୃତଦେହ ସନ୍ଧାନ ପରେ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିଥିଲେ। କୌଣସି ହିଂସ୍ର ଜନ୍ତୁଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କାରଣ ନଟବରଙ୍କ ଶରୀରର ଅଧା ଭାଗ ନ ଥିବା ବେଳେ ଶରୀରର ଖଣ୍ଡ ବିଖଣ୍ଡିତ ମାଂସ ପଡ଼ିଥିବା ଦେଖିବାକୁ ମିଳିଛି। ପୁଲିସ ମୃତଦେହ ଉଦ୍ଧାର କରିଛି।

ପ୍ରକାଶ ଯୋଗ୍ୟ ନଟବର ନିଖୋଜ ନେଇ ତାଙ୍କ ଭାଇଁ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ସେ ଗତ ମଙ୍ଗଳବାର ସକାଳ ସାଢେ ଆଠଟାରେ ଗାଁ ନିକଟସ୍ଥ ଜଙ୍ଗଲକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନଟବର ଘରକୁ ନ ଆସିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ପଡ଼ିବା ସହ ଚାରିଆଡେ ଖୋଜା ଖୋଜି କରିଥିଲେ ସୁଦ୍ଧା ନଟବରଙ୍କ କୌଣସି ପତ୍ତା ମିଳିନଥିଲା। ତେଣୁ ବାଧ୍ୟ ହୋଇ ନଟବରଙ୍କ ଭାଇଁ ଦିଲ୍ଲୀପ ପ୍ରଧାନ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ କେସନଂ ୯/୨୪ରେ ତଦନ୍ତ କରୁଥିଲା।

## ଗଛଡାଳ ଭାଙ୍ଗି ବାଇକ୍ ଆରୋହୀ ଗୁରୁତର



**ଖଲ୍ଲିକୋଟ, ୮ ।୬(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଘଟିଛି ଅଘଟଣ। ରାସ୍ତାକଡ଼ରେ ଥିବା ବରଗଛର ଏକ ବିରାଟ ଡାଳ ଭାଙ୍ଗି ପଡ଼ିବାରୁ ସେହି ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଓଡ଼ିଆ ଆଲପୁର ଗ୍ରାମର ରାଜମିସ୍ତ୍ରି କୃଷ୍ଣ ତରେଇ ଟିକିଲି ଗ୍ରାମରେ କାମ ଶେଷ କରି ସନ୍ଧ୍ୟାରେ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଏତିକିବେଳେ ମୁକୁନ୍ଦପୁର ଛକରେ ଥିବା ବରଗଛର ଏକ ବିରାଟ ଡାଳ ହଠାତ ଭାଙ୍ଗି ଯାଇ ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେପଟେ ବରଗଛର ଡାଳ ପଡ଼ି ଖଲ୍ଲିକୋଟ-ବ୍ରହ୍ମପୁର ରାସ୍ତା ଅବରୋଧ ହୋଇଛି।

## କୋଟପାଡ଼ରେ ରୂପୁ ଭତ୍ରାଙ୍କ ବିଜୟ ଶୋଭାଯାତ୍ରା

**ଚାନ୍ଦିଲି,୮।୬(ସମିସ):** କୋରାପୁଟ ଜିଲ୍ଲାର କୋଟପାଡ଼ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ରୂପୁ ଭତ୍ରା ତାଙ୍କ ଦଳୀୟ କର୍ମୀମାନଙ୍କୁ ନେଇ କୋଟପାଡ଼ ସହରରେ ବିଜୟ ଶୋଭାଯାତ୍ରା ଆୟୋଜନ କରିଥିଲେ। କୋଟପାଡ଼ କେନ୍ଦୁଗୁଡ଼ାରେ ଅବସ୍ଥିତ ମା' ପରଦେଶିନୀ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ବିଜେପି କର୍ମୀ ନିଜ ଦଳର ବିଜୟ ପାଇଁ ଶୋଭଯାତ୍ରା କରିବା ସହ କୋଟପାଡ଼ ସହରର ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରି ମିଠା ବଣ୍ଟନ କରିଥିଲେ। ଶୋଭାଯାତ୍ରା ପାଇଁ କୋଟପାଡ଼ ନିର୍ବାଚନମଣ୍ଡଳୀରେ ଥିବା ଶଶାହାଣ୍ଡି, କୁସୁମୀ ପଞ୍ଚାୟତ, ବୋରିଗୁମ୍ମା, କୁନ୍ଦ୍ରା ବ୍ଲକର ବହୁ ବିଜେପି କର୍ମୀ ଯୋଗଦେଇଥିଲେ। ଶୋଭାଯାତ୍ରା ପାଇଁ ସହରରେ ଉତ୍ସାହର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୂଚନା ଥାଉକି, ଗତ ୪ ତାରିଖରେ ପ୍ରକାଶ ପାଇଥିବା ସାଧାରଣ ନିର୍ବାଚନ ଫଳାଫଳରେ ବିଧାୟକ ପ୍ରାର୍ଥୀ ରୂପୁ ଭତ୍ରା ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀଙ୍କୁ ୨୬ ହଜାର ୨୬୪ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ରାଜ୍ୟ ବିଜେପି ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ବିଜୟୀ ପ୍ରାର୍ଥୀ ଗତ ୪ ତାରିଖରୁ ଭୁବନେଶ୍ୱର ଯାଇ ଦଳୀୟ ଜରୁରୀ ବୈଠକରେ ଯୋଗଦେଇଥିଲେ। ଶୁକ୍ରବାର ସେ କୋଟପାଡ଼ରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ ଜଣାଇବା ସହ ବିଜୟ ଶୋଭାଯାତ୍ରାର ଆୟୋଜନ କରିଥିଲେ।



## ନୀଳକଣ୍ଠେଶ୍ୱର ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ

**ନନ୍ଦପୁର,୮।୬(ସମିସ)**

କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ ବନମାଳିପୁଟ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସକାଳୁ ସକାଳୁ ଗ୍ରାମର ମହିଳାମାନେ ସ୍ନାନ ସାରି କଳସରେ ନଦୀ ମୁହାଣରୁ ଜଳ ଆଣିବା ପରେ ଗ୍ରାମବାସୀମାନେ ସଂକୀର୍ତ୍ତନ, ନାମଯଜ୍ଞ କରିଥିଲେ। ପରେ ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବର ପୂଜା ଶେଷ ପରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ବନମାଳିପୁଟ, ଭୀମାରିପୁଟ, ଦେବଗନ୍ଧଣା ଗ୍ରାମର ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟି ସଭାପତି ଗୋବର୍ଦ୍ଧନ ନାୟକ, ନାଗେଶ୍ୱର ନାୟକ, ଜଳେଶ୍ୱର ନାୟକ, ମାଣିକ ନାୟକ, ପଦ୍ମନାଭ ନାୟକ, ରମେଶ ମାଛ, ଜଗତ ଖିଲ, ସୁବାସ ବିଶୋଇ, ଜଗବନ୍ଧୁ ପରିଆ, ଟଙ୍କଧର ଜାଲା, ଲିଙ୍ଗା ଦିଆରି, କେଶବ ମାଝୀଙ୍କ ସମେତ ୩ ଗ୍ରାମର ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅସହାୟ ମାଝିବାଣୀଙ୍କ ଘରେ ପହଞ୍ଚିଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ

'ସକାଳ' ପ୍ରଭାବ

**କଲ୍ୟାଣସିଂହପୁର,୮।୬(ସମିସ)**

୪ ଛୋଟ ଛୋଟ ଝିଅଙ୍କୁ ନେଇ ପଲିଥିନ୍ ଝୋପଡ଼ି ଘରେ ଆଶ୍ରୟ ନେଇଛନ୍ତି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଧାମୁଣିପଙ୍ଗା ପଞ୍ଚାୟତର କାଳିଆଗୁଡ଼ା ଗାଁର ଅସହାୟ ବିଧବା ମହିଳା ମାଝିବାଣୀ ହୁଇକା। କନ୍ୟାରତ୍ନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିଥିବାବେଳେ ଶନିବାର 'ସକାଳ' ଖବର କାଗଜରେ ଏ ନେଇ ଖବର ପ୍ରକାଶିତ ହେବାରୁ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପହଞ୍ଚି ମାଝିବାଣୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ଦୁଇ ଝିଅଙ୍କୁ ନେଇ ଏକ ହଷ୍ଟେଲରେ ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ବିଧବା ଭତ୍ତା ପାଇଁ ଆମେ ଆଲୋଚନା କରିଛୁ ବୋଲି କହିଥିଲେ।

ସରକାରଙ୍କ ବିଭିନ୍ନ ଯୋଜନାରେ ମିଳୁଥିବା ସହାୟତା ତାଙ୍କ ପାଇଁ ହୋଇପଡ଼ିଛି ସାତସପନ। ଗତ ୨ ବର୍ଷ ହେବ ସ୍ୱାମୀ ନବେରାଓ ହୁଇକାଙ୍କ ମୃତ୍ୟୁ ପରଠାରୁ ବିଧବା ଅସହାୟ ମହିଳା ସାଜିଛନ୍ତି ଘରର ମୁରବୀ। କୁଲି ମଜୁରୀ କରି କିଛି ଅର୍ଥ ମିଳିଲେ ଘରେ ଚୁଲି ଜଳୁଛି। ଆଉ



ଏଥିରେ ୫ପ୍ରାଣୀ କୁଟୁମ୍ବଙ୍କ ପେଟ ପୂରୁଥିବାବେଳେ ଅନେକ ସମୟରେ କୁନି କୁନି ଝିଅମାନଙ୍କୁ ଏକାକୀ ଛାଡ଼ି ଦିନ ମଜୁରିଆ ଭାବେ କାମକୁ ବି ଯାଇପାରୁ ନ ଥିବାରୁ ଯେଉଁଦିନ କାମ ବନ୍ଦ ସେ ଦିନ ଭୋକ ଉପାସରେ ଦିନ କଟୁଛି। ଗାଁ ଦାଣ୍ଡରେ ବୁଲିଥିବା ଏହି କୁନି କୁନି ପିଲାଙ୍କୁ ଗ୍ରାମବାସୀ ଗଣ୍ଡେ ଖାଇବାକୁ ଦେଲେ ସେମାନେ ପେଟଭରି ଖାଇପାରୁଛନ୍ତି। ମାଝିବାଣୀଙ୍କ ପରିବାରକୁ ସରକାରଙ୍କ ରାସନ କାର୍ଡ ମିଳିଥିବାବେଳେ ସେ ମାତ୍ର ୩୫ କେଜି ଚାଉଳ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ପାଇପାରୁଛନ୍ତି। କେବଳ ଚାଉଳକୁ ନେଇ କିପରି ସେ ଚଳିବେ ତେଣୁ କୁଲି ମଜୁରୀ କରି ଦୁଇ ପଇସା ପାଇଲେ ସେଥିରେ ତାଙ୍କ ତେଲ, ଲୁଣ ସଂସାର ଚଳୁଥିବା ସେ କୋହଭାର କଣ୍ଠରେ ପ୍ରକାଶ କରିଥିଲେ।

ଆଗକୁ ବର୍ଷା ଦିନ ଆସୁଥିବାବେଳେ ପଲିଥିନ୍ ପଡ଼ିଥିବା ଚାଳ ଝୋପଡ଼ି ଘରେ ବର୍ଷା ପାଣି ଗଳୁଥିବାରୁ ଆବାସ ଭଳି ଯୋଜନାରେ ମଧ୍ୟ ସେ ଘରଟିଏ ପାଇପାରୁ ନାହାନ୍ତି। ଯାହାକୁ ନେଇ ନିଜର ୪ଟି କନ୍ୟାରତ୍ନଙ୍କ ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଅସହାୟ ବିଧବା ମହିଳା ମାଝିବାଣୀ। ଦୁଃଖର ପାହାଡ଼ ତାଙ୍କ ଉପରେ ଲଦି ହୋଇଥିବାବେଳେ କଲ୍ୟାଣସିଂହପୁର ବ୍ଲକ୍ ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଅଧିକାରୀମାନଙ୍କ ଅଣଦେଖା ମାଝିବାଣୀଙ୍କ ଦୁଃଖକୁ ଆହୁରି ଦ୍ୱିଗୁଣିତ କରିଦେଉଛି। ସ୍ୱାମୀ ନବେରାଓଙ୍କ ମୃତ୍ୟୁ ପରେ ବିଧବା ଭତ୍ତା ପାଇଁ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ନିକଟକୁ ଧାଇଁ ଧାଇଁ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି ମାଝିବାଣୀ।

ସେହିପରି ସରକାରଙ୍କ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳୁଥିବା ଅସହାୟ ଗରିବ ପରିବାରଙ୍କ ପାଇଁ ଥିବା ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପାଇବା ପାଇଁ ମଧ୍ୟ ମାଝିବାଣୀ ଆବେଦନ କରିଥିବାବେଳେ ତାହା ମଧ୍ୟ ତାଙ୍କୁ ବିଭାଗ ପକ୍ଷରୁ ମିଳି ନ ଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କୁ ପଚାରିବାରୁ, ସେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ନିଶ୍ଚିତ ଭାବେ ସାମାଜିକ ସୁରକ୍ଷା ବିଭାଗରେ ଥିବା ଯୋଜନାଗୁଡ଼ିକର ଲାଭ ପାଇପାରିବେ। ମାଝିବାଣୀଙ୍କ ସମ୍ପର୍କରେ ଖବର 'ସକାଳ' ଖବର କାଗଜରେ ପ୍ରକାଶିତ ହେବାରୁ ଶନିବାର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଣ ଆନୁଷ୍ଠାନିକ ଶିଶୁ ଅଧିକାରୀ ପ୍ରତାପ ଦାସ, ବିଦ୍ୟୁଲତା ହୁଇକା ଓ ନିରାକାର ପାଢ଼ୀ ତାଙ୍କ ଘରେ ପହଞ୍ଚି ପଚରାଉଚରା କରିବା ସହ ସରକାରଙ୍କ ବିଭିନ୍ନ ସହାୟତା ଯୋଗାଇଦେବାକୁ ପ୍ରୟାସ କରିବୁ ବୋଲି କହିଛନ୍ତି।

### କିଛି ସମୟର ବର୍ଷାରେ ଜମିଲା ପାଣି

# ସହରରେ ସୃଷ୍ଟି ହେଲା କୃତ୍ରିମ ପୋଖରୀ

**ମାଲକାନଗିରି, ୮।୬(ସମିସ):**



ମାଲକାନଗିରି ଜିଲ୍ଲାରେ ଶୁକ୍ରବାର ରାତିରେ ପବନ ସହ ବର୍ଷା ହୋଇଥିଲା। ମାତ୍ର କିଛି ସମୟର ବର୍ଷାରେ ଜିଲ୍ଲା ସଦରରେ ଅନେକ ସ୍ଥାନରେ ପାଣି ଜମି ରହିବା ସହ କୃତ୍ରିମ ପୋଖରୀ ମାନ ସୃଷ୍ଟି ହୋଇଛି।

ଜିଲ୍ଲା ସଦରରେ ଥିବା ୱାର୍ଡ ନମ୍ବର ୧୮ ରେ ନିର୍ମାଣ ହୋଇଥିବା ପେଭର ରାସ୍ତା କଡ଼ରେ ନାଳ ନଥିବାରୁ ପାଣି ଜମିବାରେ ଲାଗିଛି। ପାଣି ନିଷ୍କାସନ ପାଇଁ କୌଣସି ଉପାୟ ନ ଥିବାରୁ ଏବଂ ନାଳ ତିଆରି କରି ନଥିବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ସମାନ ରୂପେ ଜିଲ୍ଲା ସଦରରେ ଥିବା ପାତ୍ରଗୁଡ଼ା ସାହିରେ ମଧ୍ୟ ପାଣି ଜମି ରହିଥିବା ବେଳେ କୃତ୍ରିମ ପୋଖରୀ ପରି ଏହା ମନେ ହେଉଛି। ଏଠାରେ ନାଳ ନିର୍ମାଣ କାର୍ଯ୍ୟ କିଛି ସ୍ଥାନରେ ହୋଇଥିଲେ ହେଁ ସାହିରେ ସମ୍ପୂର୍ଣ୍ଣ ରୂପେ ନାଳ ନିର୍ମାଣ ହୋଇପାରି ନାହିଁ। ଫଳରେ ଏହିପରି ସମସ୍ୟା ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ପାଣି ଜମି ରହିବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ରହିଥିବା ଲୋକେ ଅଭିଯୋଗ କରିଛନ୍ତି। ପୌର ପରିଷଦ ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଏନେଇ ମାଲକାନଗିରି ପୌର ନିର୍ବାହୀ ଯନ୍ତ୍ରୀ ଇନ୍ଦୁମାଧବ ସରକାର କରିଛନ୍ତି ଯେ ୱାର୍ଡ ନମ୍ବର ୧୮ ରେ ଥିବା ବ୍ୟବସାୟୀମାନେ ନିଜର ଭାରୀ ଯାନ ନେବାକୁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଅନୁରୋଧ କରିଥିଲେ। ସେହି ଅନୁଯାୟୀ ରାସ୍ତା ହେବା ପରେ ନାଳ ନିର୍ମାଣ ପାଇଁ ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକେ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନର ମାଲିକମାନେ ଅଧିକ ଜାଗା ଦେଉ ନଥିବାରୁ ନାଳ ନିର୍ମାଣ ହୋଇ ପାରିନି। ଯଥା ଶୀଘ୍ର ଜାଗା ଦେଲେ ଏହି ନାଳ ନିର୍ମାଣ ହେବ। ପାଣି ଜମିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀ ସରକାର ପ୍ରକାଶ କରିଛନ୍ତି।

# ଆଜି ଅଖରେ ସଂଯୋଗ ହେବ ଚକ



**ଜୟପୁର, ୮।୬(ସମିସ):** ଜୟପୁର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଜୋର ଧରିଛି। ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥର ଅଖ ଓ ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ରବିବାର ରଥ ଅଖରେ ଚକ ସଂଯୋଗ କରାଯିବ। ୪ଟି ଅଖ ଏବଂ ୮ଟି ନୂତନ ଚକ ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ରବିବାର ପୂର୍ବାହ୍ଣରେ ରୀତିନୀତି ସହ ରଥ ଅଖରେ ଚକ ସଂଯୋଗୀକରଣର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମୁଖ୍ୟ ମହାରଣା ଧନୁର୍ଯ୍ୟୟ କମାରଙ୍କ ନେତୃତ୍ୱରେ ୧୨ ଜଣ ବଢ଼େଇ ପୂର୍ବାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଗରମ ସତ୍ତ୍ୱେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି। ଜୟପୁର ରାଜାରାଜୁଡ଼ା ସମୟରୁ ପରମ୍ପରା ଅନୁଯାୟୀ, ଚତୁର୍ଦ୍ଧାମୂର୍ତ୍ତି ବିରାଜ ହେଉଥିବା ବଡ଼ ରଥ ଏବଂ ପତିତପାବନ ବିରାଜ ହେଉଥିବା ଛୋଟ ରଥ ନିର୍ମାଣ କରାଯାଇଥାଏ। ଚଳିତ ବର୍ଷ ଏଥିପାଇଁ ବନ ବିଭାଗ ପକ୍ଷରୁ ତିନୋଟି ପର୍ଯ୍ୟାୟରେ ସମୁଦାୟ ୪୩ଟି ଶାଳ ଗଛ ରଥ ନିର୍ମାଣ ପାଇଁ ରାମଗିରି ଜଙ୍ଗଲରୁ ଅନୁମତିକ୍ରମେ ପ୍ରଦାନ କରାଯାଇଥିଲା। ଉକ୍ତ ଗଛରୁ ୪ଟି ବଡ଼ ଅଖ, ୮ଟି ଚକ ଏବଂ ଅନ୍ୟାନ୍ୟ ରଥରେ ବ୍ୟବହୃତ ସମୁଦାୟ ୧୦୪ ଖଣ୍ଡ କାଠରେ ବିଭକ୍ତ କରାଯାଇ ସ୍ଥାନୀୟ କରତକଳରେ କଟାଯାଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆସନ୍ତା ଜୁଲାଇ ୭ ତାରିଖରେ ରଥ ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଦେବୋତ୍ତର ବିଭାଗର କର୍ମଚାରୀ ତଥା ପୁରୋହିତ କୃଷ୍ଣଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି।

# ପାନୀୟଜଳ ସମସ୍ୟା ନେଇ ମହିଳାଙ୍କ ରାସ୍ତାରୋକ

### ମୁଖ୍ୟରାସ୍ତାରେ ଯାତାୟାତ ପ୍ରଭାବିତ



**ନବରଙ୍ଗପୁର, ୮।୬(ସମିସ):**

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଦେଉଳା ଗ୍ରାମରେ ପାନୀୟଜଳ ସମସ୍ୟା ଲାଗି ରହିଛି। ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ ଓ ଗ୍ରାମର ଶତାଧିକ ମହିଳା। ହାଣ୍ଡି, ଗରା, ଡେକଚି ଧରି ଦେଉଳାଗ୍ରାମ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ ଗ୍ରାମର ବହୁ ମହିଳା। ଫଳରେ ଉକ୍ତ ରାସ୍ତା ଦେଇ ନବରଙ୍ଗପୁରଠାରୁ କୋଷଗୁମୁଡ଼ା ବ୍ଲକ ସମେତ ଛତିଶଗଡ଼ ରାଜ୍ୟକୁ ଯାନବାହନ ଯାତାୟାତ ପ୍ରଭାବିତ ହୋଇଛି।

ପ୍ରାୟ ଦୁଇ ହଜାର ଜନସଂଖ୍ୟା ବିଶିଷ୍ଟ ଦେଉଳା ଗ୍ରାମରେ ୨୨ଟି ନଳକୂପ ରହିଛି। ସେଥିମଧ୍ୟରୁ ୧୦ଟି ଅଚଳ ହୋଇପଡ଼ିଥିବା ବେଳେ କେତୋଟି ନଳକୂଅରେ ମୋଟର ଲଗାଇ କିଛି ଗ୍ରାମବାସୀ ନିଜ ଘରକୁ ପାଣି ନେଉଛନ୍ତି। ଅନ୍ୟ କିଛି ନଳକୂପରେ ଗୋଳିଆ ପାଣି ବାହାରୁଛି। ଏଥିସହ ଗ୍ରାମରେ ରହିଥିବା ପାନୀୟଜଳ ପ୍ରକଳ୍ପରୁ ଦୀର୍ଘ ମାସେ ହେବ ଅଚଳ ହୋଇଥିଲା। ମରାମତି କରି ଆଣିବା ପରେ ମଧ୍ୟ ଗତ ତିନି ଦିନ ଧରି ତାହା ଖରାପ ହୋଇ ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି। ଯାହାଫଳରେ ଗ୍ରାମରେ ଥିବା ଅନ୍ୟ ନଳକୂପରେ ଭିଡ଼ ଜମିବା ସହ ଘଣ୍ଟା ଘଣ୍ଟା ଧରି ମହିଳାଙ୍କ ଲାଇନ ଲାଗୁଛି। ଗ୍ରାମର ପାନୀୟଜଳ ସମସ୍ୟା ନେଇ ବ୍ଲକ ପ୍ରଶାସନ ସହ ସ୍ଥାନୀୟ ଜିଲ୍ଲା ପରିଷଦଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଯାଏଁ ରାସ୍ତାରୋକରୁ ହଟିବେ ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଅନ୍ୟପକ୍ଷରେ ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆମେରିକାରେ ଆଇଏସ୍‌ଡିସି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଲେ ରାୟଗଡ଼ାର ଝିଅ ତନିଷ୍କା

**ରାୟଗଡ଼ା, ୮।୬(ସମିସ):** ଗତ ମେ'୨୩ରୁ ୨୬ ତାରିଖ ମଧ୍ୟରେ ୪ ଦିନ ଧରି ଆମେରିକାର ଲସ୍ ଏଞ୍ଜେଲେସଠାରେ ଅନୁଷ୍ଠିତ ହୋଇଥିବା ଇଣ୍ଟରନ୍ୟାସନାଲ ସ୍ପେସ୍ ଡେଭଲପମେଣ୍ଟ କନଫରେନ୍ସ (ଆଇଏସଡିସି)-୨୦୨୪ କାର୍ଯ୍ୟକ୍ରମରେ ଯୋଗ ଦେଇ ଫେରିଛନ୍ତି ରାୟଗଡ଼ା ମାଟିର ଝିଅ ତନିଷ୍କା ଗୋପାଲଚେଟ୍ଟି। ବିଶ୍ୱର ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ନିଜର ପ୍ରୋଜେକ୍ଟ ସମ୍ପର୍କରେ ଆଲୋକପାତ କରିବା ସହ ସେ ଶ୍ରେଷ୍ଠ ପ୍ରଦର୍ଶିତ ପ୍ରୋଜେକ୍ଟ ପ୍ରଦାନ କରିଥିବାରୁ ଆଇଏସଡିସି ସଂସ୍ଥା ପକ୍ଷରୁ ଏକ ମାନପତ୍ର ମଧ୍ୟ ପାଇଛନ୍ତି। ସପ୍ତମ ଶ୍ରେଣୀର ଛାତ୍ରୀ ତନିଷ୍କା ନିଜର ପ୍ରତିଭାର ଉପଯୋଗ କରି ଫାଲକନ ଆରଜିଡିଏ ନାମକ ପ୍ରୋଜେକ୍ଟ ତିଆରି କରି ଫର୍ମାଲ୍ ସାଇଣ୍ଟିଫିକ୍ ପୋଷ୍ଟର ସମ୍ପର୍କିତ ପ୍ରତିଯୋଗିତାରେ ଭାଗ ନେଇ ମହାକାଶ (ସ୍ପେସ୍) ପ୍ରୋଜେକ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଆକର୍ଷଣୀୟ ପ୍ରୋଜେକ୍ଟକୁ ଆମେରିକା ନ୍ୟାସନାଲ ସ୍ପେସ୍ ସୋସାଇଟିକୁ ପଠାଇଥିଲେ। ସେ ପଠାଇଥିବା ପ୍ରୋଜେକ୍ଟିକୁ ଏନଏସଏସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚୟନ କରାଯାଇ ମେ'୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆଇଏସଡିସି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରାଯାଇଥିଲା। ସମଗ୍ର ଭାରତରେ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତନିଷ୍କା ସେଠାରେ ନ୍ୟାସନାଲ ସ୍ପେସ୍ ସୋସାଇଟି ଷ୍ଟୁଡେଣ୍ଟ କନେଷ୍ଟ, ୟୁଏସଏ, ଇଣ୍ଟରନ୍ୟାସନାଲ ସ୍ପେସ୍ ଡେଭଲପମେଣ୍ଟ କନଫେରନ୍ସ ଏବଂ ପୋଷ୍ଟର ସେସନରେ ଭଳି ତିନୋଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଷ୍ଟୁଡେଣ୍ଟ ରିକଗ୍ନେସନ୍ ସେରିମନିରେ ଯୋଗ ଦେଇ ନିଜ ପ୍ରୋଜେକ୍ଟ ସମ୍ପର୍କିତ ବିସ୍ତୃତ ବିବରଣୀ ନାସାରେ କାର୍ଯ୍ୟ କରିଥିବା ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଯଦି ପୃଥିବୀପୃଷ୍ଠ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି କାରଣରୁ ଧ୍ୱଂସ ମୁଖରେ ପଡ଼େ ତେବେ ସ୍ପେସ(ମହାକାଶ)ରେ କିପରି ପୁନଃ ମଣିଷ ସମାଜକୁ ଥଇଥାନ କରାଯାଇ ପାରିବ ସେ ସମ୍ପର୍କରେ ତନିଷ୍କା ବିସ୍ତୃତ ଭାବେ ନିଜ ପ୍ରୋଜେକ୍ଟ ମାଧ୍ୟମରେ ବିବରଣୀ ପ୍ରଦାନ କରିଥିବା ତନିଷ୍କା ପ୍ରକାଶ କରିଛନ୍ତି। ଆମେରିକାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାସାରେ କାମ କରିଥିବା ବିଶିଷ୍ଟ ବୈଜ୍ଞାନିକ ସୁଜାନ କିଲରେଇନ, ଡ. ପାସକେଲି ଭଳି ଏନଏସଏସ ହେଡ୍ ମଧୁ ଟାଙ୍ଗାୱେଲା ପ୍ରମୁଖ ତନିଷ୍କାଙ୍କ ପ୍ରୋଜେକ୍ଟକୁ ବହୁତ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରକୁ ଯାଇ ଫେରିଥିବା ନାସାର ବୈଜ୍ଞାନିକମାନେ ମହାକାଶ ବିଷୟରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ସମଗ୍ର ଓଡ଼ିଶାରୁ ରାୟଗଡ଼ା ମାଟିର ଝିଅ ତନିଷ୍କା ଆମେରିକାରେ ଅନୁଷ୍ଠିତ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ବାପା ଗୋପାଳଚେଟ୍ଟି ଈଶ୍ୱର ଏବଂ ମାଆ ଶ୍ରୀମତୀ ଗୋପାଳଚେଟ୍ଟି ଝିଅର ଏଭଳି ସଫଳତା ରାୟଗଡ଼ା ଜିଲ୍ଲା ଏବଂ ରାଜ୍ୟ ପାଇଁ ଗୌରବ ଆଣି ପାରିଛି ବୋଲି ପ୍ରକାଶ କରିଛନ୍ତି।



# ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ଖୁଣ୍ଟ



**ମାଲକାନଗିରି, ୮।୬(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ତଥା ୩୨୬ ଜାତୀୟ ରାଜପଥକୁ ଲାଗି ରହିଥିବା ନବନିର୍ମିତ ଇନଡୋର ଷ୍ଟାଡିୟମ ସମ୍ମୁଖରେ ଯାଇଥିବା ୧୧ କେଭି ବିଦ୍ୟୁତ ସଂଯୋଗର ଗୋଟିଏ ବିଦ୍ୟୁତ ଖୁଣ୍ଟ ଝୁଲନ୍ତା ଅବସ୍ଥାରେ ରହିଛି। ଏହା ବିପଦ ସଙ୍କୁଳ ଭାବେ ରହିଛି। ଗତକାଲି ଜିଲ୍ଲାରେ ହୋଇଥିବା ବର୍ଷା ଯୋଗୁଁ ପାଣି ପଡ଼ି ଏହି ବିଦ୍ୟୁତ ଖୁଣ୍ଟ ନିକଟରେ ଥିବା ମାଟି ଦବିଯିବାରୁ ଖୁଣ୍ଟଟି ନଇଁ ପଡ଼ିଥିବା ବେଳେ ଏହି ବିଦ୍ୟୁତ ଖୁଣ୍ଟଟି ବର୍ତ୍ତମାନ ବିପଜ୍ଜନକ ହୋଇ ପଡ଼ିଛି। ନିକଟରେ ୩୨୬ ଜାତୀୟ ରାଜପଥ ରହିଥିବା ସହ ଇନଡୋର ଷ୍ଟାଡିୟମ ଥିବାରୁ ସବୁ ସମୟରେ ଏଠାରେ ଜନଗହଳି ହେଉଥିବା ବେଳେ ଝୁଲି ରହିଥିବା ବିଦ୍ୟୁତ ଖୁଣ୍ଟକୁ ତୁରନ୍ତ ସଜାଡ଼ା ନ ଗଲେ ବଡ଼ ଧରଣର ଦୁର୍ଘଟଣା ଘଟିପରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି। ଏନେଇ ଆମେ ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ପ୍ରଦୋଷ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ତୁରନ୍ତ ଏହାର ମରାମତି କରିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ଟ୍ରେନ୍ ଧକ୍କାରେ ଜଣେ ମୃତ

**ରାୟଗଡ଼ା,୮।୬(ସମିସ):** ଟ୍ରେନ୍ ଧକ୍କାରେ ରାୟଗଡ଼ା ସହରର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ରାୟଗଡ଼ା ସହରର ନେହେରୁ ନଗର ପ୍ରଥମ ଲାଇନରେ ରହୁଥିବା ଡି.ଆପାରାଓ ଆଚାରୀଙ୍କ ୬୩ ବର୍ଷୀୟ ପୁଅ ଡି.ଗୋବିନ୍ଦ ଆଚାରୀ ବୋଲି ଜଣାପଡ଼ିଛି। ରାୟଗଡ଼ା-ଲାଞ୍ଜି ରେଳ ଷ୍ଟେସନ ମଧ୍ୟରେ ଥିବା ପିତାମହଲ ନିକଟସ୍ଥ କିଲୋମିଟର ୩୪୫/୩୩ ନିକଟ ଡାଉନଲାଇନ୍ ରେଳଧାରଣାରୁ ଗୋବିନ୍ଦଙ୍କ ମୃତଦେହ ଜିଆରପିଏସ୍ ପୁଲିସ ଉଦ୍ଧାର କରିଛି। ମୃତ ଆଚାରୀଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରେ ଥିବା ଠିକଣା ବଳରେ ତାଙ୍କ ପରିଚୟ ପ୍ରାପ୍ତ ହୋଇଥିବାବେଳେ ପୁଲିସ ପକ୍ଷରୁ ତାଙ୍କ ସମ୍ପର୍କୀୟଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ଗୋବିନ୍ଦଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୨୦ ବର୍ଷ ଧରି ଗୋବିନ୍ଦ ନିଜ ପାରିବାରିକ ସମସ୍ୟା ଯୋଗୁଁ ବହୁ ସମୟ ବାହାରେ ରହୁଥିଲେ। ସେ ମାନସିକ ବିକୃତ ରୋଗରେ ପୀଡ଼ିତ ଥିଲେ। ଶନିବାର ସକାଳେ ରେଳ ଧାରଣାରୁ ତାଙ୍କ ମୃତଦେହ ଉଦ୍ଧାର ହେବା ପରେ ପରିବାର ମଧ୍ୟରେ ଶୋକ ଖେଳିଯାଇଛି। ଜିଆରପିଏସ୍ ଡିଏସପି ନିରଞ୍ଜନ ପାତ୍ରୀଙ୍କ ଆଦେଶ କ୍ରମେ ଏହି ମାମଲାକୁ ଏଏସ୍‌ଆଇ ଏସ୍.କେ.ତାରିଣ ତଦନ୍ତ କରିଥିବାବେଳେ ତାଙ୍କୁ ଏଏସ୍‌ଆଇ ମାଣିକଚନ୍ଦ୍ର ଗୌଡ଼ ସହାୟତା କରିଥିଲେ।

### ■ ବ୍ଲକ୍ ଉମରକୋଟ, ଥାନା ଡାବୁଗାଁ

# ଦୁର୍ଦ୍ଦଶା ଭୋଗୁଛନ୍ତି ୬ ପଞ୍ଚାୟତର ୨୪ ହଜାର ଲୋକ

**ଉମରକୋଟ, ୮।୬(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ୬ଟି ପଞ୍ଚାୟତର ଡାବୁଗାଁ ଥାନା ଅଧୀନରେ ରହିବା ଫଳରେ କୌଣସି ଅଭିଯୋଗ କରିବାକୁ ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ୬ଟି ପଞ୍ଚାୟତର ୨୪ ହଜାର ଲୋକ ଏବେ ଏଭଳି ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଉମରକୋଟ ବ୍ଲକର ସିଂସାରୀ, କାରାଗାଁ, ମୁଣ୍ଡିଗୁଡା, ଡେରଙ୍ଗା, ରାଜପୁର ଓ ଭଣ୍ଡାରୀଗୁଡା ପ୍ରମୁଖ ୬ ପଞ୍ଚାୟତର ଗ୍ରାମଗୁଡ଼ିକ ଉମରକୋଟ ବ୍ଲକରେ ରହିଛି। ଏହି ପଞ୍ଚାୟତଗୁଡିକର ଗ୍ରାମଗୁଡିକର ଥାନା କିନ୍ତୁ ଡାବୁଗାଁ ଥାନା ଅଧୀନରେ ଆସୁଛି। ପୂର୍ବରୁ ଏହି ପଞ୍ଚାୟତଗୁଡ଼ିକ ଉମରକୋଟ ବ୍ଲକ ଅଧୀନରେ ଥିବା ବେଳେ ତହସିଲ ଓ ଥାନା ଡାବୁଗାଁ ଅଧୀନରେ ରହିଥିଲା। ୨୦୧୬ରେ ଏହି ୬ଟି ପଞ୍ଚାୟତକୁ ଡାବୁଗାଁ ତହସିଲରୁ ବାହାର କରି ଉମରକୋଟ ତହସିଲ ଅଧୀନକୁ ସ୍ଥାନାନ୍ତର କରିଥିଲେ ରାଜ୍ୟ ସରକାର। ଉକ୍ତ ୬ଟି ପଞ୍ଚାୟତ ଡାବୁଗାଁ ଥାନା ଅଧୀନରୁ ଉମରକୋଟ ଥାନା ଅଧୀନକୁ ଆସିପାରିଲା ନାହିଁ। ଏଥିପାଇଁ ୬ ପଞ୍ଚାୟତର ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ଯାହାକୁ ନେଇ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ସେଥିମଧ୍ୟରେ ଭଣ୍ଡାରୀଗୁଡ଼ା ପଞ୍ଚାୟତର ଚାଟିଗୁଡ଼ା, ଭାମନଦେଇଭଟ୍ଟା, ଛୋଟାଗୁଡ଼ା ଗାଁ ଡାବୁଗାଁ ଥାନା ଅଧୀନରେ ଆସୁଥିବା ବେଳେ ଭଣ୍ଡାରୀଗୁଡା ଓ ଅନ୍ୟ ଗାଁଗୁଡ଼ିକ ଉମରକୋଟ ଥାନାରେ ଆସୁଛି। ଡାବୁଗାଁ ଥାନାରୁ ଉମରକୋଟ ଥାନା ଅଧୀନକୁ ଗ୍ରାମଗୁଡିକ ସ୍ଥାନାନ୍ତର କରାଯାଇ ନଥିବାରୁ ପ୍ରାୟ ୨୪ ହଜାର ଲୋକ ଏବେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ଉମରକୋଟ ବ୍ଲକର ୨୬ ଗୋଟି ପଞ୍ଚାୟତରୁ ୨୦ଟି ଉମରକୋଟ ଥାନା ଅଧୀନରେ ରହିଥିବା ବେଳେ ୬ଟି ପଞ୍ଚାୟତର ଗ୍ରାମଗୁଡିକ ଡାବୁଗାଁ ଥାନା ଅଧୀନରେ ରହିଛି। ଏହି ୬ଟି ପଞ୍ଚାୟତର ଲୋକ ଉମରକୋଟ ସହରର ହାଟ ବଜାର ଉପରେ ନିର୍ଭର କରିବା ସହ ବ୍ଲକ ଓ ତହସିଲ କାର୍ଯ୍ୟ ପାଇଁ ଉମରକୋଟକୁ ଆସିଥାନ୍ତି।

ଏହି ପଞ୍ଚାୟତଗୁଡିକଠାରୁ ଡାବୁଗାଁ ପ୍ରାୟ ୫୦ କିଲୋମିଟର ଦୂରରେ ରହିଥିବା ବେଳେ ଉମରକୋଟ ୩୫ କିଲୋମିଟର ଦୂରତା ରହିଛି। ଏହି ଅଞ୍ଚଳର ଲୋକଙ୍କୁ ଉମରକୋଟ ଆସିବା ପାଇଁ ବସ୍ ସୁବିଧା ଥିବା ବେଳେ ଡାବୁଗାଁ ଯିବା ପାଇଁ ସିଧା ବସ୍ ସୁବିଧା ନାହିଁ। ଫଳରେ ଲୋକଙ୍କୁ ଧୋଡ୍ରା ଆସି ସେଠାରୁ ଅନ୍ୟ ବସ୍‌ରେ ଡାବୁଗାଁ ଯିବାକୁ ପଡୁଛି। ଫଳରେ ଥାନାରେ କୌଣସି ଅଭିଯୋଗ କରିବା ତଥା ଅନ୍ୟ କାର୍ଯ୍ୟ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଉପରୋକ୍ତ ୬ ପଞ୍ଚାୟତର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟା ଦୂର କରିବା ପାଇଁ ଉକ୍ତ ୬ ପଞ୍ଚାୟତକୁ ଉମରକୋଟ ଥାନା ଅଧୀନକୁ ସ୍ଥାନାନ୍ତର କରିବାକୁ ଉମରକୋଟ ବ୍ଲକ ବିଜେଡି ସଭାପତି ଅଜିତ ପ୍ରଧାନ ଓ ସମିତି ସଭ୍ୟ ବିକ୍ରମ ସିଂ ଦାବି କରିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗୁଣୁପୁର,୮।୬(ସମିସ):** ସ୍ଥାନୀୟ ପୁରୁଣା ଗୁଣୁପୁର ଗୁଣ୍ଡିଚା ମନ୍ଦିର କୋର୍ଟରେ ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସାନ ଭାଇନା ଡ୍ୟାନ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ତିନିଟି ଦଳ ଭାଗ ନେଇଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୦ ତାରିଖ ଯାଏଁ ଚାଲିବ। ଏହି ଟୁର୍ଣ୍ଣାମେଣ୍ଟକୁ ତିରୁପତି ଶବର, ମୁନା ଶବର, ରାନୁ ଶବର, ଜଗଦିଶ ଶବର ପ୍ରମୁଖ ପରିଚାଳନା କରୁଥିବାବେଳେ କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଜିତୁ ନାୟକ, ତୁନୁ ପଟ୍ଟନାୟକ, କେ. କିରଣ, ଜଗଦିଶ ପଣ୍ଡା, ପିଣ୍ଟୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



### ଭୂମିଆ ସମାଜର ବିରାଟ ସମାବେଶ

# ସରକାରୀ ମାନ୍ୟତା ଦାବି ସହ ପରମ୍ପରା ବଜାୟକୁ ଗୁରୁତ୍ୱ

**ମାଥିଲି, ୮।୬(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୋରାପାଲ୍ଲୀ ଭୂମିଆ ସମାଜ ତରଫରୁ କିଆଙ୍ଗ ପଞ୍ଚାୟତ ମାଟିଗୁଡା ଭେିସାଘାଟ ଆମ୍ବତୋଟାରେ ବିରାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭୂମିଆ ସମାଜର ଉପଦେଷ୍ଟା ତ୍ରିନାଥ ଭୂମିଆ, କୁଳ ନାୟକ ସମାରୁ ନାୟକଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ଭୂମିଆ ସମାଜ ଜନଜାତିର ୧୭ ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତିଙ୍କ ଉପସ୍ଥିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ବନ୍ଧୁ ମୁଦୁଲି, ଭୂମିଆ ସମାଜର ସଭାପତି ସଭାପତି ତୁଳସୀରାମ ଭୂମିଆ ମୁଖ୍ୟବକ୍ତା, ସରକାରୀ ଆଦିବାସୀ ସଂଘର ବ୍ଲକ ସଭାପତି ବୃନ୍ଦାବନ ମାଝୀ, ସମ୍ମାନିତ ଅତିଥି ଭାବେ ଭୂମିଆ ସମାଜର ସଦସ୍ୟ ଚୈତନ୍ୟ ନାଲି ଓ ମାଥିଲି ବ୍ଲକ ସରକାରୀ ସଂଘର ସମ୍ପାଦକ କୈଳାସଚନ୍ଦ୍ର ନାୟକ ସହ ସଭ୍ୟ ଲବ ଭୂମିଆ, ବୁଦ୍ରା ଭୂମିଆ, ଗଣପତି ଭୂମିଆ, ଲଛମାନ ଭୂମିଆ, କୃଷ୍ଣ ପୁଟିଆ, ନୀଳକଣ୍ଠ ନାୟକ, ଯଦୁରାମ ଭୂମିଆ, ରାମଚନ୍ଦ୍ର ଭୂମିଆ, ଜଗତ ଭୂମିଆ, କୃଷ୍ଣ ଭୂମିଆ, ରାମଚନ୍ଦ୍ର ପୂଜାରୀ, ସୁନାଧର ନାୟକ, ଲକ୍ଷ୍ମଣ ନାୟକଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ପ୍ରଥମେ ଭୂମିଆ ସମାଜର ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକ ଓ ବିଆର ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇଥିଲେ। ଉପଦେଷ୍ଟା ତ୍ରିନାଥ ଭୂମିଆ ସମସ୍ତ ଅତିଥି ପରିଚୟ ପ୍ରଦାନ କରିବା ପରେ ୧୭ ଖଣ୍ଡ ଗ୍ରାମର କୁଳ ନାୟକ ଓ କୁଳ ସଭାପତିଙ୍କୁ ସମ୍ମାନିତ କରାଯାଇଥିଲା। ଭୂମିଆ ସମାଜ ଜନଜାତିର ବୀର ସଂଗ୍ରାମୀମାନେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ସ୍ୱର ଉତ୍ତୋଳନ କରି ସହିଦ ହୋଇଥିବା ବେଳେ ଅନେକ ଭୂମିଆ ଜନଜାତିର ଲୋକମାନେ ଜେଲ ଦଣ୍ଡରେ ଦଣ୍ଡିତ ହେବା ସହ ଜରିମାନା ମଧ୍ୟ ଦେଇଛନ୍ତି। ଆଜି ଏହି ଭୂମିଆ ଜନଜାତି ବୀର ସନ୍ତାନଙ୍କୁ ସରକାରୀ ମାନ୍ୟତା ମିଳି ନଥିବାରୁ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମିଳନୀରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଂରେଜ ଗୁଳିରେ ସହିଦ ହୋଇଥିବା ବୀର ସନ୍ତାନ ଓ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିବା ବୀର ସନ୍ତାନଙ୍କୁ ଜାତୀୟ ମାନ୍ୟତା ଦେବା ସହ ଭୂମିଆ ଜନଜାତିଙ୍କ ଉନ୍ନୟନ ଶିକ୍ଷାଗତ ଯୋଗ୍ୟତା ଭିତରେ ସରକାରୀ ଚାକିରି ଦେବା। ଏଥିପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ଭୂମିଆ ସମାଜର ପରମ୍ପରା ଓ ରୀତିନୀତି ବଜାୟ ରଖିବାକୁ ଯୁବ ପିଢ଼ିକୁ ପରାମର୍ଶ ଦେଇଥିଲେ। ଯୁବକ ଯୁବତୀମାନେ ଉନ୍ନତ ଶିକ୍ଷା ସହ ବାପା-ମାଆଙ୍କ କଥା ମାନିବା ଲକ୍ଷ୍ୟ ଉପରେ ମାଥିଲି ବ୍ଲକ ସରକାରୀ ସଂଘର ସମ୍ପାଦକ କୈଳାସଚନ୍ଦ୍ର ନାୟକ ଉଦବୋଧନ ଦେଇଥିଲେ। ଏହାପରେ ଯେଉଁ ଛାତ୍ରଛାତ୍ରୀମାନେ ଯଦି ଅର୍ଥ ଅଭାବରୁ ପାଠ ପଢ଼ି ପାରୁନାହାନ୍ତି ସେଥିପାଇଁ ଯୋଗାଯୋଗ କରିବାକୁ ବରିଷ୍ଠ ଶିକ୍ଷକ ଚୈତନ୍ୟ ନାଲି ପରାମର୍ଶ ଦେଇଥିଲେ। ଭୂମିଆ ସମାଜ ଜନଜାତି ସମ୍ମିଳନୀରେ ୧୭ ଖଣ୍ଡ ଗ୍ରାମର ହଜାର ହଜାର ମହିଳା, ପୁରୁଷ, ଯୁବକ ଯୁବତୀ ଉପସ୍ଥିତ ଥିଲେ।





# ବନ୍ଧନ

ଡ. ସୁରେଶ ଛୋଟରାୟ



ଉତ୍ତପ୍ତ ସୂର୍ଯ୍ୟକିରଣ। ଅସହ୍ୟ ଝାଞ୍ଜି ପବନ। ଖୁବ୍ ଗୁଳୁଗୁଳି। ଦୂରକୁ ଚାହିଁଲେ ଦିଶୁଛି ମରୀଚିକାର ଦଣ୍ଡନାଚ। ଦିଶୁନି କାହିଁ ନୀଳ ଆକାଶ। ଆଖି ପାଉନି ଦୂରକୁ। ହଠାତ୍ କେଉଁଠୁ ମାଡ଼ି ଆସିଲା କାଳବୈଶାଖୀ। ଚାହୁଁ ଚାହୁଁ ଘୋଟେଇ ଆସିଲା କଳାହାଣ୍ଡିଆ ମେଘ। ଖୁବ୍ ଗର୍ଜିଲା। ସାଇଁ ସାଇଁ ପବନ ସହିତ ବର୍ଷା। ମନଇଚ୍ଛା ବର୍ଷିଲା। ଆଖିପିଛୁଳାକେ ଭାଙ୍ଗିଦେଲା ଛପରଘର, ଗଛ, ବିଜୁଳି ଖୁଣ୍ଟ। ଅବେଇଛତ୍ର କରିଦେଲା ଘରର ସବୁ ଆସବାବପତ୍ର, ଗଛର ହାତ, ଗୋଡ଼, ଫୁଲ, ଫଳ। ରାସ୍ତାସାରା ଆଣ୍ଠୁଆଣି ପାଣି। ଭଲରେ ଦିଶୁନି ରାସ୍ତା। ରାସ୍ତା ଖୋଜୁଛି ମଣିଷ। କପୋତୀଟି ଗଛକୋରଡ଼ ଭିତରୁ ବାହାରି ଆସିଲା। ସବୁ ଆଡ଼କୁ ନିଘାକଲା। ନଣ୍ଡା ହୋଇଯାଇଛି ଗଛ। ପତ୍ରଟିଏ ନଥିଲା। କୋରଡ଼ର ଉପରୁ ଗଛର ଦେହ ନାହିଁ। ଗହଳ ପତ୍ର ଆଉ ନାହିଁ। ଅଳ୍ପ ସମୟ ପୂର୍ବରୁ ଯେଉଁଠି ସେ ମାଆ ଆସିବା ପର୍ଯ୍ୟନ୍ତ ନିଜକୁ ଲୁଚାଇ ନିରାପଦରେ ରହି ପାରୁଥିଲା। ସେ ଡେଣା ଝାଡ଼ି ଗଛ ଉପର ତଳକୁ ଦେଖିଲା। କୋରଡ଼ ଦୁଆରେ ବସି ଡେଣାରେ ଲାଗିଥିବା ବିନ୍ଦୁ ବିନ୍ଦୁ ବର୍ଷାଛିଟା ସଫାକଲା। ଭୋକ ଲାଗୁଥିଲା। ହେଲେ, ମାଆ ଫେରୁ ନଥିଲା।

ଇଲାକା ସାରା କୁଡ଼କୁଡ଼ ପଡ଼ିଥିବା ଗଛଡାଳ, ପତ୍ର ଉପରେ ବୁଲିବୁଲି ସେ ଦେଖିଲା। ପୃଥିବୀଟା ଖୁବ୍ ସୁନ୍ଦର। ଅଳ୍ପ ଦୂରରେ ଝରଣାଟିଏ। କୁଳୁକୁଳୁ ହୋଇ ଆଗକୁ ଧାଇଁଛି। ସେ ଖୁସି ହୋଇଗଲା। ଝରଣା ପାଖକୁ ଖଣ୍ଡିଉଡ଼ା ଦେଇ ଉଡ଼ିଗଲା। ଝରଣାର ସ୍ୱଚ୍ଛ ନିର୍ମଳ ପାଣି ପିଇଲା। ଆଃ, କି ତୃପ୍ତି! ସେ ଭୋକ ଭୁଲିଗଲା। ତା'ର ମନେହେଲା ଏବେ ମାଆ ନିଶ୍ଚୟ ଫେରି ଆସିଥିବ। ସେ କୋରଡ଼କୁ ଫେରିଲା। ଖୋଜି ଖୋଜି ନିରାଶ ହେଲା। ନା, ମାଆ ଫେରିନି। ଆଜିକୁ ଠିକ୍ ଦୁଇଦିନ ହୋଇଗଲା। ସେ ଯାଇଛି, ଯେ ଆଉ ଫେରୁନି।

ସେ ଦେଖିଲା ମାଟିଆ ଚିଲଟିଏ ଗଛର ବହୁ ଉପରେ ଚକ୍କର ମାରୁଛି। ପାଖରେ ମାଆ ନାହିଁ। ଭୟରେ କୋରଡ଼ ଭିତରକୁ ଆହୁରି ଭିତକୁ ସେ ଚାଲିଗଲା। ମାଆ ଯେମିତି ତାକୁ ଲୁଚାଏ। ଯେଉଁଠି କେହି ପହଞ୍ଚିପାରିବନି।

ସଞ୍ଜ ଆସିବାକୁ ସଜବାଜ ହେଉଥିଲା। ସେ ବାହାରେ ଘେରାଏ ଘୂରିଆସିଲା। ପତ୍ରତଳେ ପଡ଼ିଥିବା ବର୍ଷାଭିଜା ଦାନା ଖୁଣ୍ଟିଲା। ଆଉ କେତେ ଦିନ ମାଆକୁ ଚାହିଁ ଭୋକିଲା ରହିବ ? ଝରଣାର ପାଣି ପିଇ ଭୋକ ସହ ସାଲିସ୍ କରିବ? ଏଣିକି ସବୁ ନିଜେ ଶିଖିଲା। ଉଡ଼ିବା, ଖୁଣ୍ଟିବା, ନିଜକୁ ରକ୍ଷା କରିବା। ଆସ୍ତେ ଆସ୍ତେ ସବୁ ଅଭ୍ୟାସରେ ପଡ଼ିଗଲା। ଅନ୍ଧାର ଆସିବା ଆଗରୁ କୋରଡ଼କୁ ଫେରି ଆସିଲା। ଦୂରରୁ ଶୁଭୁଥିଲା ଗୋଟାଏ ବଂଶୀର ମିଠା ସ୍ୱର। କପୋତୀ କାନପାତି ଶୁଣିଲା। ଆହା, ଖୁବ୍ ମଧୁର। ବିମୋହିତ ହୋଇଗଲା ସେ। ଆଗରୁ କାହିଁ କେବେ ଏପରି ସ୍ୱର ସେ ଶୁଣିନାହିଁ। ଡେଣାଝାଡ଼ି ଭିତରକୁ ଗଲା। ତୁହାକୁ ତୁହା ମୁହଁ ଅନ୍ଧାର ଘୋଟେଇ ଆସୁଥିଲା। ତାକୁ ରହିରହି ଶୁଭୁଥିଲା, ସେଇ ସ୍ୱର। ସେ ହାଲିଆ ହୋଇ ଢୁଳେଇ ପଡ଼ିଲା।

ସେ ସ୍ୱପ୍ନରେ ଦେଖିଲା। ତା' ପିଲାଦିନ। ଏକା ଏକା ମାଆ ତାକୁ ପାଳୁଥିଲା। ଛୋଟରୁ ସେ ଆସ୍ତେ ଆସ୍ତେ ବଡ଼ ହେଲା। ତଥାପି ମାଆ ତାକୁ ଆକଟକରି ରଖିଥିଲା। ଆଉଟିକେ ବଡ଼ ହେବା ଯାଏ। ଆକାଶ ସାରା ଉଡ଼ିବୁଲିବା ପରି ତାକତ ଆସିବାକୁ ସେ ଅପେକ୍ଷା କରିଥିଲା। କେଉଁଠୁ ପକ୍ଷୀ କି ପଶୁର ଶବ୍ଦ ଆସିଲେ, ଅଜଣା ଆଶଙ୍କାରେ ବତୁରି ଯାଏ ମାଆ। ତାକୁ ନିଜ ଡେଣା ଭିତରେ ଜାକଜୁକି ଲୁଚେଇ ରଖିଦେଉଥିଲା। ଛାଇନିଦରୁ ଉଠି ସେ ଚାରି ଆଡ଼କୁ ଚାହିଁଲା। ବାହାରେ ଖାଲି ଅନ୍ଧାର ଆଉ ଅନ୍ଧାର। ସେ ଏ ପର୍ଯ୍ୟନ୍ତ ସ୍ୱପ୍ନରେ ଥିଲା।

ଦିନ ପରେ ଦିନ ବିତିଗଲା। ମାଆ ଆଉ ଫେରିଲାନି। ଚାହିଁଚାହିଁ ନିରାଶ ହେଲା। ତାକୁ କିଶୋରୀରୁ ଯୌବନ ଛୁଇଁଲା। ତଥାପି ମାଆ ଆସିଲାନି। ବୟସଟା ଏମିତି। ସବୁ ନୂଆ ନୂଆ ଲାଗିଲା। ଆନମନା ହେଉଥିଲା ମନ। ସେ ଏବେ ସ୍ୱୟଂସମ୍ପୂର୍ଣ୍ଣା। ପ୍ରକୃତି ସହିତ ସଂଘର୍ଷକରି ବଞ୍ଚିବାର କଳା ଆପଣେଇ ନେଲାଣି ଏକା ଏକା। ଦିନେ ଶୁଣିଲା, ସହରରୁ ଲୋକ ଆସୁଛନ୍ତି। ଏ ଖୁଣ୍ଟା ଗଛସବୁ କଟା ହେବ। ନୂଆ ରାସ୍ତା ତିଆରି ହେବ। କପୋତୀ ଭାବିଲା - ଗଛ କଟା ହେବା ପୂର୍ବରୁ ଏ କୋରଡ଼ଟା ବଦଳେଇ ନୂଆ ବସାଟିଏ କେଉଁଠି ହେଲେ ତିଆର କରିବା ଦରକାର।

ଦିନରାତି ଖୁବ୍ ଭାବିଲା। ଖୋଜିଲା, କେଉଁଠିକି ଯିବ ? ପାଖ ନଈକୂଳକୁ ନା ଜଙ୍ଗଲକୁ ? ତା'ର ପ୍ରିୟ ସ୍ଥାନ ନଈପାଖକୁ ଗଲା। ଝାମ୍ପୁଲା ଅର୍ଜୁନ ଗଛଟିଏ କାଳବୈଶାଖୀର କୋପରୁ ରକ୍ଷାପାଇ ଠିଆ ହୋଇଛି। ତାକୁ ବହୁତ ଖୁସି ଲାଗିଲା। ମନକୁ ମନ ଗୀତଟିଏ ଗୁଣୁଗୁଣୁଇଲା। ଆଗରୁ ବସା ବାନ୍ଧିଥିବା କପୋତଟିଏ ପତ୍ରଗହଳିରୁ ତାକୁ ଚାହିଁଲା। ଡଉଲଡାଉଲ ସୁନ୍ଦରୀ କପୋତୀଟିଏ। ନୂଆ ମୁହଁ, ନୂଆ ଆସିଛି। ତାକୁ ଦେଖୁଦେଖୁ ସେ ଟିକିଏ ହସିଦେଲା। କପୋତୀକୁ ଖୁବ୍ ପସନ୍ଦ ହେଲା। ସେ ବି ମୁରୁକି ହସିଲା। ଦୁହେଁ ଦୁହିଁକୁ ଦେଖିଲେ। ମନରେ ମନ ମିଳିଗଲା। କପୋତୀ ଖୋଜୁଥିଲା ବସା, କପୋତ କହିଲା - ଏଇଟି ମୋ ବସା। ଏଇଠିକୁ ଚାଲିଆସ। ଦୁହେଁ ସାଙ୍ଗ ହୋଇ ରହିବା। କପୋତୀ ଟିକିଏ ଲାଜେଇ ଗଲା। କିଛି କହିଲାନି। ନିରବ ରହିଲା। କପୋତ ବୁଝିଗଲା ତା' ମନର ଭାଷା। ଦୁହିଁଙ୍କ ନିଃସଙ୍ଗତା କ୍ରମେ ଦୂରେଇ ଗଲା।

କପୋତ ଖୁବ୍ ଭଲପାଇଲା କପୋତୀକୁ। କପୋତୀ ବି କପୋତର ଖିଆଲ ରଖିଲା। ହସଖୁସିରେ ବିତିଲା ଦିନ। ବେଶ୍ ଆନନ୍ଦମୁଖର। ଏମାନଙ୍କ ପ୍ରେମ ଦେଖି ଥୁଣ୍ଟା ଗଛରେ କଅଁଳି ଆସୁଥିବା ପତ୍ର ମୁରୁକି ମୁରୁକି ହସିଲେ। ଅଧିକ ଗହଳ ହୋଇ ସେମାନଙ୍କୁ ସାହାଯ୍ୟ କଲେ। ଖୁସିର ଦିନସବୁକୁ ଆହୁରି ରଙ୍ଗିନ କରିଦେଲା ଯେତେବେଳେ ସେମାନଙ୍କର ନୂଆ ଶାବକ ଆସିଲେ। ହସି ଉଠିଲା ସୁଖୀ ସଂସାର। ଶାବକମାନେ ଆସ୍ତେ ଆସ୍ତେ ଛୋଟରୁ ବଡ଼ ହେଲେ। ଉଡ଼ିବୁଲିଲେ ଆକାଶ ଛାତିରେ। ନୂଆ ସାଥୀ, ନୂଆ ବସା କରି ରହିଲେ।

କପୋତ କପୋତୀ ସମୟକ୍ରମେ ବୁଢ଼ା ହୋଇଗଲେ। ନିତିଦିନିଆ ଆହାର ଯୋଗାଡ଼ କରିବା ଏଣିକି କଷ୍ଟକର ହୋଇଗଲା। ବିନା ଖାଦ୍ୟରେ ଆଉ ଉଡ଼ିବାକୁ ବଳ ପାଇଲାନି। ଆସ୍ତେ ଆସ୍ତେ ରୋଗ ସବୁ ମାଡ଼ି ଆସିଲା। ଅଜଣା ବ୍ୟାଧିରେ ପୀଡ଼ିତ କପୋତଟି ଦିନେ ଆଖି ବୁଜିଦେଲା। ସେ ଦିନ ବି କାଳବୈଶାଖୀ ବର୍ଷାରେ ଭିଜିଥିଲା ସମଗ୍ର ଇଲାକା। ମାଆ ପରି କପୋତ ଚାଲିଗଲା ଯେ, ଆଉ ଫେରିଲାନି। ସେ ପୁନଃ ଏକା ହୋଇଗଲା। ବୟସ ଭାରରେ ନଇଁ ଯାଉଥିଲାବେଳେ ସେ ହାତଛାଡ଼ି ଚାଲିଯିବା ତାକୁ ଖୁବ୍ ଆଘାତ ଦେଲା। ଭାବିଲା କେମିତି ବଞ୍ଚିବ ବାକି ଜୀବନ ?

ଏକା ଏକା ଏଇକଥା ଭାବି ସେ ଅହରହ ଆଖିରୁ ଲୁହ ଝରାଉଥିଲା। ପ୍ରେମର ବନ୍ଧନରୁ ମୁକୁଳିବା କ'ଣ ଏତେ ସହଜ? ■

ଚିତ୍ରକଳ୍ପ, ନବୀନାବାଗ
ଖୋର୍ଦ୍ଧା- ୭୫୨୦୫୫
ମୋ: ୯୪୩୭୦୩୩୩୫୨



## ଇଚ୍ଛାପତ୍ର

ସତ୍ୟରଂଜନ ପ୍ରହରାଜ



ଯଦି ମୃତ୍ୟୁ ଯାଚେ ଶତ୍ରୁ
ମନାକରିବୁନି,
ସର୍ତ୍ତ ରଖିବୁ
ତୋତେ ବିକିଦେଇଥିବା ଲୋକ ହିଁ
ତୋତେ ବିଦ୍ଧ କରୁ!

ମଣିଷମାନଙ୍କୁ ପରଖୁ ପରଖୁ
ପରାର୍ଦ୍ଧ କଟିଯାଏ ବୋଲି
ମନ ମାରିବୁନି
ଶତ୍ରୁ ତ ଚିହ୍ନାଚିହ୍ନା ଅମାୟିକ
ସହୋଦରମାନେ ପଶାଖେଳରେ ବ୍ୟସ୍ତ
ଯୁଗ ପରେ ଯୁଗ

ବଇରି ହେଉ କି ବଶମ୍ବଦ
ମଣିଷର ମହକରୁ ଚିହ୍ନିବୁ
ତା'ର କଲିଜା
ତା'ର ମସ୍ତିଷ୍କର ମେଦ

ନିଘଞ୍ଚ କଣ୍ଟାରେ ଫୁଟିଥିବା ଫୁଲ
ଏକା ହିଁ ଚମକେ ବିଜୁଳିରେ
ଗହଳିର ଅର୍ଗଳରେ ଅଟକିଯିବୁନି
ଟିକିଏ ଆଗରେ ଥାଇପାରେ
ଅରଣ୍ୟ,ଅରୁଣିମା
ଓ ଜଣେ ପରମ ପ୍ରେମିକ

ଯଦି ମୁହାଣ ମାଗୁଛି ତୋର ଅସ୍ତିତ୍ୱ
ପଚାରିବୁନି ସାଗରର ଗାରିମା
ଅପସରି ଯିବ ଜୁଆର
ବିଲୀନ ହେବା ଆଗରୁ
ତୋର ଆରମ୍ଭ ଓ ଆଲୋଡନ
ଶେଷସର୍ତ୍ତ ରଖିବୁ
ସାଗରର ଲୁହସବୁ
ଶତ୍ରୁର ନୁହେଁ
ସଖାର
ତୋର! ■

ଲେନ ନଂ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
ମୋ: ୯୬୫୮୪୧୩୫୩୪

## ଶିଶୁ

ସୂର୍ଯ୍ୟସ୍ନାତ ତ୍ରିପାଠୀ



ଯୁଗେ ଯୁଗେ, ପ୍ରଶ୍ନକୁ ଡରୁଥିବା
କିଛି ବୟସ୍କ ଲୋକ
ପ୍ରଶ୍ନ ପଚାରିବାରୁ ବାରଣ କରନ୍ତି
ଶିଶୁମାନଙ୍କୁ।

ଶିଖାନ୍ତି, ନିରବରେ
ଅନୁସରଣ କରିବାର କଳା,
ଆଜ୍ଞାବହ ହେବାର ଉପକାରିତା,
ଅନ୍ଧାର ଓ ଆଲୁଅର ଅବଧାରିତ
ନିୟମ ଯେତେ...

ସବୁ ଶିଶୁ କିନ୍ତୁ ଶିଖିପାରନ୍ତି ନାହିଁ
ଏସବୁ ଯଥାବିଧି। ଛଳନାର
ଅଣ୍ଟିରେ, ଲୁଚିରହେ ନାହିଁ
ନିଆଁ ସବୁବେଳେ...

କିଛି ଶିଶୁ, ଯୁଗେ ଯୁଗେ,
ନିହାଣ ହେଇ ଭାଙ୍ଗିଦିଅନ୍ତି
ମିଛ ମିଛ ପରମ୍ପରାର
କାଚକାନ୍ଥ ସବୁକୁ, ପ୍ରାଚୀନ
ମାନ୍ୟତା ସବୁର ପଥୁରିଆ
ଛାତିକୁ ଚିରି ସେମାନେ ହସନ୍ତି
ସବୁଜପତ୍ର ଭଳି...

ସେମାନେ ବୁଝେଇ ଦିଅନ୍ତି,
ଯେ ଅତୀତର ଭଙ୍ଗା ଓ ଦନ୍ତୁଡ଼ା
ଚାବିରେ ଖୋଲିହୁଏ ନାହିଁ
ଦରଜା ଆସନ୍ତା କାଲିର...
ଓ ନିରବତାର ଛାଇ ତଳେ
ଉଧେଇପାରେନି ଗଛ
ସଭ୍ୟତାର।

ଭଣ୍ଡ ପ୍ରବଚକମାନଙ୍କ ସଭାରେ
ଠିଆ ହେଇ ସେମାନେ
ଘୋଷଣା କରନ୍ତି- ଧର୍ମ କି ଈଶ୍ୱର
ନୁହେଁ, ଶିଶୁମାନେ ହିଁ ସଂକଟରେ
ଅଛନ୍ତି ଏ ଦେଶରେ, ଏବଂ
ସ୍ୱପ୍ନଖୋର ଆଖିମାନଙ୍କର
ବଳି ହିଁ ଖୋଜାପଡ଼େ ବାରମ୍ବାର
ଅନ୍ଧସମାଜରେ!

ପ୍ରଶ୍ନ ପଚାରିବାର ପରମ୍ପରା
ତିଆରି କରିବା ପାଇଁ,
ଯୁଗେ ଯୁଗେ କିଛି ଶିଶୁ
ନିଧଡ଼କ ଡେଇଁପଡ଼ନ୍ତି
ନିଆଁକୁ...

ଓ ନିଜେ ନ ଜଳିବା ଯାଏଁ
ସୁନା ଚମକେନି ବୋଲି,
କହିବୁଲନ୍ତି ସବୁଠି। ■

ସିଦ୍ଧେଶ୍ୱରପୁର, କଟକ

## ପୁସ୍ତକ ପରିଚୟ

### ଜୁହାର ଆଜ୍ଞା

ଅଜୟ ପ୍ରଧାନ



ଶ୍ରଦ୍ଧା ପବ୍ଲିକେଶନ୍ସ
ସହଦେବଖୁଣ୍ଟା, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୫୦ ଟଙ୍କା

"ଆପଣଙ୍କୁ ଛୁଇଁପାରିଲାନି କେବେ ଅନ୍ଧାର/ ଆମେ ଆଲୁଅକୁ ପୋଡ଼ି କରିଦେଉଛୁ ଅଙ୍ଗାର!/ ଆପଣଙ୍କ ହାତବାଡ଼ି ଦେଖି/ ଲବଣ ସତ୍ୟାଗ୍ରହରେ ଏକଜୁଟ ହେଇଥିଲା ନିର୍ଭୟା ଭାରତ,/ପୋଲିସ୍ ଆଉ ପାଳିତକୁକୁରଙ୍କ ହାତରେ / ବାଡ଼ିଧରେଇ ମଜାନଉଚୁ ଆମେ/ ବୈଷ୍ଣବ-ନାଗରିକଙ୍କ ଦୌଡ଼ ଗଳି ଓ ରାସ୍ତାରେ !" (ପ୍ରିୟ ବାପୁଜି!) ମହାତ୍ମା ଗାନ୍ଧୀଙ୍କ ଜୀବନ ଓ ଅଦର୍ଶ ଉକୁଟି ଉଠିଛି ଅଜୟ ପ୍ରଧାନଙ୍କ 'ପ୍ରିୟ ବାପୁଜି!' କବିତାରେ। କବି ଅଜୟଙ୍କ 'ଜୁହାର ଆଜ୍ଞା' ପୁସ୍ତକରେ ଏଭଳି ଅନେକ ଜୀବନୀମୂଳକ କବିତା ସଂକଳିତ ହୋଇଛି। 'ଚିଠି ମଣିଷ-୧' , 'ଚିଠି ମଣିଷ-୨', 'ଚିଠି ମଣିଷ-୩' କବିତାରେ ନିଛକ ଭଲ ପାଇବା ଓ ଆତ୍ମୀୟତା ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି। ଏହି କବିତାଗୁଡ଼ିକରେ କବି ସଚ୍ଚି ରାଉତରାୟ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା , ଦେବଦାସ ଛୋଟରାୟ, ଭୀମ ପୃଷ୍ଟି ପ୍ରମୁଖଙ୍କୁ ନେଇ କବି ନିଜସ୍ୱ ଅନୁଭବକୁ ଅତି ମାର୍ମିକ ଭାବେ ଲିପିବଦ୍ଧ କରିଛନ୍ତି। 'ଜଣେ ଗାନ୍ଧୀବାଦୀଙ୍କ ପ୍ରେମ', 'ଦାସ ବୋଇଲେ ଜଣେ', 'ମିଷ୍ଟର୍ ଦିଲ୍ଲୀପ କୁମାର', 'ରାଜନୀତି', 'ଡାକୁଚି ସେ ଯେ ଡାକୁଚି', 'ଅଖିଲ୍ ନାୟକ ପାଇଁ ଗୋଟିଏ ବାହୁନା', 'ମହାନୁଭବୀୟ', 'ତାମ୍ରଲିପି', 'ମଧୁ କଣ୍ଠ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। କବିତାର ଚରିତ୍ରମାନଙ୍କୁ ଅତି ନିକଟରୁ ନିରେଖିଛନ୍ତି କବି। ନିବିଡ଼ ଭାବେ ଭଲ ପାଇଛନ୍ତି ସେଇସବୁ ଚରିତ୍ରମାନଙ୍କୁ। ସେଥିପାଇଁ କବି ଅଜୟଙ୍କ ଜୀବନୀ ଆଧାରିତ କବିତାଗୁଡ଼ିକ ହୋଇଛି ପ୍ରାଣବନ୍ତ ଓ ମାର୍ମିକ। 'ଜୁହାର ଆଜ୍ଞା'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ସମୟ ସମୟର କଥା

ରାକେଶ ପଣ୍ଡା



ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୪୯ ଟଙ୍କା

ସମୟ ହେଉଛି ବଡ଼ ବଳବାନ। ବର୍ତ୍ତମାନ ସମୟ ଦିନେ ଅତୀତ ପାଲଟିଯିବ। ତେବେ ଛାଡ଼ିଯିବ ତତ୍କାଳୀନ ସମୟର ବାସ୍ତବ ଚିତ୍ର। ସାଂପ୍ରତିକ ସମାଜର ବାସ୍ତବତାର ଚିତ୍ରକୁ ଚମତ୍କାର ଭାବେ ନିଜ ଗପରେ ଫୁଟାଇ ପାରିଛନ୍ତି ଗାଳ୍ପିକ ରାକେଶ ପଣ୍ଡା। ଗାଳ୍ପିକ ପଣ୍ଡାଙ୍କ ରଚିତ 'ସମୟ ସମୟର କଥା' ପୁସ୍ତକର ଅନେକ ଗପ ସାମାଜିକ ବାସ୍ତବତା ଓ ଜୀବନାନୁଭୂତିର ସତ୍ୟତା ଉପରେ ଆଧାରିତ। 'ମୁଁ ଅଲୋଡ଼ା ନୁହେଁ' ଗପଟି କନ୍ୟାଭ୍ରୂଣ ହତ୍ୟା ଉପରେ ଆଧାରିତ। ଏକଦା ନିଜ ଗର୍ଭବତୀ ପତ୍ନୀଙ୍କ ପେଟରେ ବଢୁଥିବା ଭ୍ରୁଣ କନ୍ୟା ସନ୍ତାନ ଜାଣି ଗର୍ଭପାତ କରିବାକୁ ନିଷ୍ପତ୍ତି ନେଇଥିଲେ ଉଚ୍ଚ ଶିକ୍ଷିତ ରଜତ। କିନ୍ତୁ ସ୍ତ୍ରୀଙ୍କ ଜିଦ୍ ଯୋଗୁଁ ସେ ଗର୍ଭପାତରୁ ଦୂରେଇ ଯାଇଥିଲେ। ଦିନେ ସେଇ ଝିଅଟି ଦଶମ ଶ୍ରେଣୀ ପରୀକ୍ଷାରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କଠାରୁ ମାନପତ୍ର, ଉତ୍ତରୀୟ ଓ ଏକ ଲକ୍ଷ ଟଙ୍କା ପୁରସ୍କାର ପାଇ ବାପାମା'ଙ୍କୁ ଗୌରବାନ୍ୱିତ କରିଛି,ତାହା ଏହି ଗଳ୍ପରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି। ସେହିପରି 'ଅମାବାସ୍ୟର ଆଲୋକ', 'ନୀରବ ଝଡ଼', 'ବୋଉ', 'ଈଶ୍ୱର, ଆଲ୍ଲା ତେରୋ ନାମ୍', 'ନାସ୍ତିକର ସ୍ୱର୍ଗ ପ୍ରାପ୍ତି', 'ଫେରିବାଲା','ଆତ୍ମହତ୍ୟା', 'ଭଗବାନ ଓ ସଇତାନ' ଆଦି ଗପଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। ସାମାଜିକ ଘଟଣାବଳୀ, ମାନବୀୟ ସଂପର୍କ, ସମ୍ବେଦନଶୀଳତା, କରୁଣ ଚିନ୍ତାଧାରା ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି। ସାଧାରଣ ଘଟଣା, ସାମାଜିକ ବାସ୍ତବତାକୁ ନେଇ ସରଳ ଓ ବୋଧଗମ୍ୟ ଭାଷାରେ ରଚିତ ଗପଗୁଡ଼ିକ ମାର୍ମିକ ହୋଇଛି। 'ସମୟ ସମୟର କଥା'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ଜନଜାତି ସଂସ୍କୃତି ଓ ଗୋପୀନାଥ ମହାନ୍ତି

ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ



ଓଡ଼ିଆ ସାହିତ୍ୟରେ ଗଦ୍ୟ ମହାକାବ୍ୟର ଅଦ୍ୱିତୀୟ ସ୍ରଷ୍ଟା ଗୋପୀନାଥ ମହାନ୍ତି। ଅଖଣ୍ଡ ଜୀବନଦୃଷ୍ଟିର ଜଣେ ଅନୁପମ ରୂପକାର। ଗୋପୀନାଥ ମହାନ୍ତିଙ୍କ ଜନ୍ମ ୧୯୧୪ ମସିହା ଏପ୍ରିଲ ମାସ ୨୦ ତାରିଖ କଟକ ସହର ଉପକଣ୍ଠରେ ଥିବା ନାଗବାଲି ଗ୍ରାମରେ। ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ସେ ୧୯୩୮ ମସିହାରେ ଯୋଗ ଦେଇଥିଲେ ଓଡ଼ିଶା ପ୍ରଶାସନିକ ସେବାରେ। ନିଜର ଦୀର୍ଘ କର୍ମମୟ ଜୀବନ ମଧ୍ୟରେ ସେ କୋରାପୁଟ, ଜୟପୁରୁ, ବରଗଡ଼ ଆଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦାୟିତ୍ୱରେ ରହି ବହୁ ଅଭିଜ୍ଞତା ହାସଲ କରିଛନ୍ତି ଏବଂ ତାକୁ ରୂପାୟିତ କରିଛନ୍ତି ନିଜର ଗଳ୍ପ ଓ ଉପନ୍ୟାସରେ। ବିଶେଷକରି କୋରାପୁଟ ଭଳି ପାହାଡ଼ିଆ ଅଞ୍ଚଳରେ ଅବସ୍ଥାନ କାଳରେ ଆକାଶରେ ଲହଡ଼ି ଭାଙ୍ଗୁଥିବା କଥାକୁହା ବଉଦ, ଢେଉଢେଉକା ପର୍ବତମାଳା, ଘଞ୍ଚ ଜଙ୍ଗଲର ଉଚ୍ଚାଟ ଆକର୍ଷଣ ଓ ଜନଜାତି ମଣିଷର ଅନାବିଳ ଆତ୍ମୀୟତା ତାଙ୍କ ଭିତରେ ଭରିଦେଇଛି ଜଣେ ସମାଜ ବିଜ୍ଞାନୀ ଓ ନୃତତ୍ତ୍ୱବିତ୍‌ର ଜିଜ୍ଞାସା, ଅନୁସନ୍ଧିତ୍ସା ଓ କୌତୂହଳ। ବଣ ପାହାଡ଼ ଘେରା ଆଦିବାସୀ ବସ୍ତିରେ ବାସ କରୁଥିବା ମଣିଷମାନଙ୍କ ସହିତ ଏକାତ୍ମ ହୋଇ ସେମାନଙ୍କ ଜୀବନଚର୍ଯ୍ୟା ଓ ପରିବର୍ତ୍ତନୀୟ ଘନଘଟାକୁ ଅତି ନିକଟରୁ ଦେଖିଛନ୍ତି ଓ ତାକୁ ଆଧାର କରି ସୃଷ୍ଟି କରିଛନ୍ତି ବିପୁଳ କଥା ସାହିତ୍ୟ। ଅରଣ୍ୟର ଆକର୍ଷଣ ତାଙ୍କୁ ପୁଲକିତ କରିଛି, ମୋହଗ୍ରସ୍ତ କରିଛି ଏବଂ ଶେଷରେ ବାଧ କରିଛି କ୍ଷୁଦ୍ରତାକୁ ପରିହାର କରି ମହତ୍ତର ଜୀବନ ସତ୍ୟର ନିକଟବର୍ତ୍ତୀ ହେବା ପାଇଁ। ସତ୍ୟର ଅନ୍ୱେଷଣ ବେଳେ ସେ ପ୍ରକୃତିକୁ କେବଳ ଏକ ବର୍ଣ୍ଣାଢ଼୍ୟ ପୃଷ୍ଠଭୂମି ଭାବରେ ନୁହେଁ, ତାକୁ ଗ୍ରହଣ କରିଛନ୍ତି ମନୁଷ୍ୟ ସତ୍ତାର ଏକ ଉପାଦାନ ଭାବରେ। ତା'ର ଆତ୍ମିକ ଉପଲବ୍ଧି ଶିଳ୍ପୀଙ୍କୁ ଜଣେ ନିର୍ବିକାର ଧ୍ୟାନସ୍ଥ ଯୋଗୀରେ ପରିଣତ କରିଦେଇଛି, ଯା'ର ବଡ଼ ଉଦାହରଣ ହେଉଛି ତାଙ୍କ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଓ 'ଅପହଞ୍ଚ' ଭଳି ଆଦିବାସୀ ଜୀବନ ଭିତ୍ତିକ ଉପନ୍ୟାସ।

ଜନଜାତି ମଣିଷ ପାଇଁ ତାଙ୍କ 'ଦାଦିବୁଢ଼ା' ହେଉଛି (୧୯୪୪) ଆଦିମ ବିଶ୍ୱାସବୋଧ ଓ ଧର୍ମାନୁରକ୍ତିର ଏକ ସମାଜ ବେଦ। ଓଡ଼ିଆ ସାହିତ୍ୟର ଏକ ଅବିସ୍ମୃତ ଦସ୍ତାବିଜ। ଯେଉଁଠି ଆଦିବାସୀ ବସ୍ତିଟିଏ, ସେଇଟି ଗୋଟିଏ ଜୀଅନ୍ତା ଖଜୁରି ଗଛ ଲୁଗା ଆଉ ରଙ୍ଗ ପିନ୍ଧି ପାଲଟି ଯାଏ 'ଦାଦିବୁଢ଼ା'। ସବୁକଥାରେ ସେ ନିରବଦ୍ରଷ୍ଟ, ଠିକ୍ ଧ୍ୟାନସ୍ଥ ଋଷିଟିଏ ପରି। ସେ ଦେବତା, ସେ ଠାକୁର। ହୃଦୟର ପୁଲକ, ନୟନର ଅଶ୍ରୁ ଓ ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବର ସେ ଏକ ମିଶ୍ରିତ ରୂପ। 'ଦାଦିବୁଢ଼ା' ପାଦତଳେ ସକଳ ବିଶ୍ୱାସ ସମର୍ପି ଦେଇ ତା' ଉପରେ ଗଭୀର ଆସ୍ଥା ସ୍ଥାପନ କରେ ସରଳ ଆଦିବାସୀ ମଣିଷ। ଏହି ନିବିଡ଼ ବିଶ୍ୱାସରେ ପ୍ରାକୃତିକ ଘଞ୍ଚ ବନାନୀ ପାଲଟି ଯାଏ ଏକ ପୁଣ୍ୟମୟ ତୀର୍ଥ।

ଶିଳ୍ପୀଙ୍କ ଆଦିବାସୀ ଜୀବନଭିତ୍ତିକ ଦ୍ୱିତୀୟ ଉପନ୍ୟାସ 'ପରଜା' (୧୯୪୬), ଯାହା ତାଙ୍କ ଲେଖକୀୟ ସାମର୍ଥ୍ୟକୁ ନେଇ ପହଞ୍ଚେଇ ଦେଇଛି ବିଶ୍ୱ ସ୍ତରରେ। 'ପରଜା' କେବଳ ଜନଜାତି ମଣିଷର ସ୍ୱପ୍ନ କଥା କହିନି, ସେ କହିଛି ତା'ର ସ୍ୱପ୍ନଭଙ୍ଗର କାହାଣୀ। ସେ କାହାଣୀରେ ବଣମୂଳକର ଅଶ୍ରୁପ୍ରବାହ ଯେତିକି ମର୍ମସ୍ପର୍ଶୀ, ସେତିକି ପ୍ରତିକ୍ରିୟାଶୀଳ ମେହେନତି ଆକାଂକ୍ଷାର ବିଭଙ୍ଗତା। ଶିଳ୍ପୀଙ୍କ ଲେଖନୀରେ ଅନ୍ଧକାରର ବୁକୁଚିରି ଆଦିବାସୀ ବସ୍ତି ଭିତରକୁ ଓହ୍ଲାଇ ଆସିଛି ଶୋଷଣ, କଷଣ ଓ ଅତ୍ୟାଚାର ବିରୋଧରେ ପ୍ରତିଶୋଧର ଲାଲ ସୂର୍ଯ୍ୟଟିଏ। ଶାଳ ଜଙ୍ଗଲ, କାନ୍ଦୁଲ କ୍ଷେତ ଓ ଝୋଲା କୂଳରେ ବିଛାଡ଼ି ହୋଇ ପଡ଼ିଥିବା ସେ ସୂର୍ଯ୍ୟକିରଣର ପ୍ରତିକ୍ରିୟା ସ୍ୱରୂପ ସାହୁକାର ବେକରେ ବସିଛି ମାଣ୍ଡିଆ ଜାନିର ଟାଙ୍ଗିଆ ଚୋଟ। ଏ ଦୃଷ୍ଟିରୁ 'ପରଜା' କେବଳ ଅଶ୍ରୁସିକ୍ତ ନୁହେଁ, ତାହା ରକ୍ତସ୍ନାତ। ଏହି କ୍ରମରେ 'ଅମୃତର ସନ୍ତାନ' (୧୯୪୯) ହେଉଛି କନ୍ଧ ଜାତିର ଜୀବନଗାଥା। ସେମାନଙ୍କ ଧର୍ମଧାରଣା, ସଂସ୍କୃତି, ପରଂପରା, ଚଳଣି ଓ ସୌନ୍ଦର୍ଯ୍ୟବୋଧର ଏକ ଅଭିନବ କାବ୍ୟାୟନ। 'ଦାଦିବୁଢ଼ା'ଠାରୁ 'ଅନାମ' ପର୍ଯ୍ୟନ୍ତ ତାଙ୍କ ଦୀର୍ଘ ପଚାଶ ବର୍ଷର କଥା ମଗ୍ନତା ମଧ୍ୟରେ ସେ ଯେଉଁ ଆଦିବାସୀ ଜୀବନ ଚିତ୍ର ଆଙ୍କିଛନ୍ତି, ସଭ୍ୟସମାଜ ସହିତ ମିଳେଇ ଦେଖିଲେ ଖୁବ୍ ଉଚ୍ଚାଙ୍ଗ ମନେହୁଏ ଜନଜାତି ସମାଜର ଜୀବନ ଚିତ୍ର। ଆଦିବାସୀ ସମାଜରେ ନାରୀ ଓ ପୁରୁଷ ବିଭିନ୍ନ ନୁହଁନ୍ତି, ସେମାନେ ମନୁଷ୍ୟ ଭାବରେ ସମାନ। ନାରୀକୁ ସମ୍ମାନ ଓ ସୁରକ୍ଷା ସେଠାରେ ସ୍ଲୋଗାନ ନୁହେଁ, ବରଂ ଏକ ସାଂସ୍କୃତିକ ଅକଳବନ୍ଧୀ। ସଭ୍ୟ ମଣିଷ ପରି ଆଦିବାସୀ ଆଦୌ ଅଧିକାରବାଦୀ ନୁହେଁ, ସେ ମୁକ୍ତିବାଦୀ। ମିତ୍ରବୋଧ ନେଇ ସେ ପ୍ରକୃତିକୁ ବନ୍ଧୁ ଭାବରେ ଦେଖେ, କିନ୍ତୁ ମୁନିବବୋଧ ନେଇ ତା' ଉପରେ ଜାହିର କରେନି ଅଧିକାର। ଅଧିକାରବାଦୀ ସହରୀ ମଣିଷ ପରି ସେ କେବେ କହେନି ଏ ଜଳ, ଜମି ଓ ଜଙ୍ଗଲ ସବୁ ମୋର, ବରଂ ସେ କହେ ଏ ସବୁ ଧରତୀ ମାତାର। ପ୍ରକୃତି ପ୍ରତି ଆଦିମ ମଣିଷର ଏହି ସାଂସ୍କୃତିକ ବିଶ୍ୱସ୍ତତାକୁ ଗୋପୀନାଥ ମହାନ୍ତି ଚିହ୍ନି ଚିହ୍ନେଇଛନ୍ତି ତାଙ୍କର ଗଳ୍ପ ଓ ଉପନ୍ୟାସରେ। ■

ଶିଳ୍ପୀଙ୍କ ଆଦିବାସୀ ଜୀବନଭିତ୍ତିକ ଦ୍ୱିତୀୟ ଉପନ୍ୟାସ 'ପରଜା' (୧୯୪୬), ଯାହା ତାଙ୍କ ଲେଖକୀୟ ସାମର୍ଥ୍ୟକୁ ନେଇ ପହଞ୍ଚେଇ ଦେଇଛି ବିଶ୍ୱ ସ୍ତରରେ। 'ପରଜା' କେବଳ ଜନଜାତି ମଣିଷର ସ୍ୱପ୍ନ କଥା କହିନି, ସେ କହିଛି ତା'ର ସ୍ୱପ୍ନଭଙ୍ଗର କାହାଣୀ। ସେ କାହାଣୀରେ ବଣମୂଳକର ଅଶ୍ରୁପ୍ରବାହ ଯେତିକି ମର୍ମସ୍ପର୍ଶୀ, ସେତିକି ପ୍ରତିକ୍ରିୟାଶୀଳ ମେହେନତି ଆକାଂକ୍ଷାର ବିଭଙ୍ଗତା। ଶିଳ୍ପୀଙ୍କ ଲେଖନୀରେ ଅନ୍ଧକାରର ବୁକୁଚିରି ଆଦିବାସୀ ବସ୍ତି ଭିତରକୁ ଓହ୍ଲାଇ ଆସିଛି ଶୋଷଣ, କଷଣ ଓ ଅତ୍ୟାଚାର ବିରୋଧରେ ପ୍ରତିଶୋଧର ଲାଲ ସୂର୍ଯ୍ୟଟିଏ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ସ୍ୱିଆଟେକ୍‌ଙ୍କୁ ଚତୁର୍ଥ ଟାଇଟଲ୍

ପ୍ୟାରିସ,୮ ।୬(ଏଜେନ୍ସି)

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ରେ ପୋଲାଣ୍ଡର ମହିଳା ତାରକା ଖେଳାଳି ଇଗା ସ୍ୱିଆଟେକ୍ ଏଥର ଟାଇଟଲ ହାସଲ କରିଛନ୍ତି । ଶନିବାର କୋର୍ଟ ଫିଲିପ୍ ଚାଟ୍ରିଏରରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ ମାନ୍ୟତା ପାଇଥିବା ସ୍ୱିଆଟେକ ୬-୨, ୬-୧ ସିଧାସଳଖ ସେଟ୍‌ରେ ଅତି ସହଜରେ ଇଟାଲୀର ଦ୍ୱାଦଶ ସିଡ୍ ଖେଳାଳି ଜାସମିନ ପାଓଲିନିଙ୍କୁ ପରାସ୍ତ କରି ବିଶ୍ୱର ପ୍ରଥମ ମହିଳା ଭାବେ କ୍ରମାଗତ ତୃତୀୟଥର ପାଇଁ ଚାମ୍ପିଅନ ହେବା ସହ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି । ମାତ୍ର ୬୮ ମିନିଟ୍‌ରେ ହିଁ ସ୍ୱିଆଟେକ ବିଜୟୀ ହୋଇଥିଲେ ।

ଗତ ୫ ବର୍ଷ ମଧ୍ୟରେ ସେ ୪ଥର ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି । ବିଶ୍ୱର ନଂ ୧ ଖେଳାଳି ୨୩ ବର୍ଷୀୟା ସ୍ୱିଆଟେକ ପ୍ରଥମ ମହିଳା ଖେଳାଳିଭାବେ କ୍ରମାଗତ ୩ଥର ଫ୍ରେଞ୍ଚ୍ ଓପନ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ସେ ୨୦୨୦, ୨୦୨୨, ୨୦୨୩ ଓ ୨୦୨୪ରେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି । ସେ ମଧ୍ୟ ୨୦୨୨ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ । ମୋଟ୍ ଉପରେ ସେ କ୍ୟାରିୟରରେ ୫ମ ଗ୍ରାଣ୍ଡସ୍ଲାମ ଓ ମୋଟ୍ ଉପରେ ୨୨ତମ ଟାଇଟଲ ଜିତିଛନ୍ତି । ଫାଇନାଲ ମୁକାବିଲାରେ ସ୍ୱିଆଟେକ ସମ୍ପୂର୍ଣ୍ଣ ରୂପେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ଓ ପାଓଲିନିଙ୍କୁ କୌଣସି ସୁଯୋଗ ଦେଇ ନଥିଲେ । ଏଥିସହ ସ୍ୱିଆଟେକ ଫ୍ରେଞ୍ଚ୍ ଓପନ୍‌ରେ କ୍ରମାଗତ ୨୧ତମ ମ୍ୟାଚ୍‌ରେ ବିଜୟୀ ହୋଇ ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି । ଏହାପୂର୍ବରୁ ସେ ମାଡ୍ରିଡ୍ ଓପନ ଓ ରୋମ ମାଷ୍ଟର୍ସ ଟାଇଟଲ ଜିତିଥିଲେ । ୪ ବର୍ଷ ତଳେ ସେ ରୋଲାଣ୍ଡ ଗ୍ୟାରସରେ ପ୍ରଥମ ଥର ପାଇଁ ବିଜୟୀ ହୋଇଥିଲେ । ଏହାପୂର୍ବରୁ ସ୍ୱିଆଟେକ ସେମିଫାଇନାଲରେ ୬-୨, ୬-୪ ସେଟ୍‌ରେ ଆମେରିକାର ତୃତୀୟ ସିଡ୍ ଖେଳାଳି କୋକୋ ଗଫ୍‌ଙ୍କୁ ଓ କ୍ୱାର୍ଟରରେ ୫ମ ସିଡ୍ ଚେକ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭାଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ । ସେହିପରି ୨୮ ବର୍ଷୀୟା ପାଓଲିନି ସେମିଫାଇନାଲରେ ରୁଷିଆର ୧୭ ବର୍ଷୀୟା ଖେଳାଳି ମୀରା ଆନ୍ଦ୍ରିଭାଙ୍କୁ ୬-୩, ୬-୧ ସେଟ୍‌ରେ ଫାଇନାଲ ଟିକଟ ହାସଲ କରିଥିଲେ । ବିଜୟୀ ହୋଇଥିଲେ ପାଓଲିନି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ସୌଭାଗ୍ୟ ଅର୍ଜନ କରିଥାନ୍ତେ ।

### ଜ୍ୱେରେଭ- ଆଲକାରାଜ ଫାଇନାଲ ଆଜି

ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ଟାଇଟଲ ପାଇଁ ରବିବାର ଫାଇନାଲରେ ତୃତୀୟ ସିଡ୍ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜ ଓ ଚତୁର୍ଥ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ ପରସ୍ପରକୁ ଭେଟିବେ । ଆଲକାରାଜ ପ୍ରଥମ ସେମିରେ ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନରଙ୍କୁ ୨-୬, ୬-୩, ୩-୬, ୬-୪, ୬-୩ ମାରାଥନ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ । ସେହିପରି ଜ୍ୱେରେଭ ୨-୬, ୬-୨, ୬-୪, ୬-୨ ସେଟ୍‌ରେ ୭ମ ସିଡ୍ ନରୱେର କାସ୍ପେର ରୁଡ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି । ଏଥର ସଫଳ ହେଲେ ୨୧ ବର୍ଷୀୟ ଆଲକାରାଜ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଓ ତୃତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ । ସେହିପରି ଫାଇନାଲରେ ବିଜୟୀ ହେଲେ ୨୭ ବର୍ଷୀୟ ଜ୍ୱେରେଭ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବେ ।




# ଦୁଲୀପ୍ ଟ୍ରଫିରୁ ଆରମ୍ଭ; ଅକ୍ଟୋବର ୧୧ରୁ ରଣଜୀ

ନୂଆଦିଲ୍ଲୀ, ୮ ।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଏହାର ଆଗାମୀ ଘରୋଇ ସିଜନ ୨୦୨୪-୨୫ ଲାଗି କାର୍ଯ୍ୟସୂଚୀ ଘୋଷଣା କରିଛି । ସେପ୍ଟେମ୍ବର ୫ରୁ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ୍ ଟ୍ରଫିର ୬୧ତମ ସଂସ୍କରଣ ଆରମ୍ଭ ହେବ । ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଏହା ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ । ଏହାପରେ ମୁମ୍ବଇରେ ଅକ୍ଟୋବର ୧ରୁ ଇରାନୀ ଟ୍ରଫି ଆୟୋଜିତ ହେବ ବୋଲି ଜଣାପଡ଼ିଛି ।

ଅପରପକ୍ଷରେ ଘରୋଇ କ୍ରିକେଟ୍‌ର ଏନ୍ଥୁଡ଼ିଶାଳ କୁହାଯାଉଥିବା ରଣଜୀ ଟ୍ରଫିର ଉଭୟ ଏଲିଟ୍ ଓ ପ୍ଲେଟ୍ ପର୍ଯ୍ୟାୟ ଅକ୍ଟୋବର ୧୧ରୁ ଖେଳାଯିବ । ତେବେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଆଗାମୀ ରଣଜୀ ଟ୍ରଫିକୁ ଦୁଇଟି ଫେଜରେ ବିଭକ୍ତ କରାଯାଇ ଆୟୋଜିତ କରାଯିବ । ପ୍ରଥମେ ଲିଗ୍ ଷ୍ଟେଜ୍ ଅକ୍ଟୋବର ୧୧ରୁ ଫେବ୍ରୁଆରୀ ୨ ପର୍ଯ୍ୟନ୍ତ ଏବଂ ପରେ ଫେବ୍ରୁଆରୀ ୮ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ନକ୍‌ଆଉଟ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ । ସେହିଭଳି ନଭେମ୍ବର ୨୩ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟ୍ରଫି ଏବଂ ଡିସେମ୍ବର ୨୧ରୁ ଜାନୁଆରୀ ୧୮ ପର୍ଯ୍ୟନ୍ତ ଲିଷ୍ଟ-ଏ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଖେଳାଯିବ । ଜାତୀୟ ବରିଷ୍ଠ ମହିଳା ଟି-୨୦ ଅକ୍ଟୋବର ୧୭ରୁ ଖେଳାଯିବା ସହ ମହିଳା କ୍ରିକେଟ୍ ସିଜନ ଆରମ୍ଭ ହେବ ।

### କଟକରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

ରଣଜୀ ଟ୍ରଫିର ଘରୋଇ ମ୍ୟାଚକୁ ଛାଡ଼ିଦେଲେ ଓଡ଼ିଶାକୁ ଏହି ସିଜନରେ ବରିଷ୍ଠବର୍ଗରେ କୌଣସି ଆଖିଦୃଶିଆ ପ୍ରତିଯୋଗିତା ଆୟୋଜନର ସୁଯୋଗ ମିଳିନି । ଓଡ଼ିଶାରେ କେବଳ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି (୧୬ ବର୍ଷରୁ କମ୍), ୨୩ ବର୍ଷରୁ କମ୍ ମହିଳା ଟ୍ରଫି ଓ ୧୫ ବର୍ଷରୁ କମ୍ ବାଳିକା ଦିନିକିଆ ଟ୍ରଫି ଆୟୋଜନ ଅଧିକାର ମିଳିଛି ।

● ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# କୋରାପୁଟର ସହଜ ବିଜୟ


ଅଖିଳ କୁମାର

ଭୁବନେଶ୍ୱର, ୮ ।୬ (ସମିସ): ଏକଦିବସୀୟ ଫର୍ମାଟ୍‌ରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍‌ରେ ଶନିବାର ଗ୍ରୁପ୍-ଏ'ର ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାପୁଟ ୭୧ ରନରେ ସୋନପୁରକୁ ଓ ଭୁବନେଶ୍ୱର-ଏ ୧୦ ୱିକେଟ୍‌ରେ ଜଗତସିଂହପୁରକୁ ସହଜରେ ପରାସ୍ତ କରିଛି । ସେହିଭଳି ଅନ୍ୟ ଏକ ମ୍ୟାଚରେ ଅନୁଗୋଳ ମାତ୍ର ୭ ରନରେ ଝାରସୁଗୁଡ଼ାକୁ ହରାଇଦେଇଛି ।

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତସିଂହପୁର ପ୍ରଥମେ ବ୍ୟାଟିଂ କରି ୨୬.୧ ଓଭରରେ ମାତ୍ର ୬୨ ରନରେ ସୀମିତ ରହିଥିଲା । ଭୁବନେଶ୍ୱର-ଏ'ର ଶୁଭ୍ରକାନ୍ତ ପରିଡ଼ା ୫ ଓଭରରେ ୩ ମେଡେନ ସହ ୮ ରନ ବ୍ୟୟରେ ୫ ୱିକେଟ୍ ସଫଳତା ପାଇଥିଲେ । ଜବାବରେ ଭୁବନେଶ୍ୱର-ଏ ୭.୧ ଓଭରରେ କୌଣସି ୱିକେଟ୍ ନ ହରାଇ ସହଜରେ ଜିତିଥିଲା । ସେହିଭଳି ରେଭେନଶା ଗ୍ରାଉଣ୍ଡ-୨ରେ କୋରାପୁଟ ଟସ୍ ଜିତି ୪୫ ଓଭରରେ ୯ ୱିକେଟ୍‌ରେ ୨୯୪ ରନ କରିଥିଲା । ଶୈଳେଶ ମୁଦିଲି ୭୧ ଓ ଅଖିଳ କୁମାର ୫୬ ରନ କରିଥିଲେ । ଜବାବରେ ସୋନପୁର ୪୨.୨ ଓଙରରେ ୨୨୩ ରନରେ ଅଲ୍‌ଆଉଟ୍ ହୋଇପରାସ୍ତ ହୋଇଥିଲା ।

**୭ ରନରେ ଜିତିଲା ଅନୁଗୋଳ :** ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମୁକାବିଲାରେ ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୬ ୱିକେଟ୍‌ରେ ୨୪୩ ରନ କରିଥିଲା । ଦଳ ପକ୍ଷରୁ ମୋକ୍ଷିତ ପାନକଳ (୫୯ ରନ) ଓ ରୋହିତ୍ ପ୍ରଧାନ (୪୨) ଉପଯୋଗୀ ପାଳି ଖେଳିଥିଲେ । ଜବାବରେ ଝାରସୁଗୁଡ଼ା ୪୩.୧ ଓଭରରେ ୨୩୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ବିଜୟୀ ଅନୁଗୋଳର ଆୟୂଷମାନ ମୁଖୀ ୩ ଏବଂ ରୋହିତ୍ ଓ ସୌମ୍ୟ ସିଂ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।



୩୭ତମ ରାଜ୍ୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

# ପୁରୁଷରେ ଗଞ୍ଜାମର ଡବଲ୍ ବିଜୟ

କେନ୍ଦୁଝର, ୮ ।୬ (ସମିସ): କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନସିପର ଶନିବାର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଛି । ଗତକାଲି ପ୍ରବଳ ବର୍ଷା ଫଳରେ ରାତି ୮.୩୦ରେ ମ୍ୟାଚ ଆରମ୍ଭ ହୋଇଥିଲା । ପ୍ରଥମ ଉଦ୍‌ଘାଟନୀ ମ୍ୟାଚରେ କେନ୍ଦୁଝର ୨୩-୧୨ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରିଛି । ସେହିପରି ଶୁକ୍ରବାରର ଅସମାପ୍ତ ଥିବା ମ୍ୟାଚଗୁଡିକ ଖେଳାଯାଇଥିଲା । ଏଥିରେ ଗଞ୍ଜାମ ୨୩-୨ ଗୋଲରେ ଭଦ୍ରକକୁ, ପୁରୀ ୨୦-୧୮ରେ ଜଗତସିଂପୁରକୁ, ଯାଜପୁର ୨୦-୬ରେ ଖୋର୍ଦ୍ଧାକୁ, ନୟାଗଡ଼ ୧୦-୪ରେ ଢେଙ୍କାନାଳକୁ, ବଲାଙ୍ଗିର ୮-୭ରେ ଦେବଗଡ଼କୁ, ଭୁବନେଶ୍ୱର ୧୭- ୬ରେ ବୌଦ୍ଧକୁ, ଭଦ୍ରକ ୬-୦ରେ ନୟାଗଡ଼କୁ, ଗଞ୍ଜାମ ୧୫-୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧୭-୧୭ ଗୋଲରେ ଡ୍ର ରହିଥିଲା । ସେହିପରି ମହିଳା ବର୍ଗରେ ଯାଜପୁର ୮-୦ ଗୋଲରେ ଭଦ୍ରକକୁ, କେନ୍ଦୁଝର ୧୩- ୪ରେ ପୁରୀକୁ, ଜଗତସିଂପୁର ୯- ୫ରେ କଟକକୁ, ଦେବଗଡ଼ ୪-୦ରେ ଭଦ୍ରକକୁ, ଯାଜପୁର ୭-୨ରେ ଦେବଗଡ଼କୁ ଓ କେନ୍ଦୁଝର ୧୮ - ୬ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି । ମ୍ୟାଚକୁ ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ରାହିଲ ଖାନ, ରଶ୍ମିରଞ୍ଜନ ଓଝା, ମନୋଜ ସାହୁ, ମନୋଜ ଜେନା, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରମୋଦ ପଟ୍ଟନାୟକ, ଆକାଶ ପଟ୍ଟନାୟକ ପରିଚାଳନା କରିଥିଲେ ।

# ୧୦ରୁ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଗ୍ରାସରୁଟ୍ ଲିଗ୍

ଭୁବନେଶ୍ୱର, ୮ ।୬ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍ ଚାମ୍ପିଅନସିପର ଚତୁର୍ଥ ସଂସ୍କରଣ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି । ଓଡ଼ିଶାର ତୃଣମୂଳସ୍ତରର କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟରେ ରଖି ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଫେଜ ଜୁନ୍ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡର ନୂଆଗାଁ ଏଚଟିସି, ଓ ଯାଜପୁରର ଏଚଟିସିଠାରେ ଅନୁଷ୍ଠିତ ହେବ ।

ଏହି ପ୍ରତିଯୋଗିତା ବିଭିନ୍ନ ହକି ପ୍ରଶିକ୍ଷଣ କେନ୍ଦ୍ର (ଏଚଟିସି) ଏବଂ ଗ୍ରାସ୍ ପିଚ୍ ସେଣ୍ଟରର ଖେଳାଳିମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ । ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ପର୍ଯ୍ୟାୟ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ । ଯେଉଁଥିରେ କଟକ ଓ ଭୁବନେଶ୍ୱର ଭଳି ସହରାଞ୍ଚଳର କେନ୍ଦ୍ର ସମେତ ମୋଟ ୩୨ଟି କେନ୍ଦ୍ରର ବାଳକ ଓ ବାଳିକା ଦଳ ଭାଗନେବେ । ସେଥିମଧ୍ୟରୁ ୧୬ଟି ଦଳ (୮ଟି ବାଳକ ଓ ୮ଟି ବାଳିକା) ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବେ ।

କଳାହାଣ୍ଡି କପ୍ ସୁପର୍ ଲିଗ୍

# ଗିରିଜା, ଶାନ୍ତନୁଙ୍କ ଶତକ; ସୁମନଙ୍କୁ ୫ ୱିକେଟ୍

ଭୁବନେଶ୍ୱର, ୮ ।୬ (ସମିସ)







ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଶନିବାରଠାରୁ କଳାହାଣ୍ଡି କପ୍ ସୁପର୍ ଲିଗ୍‌ର ୪ଟି ଦୁଇଦିବସୀୟ ମ୍ୟାଚ୍ ଆରମ୍ଭ ହୋଇଛି । ଏଥିରେ ପୂର୍ବତଟ ରେଳବାଇର ଗିରିଜା ରାଉତ ଓ ଭୁବନେଶ୍ୱର-ଏ'ର ଶାନ୍ତନୁ ମିଶ୍ର ଶତକୀୟ ପାଳି ଖେଳିଛନ୍ତି । ସେହିଭଳି ଭୁବନେଶ୍ୱର-ଏ'ର ସୁମନ ଦାସ ୫ ୱିକେଟ୍ ସଫଳତା ପାଇବା ଦିବସର ଅନ୍ୟତମ ଉଲ୍ଲେଖନୀୟ ସଫଳତା ଥିଲା ।

ବାରବାଟୀ ଷ୍ଟାଡିୟମରେ ନୟାଗଡ଼ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ପୂର୍ବତଟ ରେଳବାଇ ଗିରିଜାଙ୍କ ୧୩୪ ରନ ସତ୍ତ୍ୱେ ୭୦.୫ ଓଭରରେ ୨୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ନୟାଗଡ଼ର ଆଶୁତୋଷ ଦାସ ୪ ୱିକେଟ୍ ନେଇଥିଲେ । ଜବାବରେ ନୟାଗଡ଼ ପ୍ରଥମ ପାଳି ଆରମ୍ଭ କରି ଷ୍ଟମ୍ପ ଅପସାରଣ ସୁଦ୍ଧା ୨୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୯ ରନ କରିଛି । ସେହିଭଳି ସନସାଇନ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ସି ଦଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କଟକ-ଏ ୧୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି । ଦଳ ପକ୍ଷରୁ ସୌଭାଗ୍ୟ ମିଶ୍ର ୫୨ ଓ ଶୁଭମ ନାୟକ ୪୯ ରନ କରିଥିଲେ । ବୋଲିଂରେ ଓଡ଼ିଶା-ସି'ର ଦେବବ୍ରତ ପ୍ରଧାନ ଓ ମିଳନ ସାମଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ଅବଶିଷ୍ଟ ଓଡ଼ିଶା-ସି ଖେଳ ଶେଷ ସୁଦ୍ଧା ୩୨ ଓଭରରେ ୨ ୱିକେଟ୍ ହରାଇ ୧୨୧ ରନ କରିଛି । ଆର୍ଶଦ କିଶୋର ଅପରାଜିତ ୭୨ ରନ କରିଥିବାବେଳେ ଦଳ ଆହୁରି ୫୩ ରନ ପଛରେ ରହିଛି । ରେଭେନଶା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ'ର ସୁମନ ଦାସ ୫ ୱିକେଟ୍ ନେବା ଫଳରେ ପ୍ରତିପକ୍ଷ ଭଦ୍ରକ ପ୍ରଥମ ପାଳିରେ ମାତ୍ର ୭୧ ରନରେ ସୀମିତ ରହିଛି । ଏହାପରେ ଶାନ୍ତନୁଙ୍କ ୧୦୪ ରନ ସହାୟତାରେ ଭୁବନେଶ୍ୱର-ଏ ୬ ୱିକେଟ୍‌ରେ ୨୭୭ ରନ କରିଛି । ସନ୍ଦୀପ ପଟ୍ଟନାୟକ (୯୩ ରନ) ମଧ୍ୟ ଅଳ୍ପକେ ଶତକରୁ ବଞ୍ଚିତ ରହିଥିଲେ । ବାଲେଶ୍ୱର ଓ ଅବଶିଷ୍ଟ ଓଡ଼ିଶା-ଡି ମଧ୍ୟରେ ଅନ୍ୟ ଏକ ସୁପର୍ ଲିଗ୍ ମ୍ୟାଚ୍ ଖେଳ ଚାଲୁରହିଛି । ଏଥିରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ଗୁରଦୀପନ ଜେନାଙ୍କ ୭୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୧୮୬ ରନରେ ସୀମିତ ରହିଥିଲା । ପ୍ରତିପକ୍ଷ ବୋଲର ସେଖ୍ ଆଝାରୁଦ୍ଦିନ ୪ ଓ ପପୁ ରାୟ ୩ଟି ୱିକେଟ୍ ପାଇଥିଲେ । ଏହାପରେ ପାଳି ଆରମ୍ଭ କରିଥିବା ଓଡ଼ିଶା-ଡି ଦିବସର ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୪୬ ରନ କରିଛି ।

# ଟି-୨୦ ବିଶ୍ୱକପ୍ ଇତିହାସର ୫ ସର୍ବବୃହତ୍ ବିପର୍ଯ୍ୟୟ

**ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଆରମ୍ଭରୁ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଗୁରୁବାର ରାତିରେ ଗ୍ରୁପ୍ ଏ'ର ଏକ ମ୍ୟାଚ୍‌ରେ ଆସୋସିଏସଟ ଦେଶ ତଥା ଆୟୋଜକ ଆମେରିକା ଟେଷ୍ଟ ଖେଳୁଥିବା ପୂର୍ବତନ ଚାମ୍ପିଅନ ପାକିସ୍ତାନକୁ ସୁପର ଓଭରରେ ପରାସ୍ତ କରି ହଇଚଇ ସୃଷ୍ଟି କରିଛି । ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ଅନ୍ୟତମ ଶ୍ରେଷ୍ଠ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି । ତେବେ ବିଶ୍ୱକପ୍‌ରେ ଏଭଳି ବିପର୍ଯ୍ୟୟ ଆଦୌ ନୂଆ ନୁହଁ । ବିଶ୍ୱକପ୍ ଇତିହାସରେ ପୂର୍ବରୁ ଘଟିଥିବା ଏହି ଭଳି ସର୍ବବୃହତ୍ ୫ଟି ବିପର୍ଯ୍ୟୟକୁ ନେଇ ଆଲୋଚନା କରିବା ।**

### ୧. ପାକିସ୍ତାନକୁ ହରାଇଲା ଆମେରିକା (୨୦୨୪)

ଆୟୋଜକ ଭାବେ ପଦାର୍ପଣ କରିଥିବା ଆମେରିକା ପୂର୍ବରୁ ପାକିସ୍ତାନକୁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭେଟି ନଥିଲେ ମଧ୍ୟ ଗୁରୁବାର ପାକିସ୍ତାନକୁ ପରାସ୍ତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୭ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା । ଜବାବରେ ଆମେରିକା ୩ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରି ମ୍ୟାଚ୍ ଟାଇ ରଖିଥିଲା । ସୁପର ଓଭରରେ ପାକିସ୍ତାନ ପରାସ୍ତ ହୋଇଥିଲା । ଏଥିସହ ଆମେରିକା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ପୂର୍ଣ୍ଣ ସଦସ୍ୟତା ପାଇଥିବା ଦେଶଗୁଡିକ ସହ ୪ଥର ଭେଟିଛି । ଆମେରିକା ଜିମ୍ବାୱେକୁ ପୂର୍ବରୁ ୩ଥର ଭେଟି ସବୁଥର ପରାସ୍ତ ହୋଇଥିଲା । ଆମେରିକା ଏବେ ଆଇସିସି ମାନ୍ୟତାର ଦ୍ୱାଦଶ ସ୍ଥାନରେ ରହିଛି । ଅନ୍ୟପଟେ ପାକିସ୍ତାନ ଷଷ୍ଠ ସ୍ଥାନରେ ରହିଛି । ପାକିସ୍ତାନ ୨୦୦୯ରେ ଟାଇଟଲ ହାସଲ କରିଥିଲା ଓ ଗତ ୨୦୨୨ ସଂସ୍କରଣରେ ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହୋଇ ରନର୍ସଅପ୍ ବିବେଚିତ ହୋଇଥିଲା ।

### ୨.ଅଷ୍ଟ୍ରେଲିଆ ୫ ୱିକେଟ ଜିମ୍ବାୱେଠାରୁ ପରାସ୍ତ (୨୦୦୭)

ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୨୦୦୭ରେ ଖେଳାଯାଇଥିଲା ଓ ଏଥିରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଭାରତ ଚାମ୍ପିଅନ ହୋଇଥିଲା । ଏହି ବିଶ୍ୱକପ୍‌ରେ ମଧ୍ୟ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ଗ୍ରୁପ୍ ବି'ର ଚତୁର୍ଥ ମ୍ୟାଚରେ ଜିମ୍ବାୱେ ଗୋଟିଏ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ୫ ୱିକେଟରେ ହରାଇଥିଲା । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା । ବ୍ରାଡ ହଗ୍ ସର୍ବାଧିକ ୩୫ ରନକରି ଅପରାଜିତ ରହିଥିଲେ । ଜିମ୍ବାୱେର ଏଲଟନ ଚିଗୁମ୍ବୁରା ସର୍ବାଧିକ ୩, ଗ୍ୟାରୀ ବ୍ରେଣ୍ଟ ୨ ୱିକେଟ ନେଇଥିଲେ । ଜବାବରେ ଜିମ୍ବାୱେ ୧୯.୫ ଓଭରରେ ୫ ୱିକେଟ ହରାଇ ୧୩୯ ରନକରି ବାଜି ମାରିଥିଲା । ବ୍ରେଣ୍ଡନ ଟେଲର ସର୍ବାଧିକ ଅପରାଜିତ ୬୦ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଅଷ୍ଟ୍ରେଲିଆର ଷ୍ଟୁଆର୍ଟ କ୍ଲାର୍କ ୨ ୱିକେଟ ନେଇଥିଲେ ।

### ୩. ନେଦରଲାଣ୍ଡସଠାରୁ ୪ ୱିକେଟରେ ହାରିଥିଲା ଇଂଲଣ୍ଡ (୨୦୦୯)

୨୦୦୯ରେ ଇଂଲଣ୍ଡରେ ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ନେଦରଲାଣ୍ଡ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଶେଷ ବଲ୍‌ରେ ଇଂଲଣ୍ଡକୁ ୪ ୱିକେଟରେ ପରାସ୍ତ କରି ଏକ ବଡ଼ ବିପର୍ଯ୍ୟୟ ଘଟାଇବା ସହ ଚର୍ଚ୍ଚା ସୃଷ୍ଟି କରିଥିଲା । ଟସ୍ ହାରି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ଲୁକ୍ ରାଇଟ୍ ସର୍ବାଧିକ ୭୧ ରନ ସଂଗ୍ରହ କରିଥିଲେ । ଜବାବରେ ନେଦରଲାଣ୍ଡସ ୬ ୱିକେଟ ହରାଇ ଶେଷ ବଲରେ ହିଁ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା । ନେଦରଲାଣ୍ଡସ ତରଫରୁ ଟମ୍ ଡି ଗ୍ରୁଥ୍ ସର୍ବାଧି ୪୯, ପିଟର ବୋରେନ୍ ୩୦ ଓ ରିଆନ ଟେନ୍ ଡୋଶଚେଟ୍ ଅପରାଜିତ ୨୨ ରନକରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଇଂଲଣ୍ଡ ତରଫରୁ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ସର୍ବାଧିକ ୩ ୱିକେଟ ନେଇଥିଲେ । ଟମ୍ ଡି ଗ୍ରୁଥ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

### ୪. ପାକିସ୍ତାନକୁ ୧ ରନରେ ହରାଇଥିଲା ଜିମ୍ବାୱେ (୨୦୨୨)

ଟି-୨୦ ବିଶ୍ୱକପ୍ ଗତ ସଂସ୍କରଣ ଅର୍ଥାତ ୨୦୨୨ରେ ଜିମ୍ବାୱେ ଗ୍ରୁପ୍-୨ରେ ପାକିସ୍ତାନକୁ ୧ ରନରେ ପରାସ୍ତ କରି ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଟସ୍ ଜିତି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ସିନ ୱିଲିୟମ୍ସ ସର୍ବାଧିକ ୩୧ ରନ ସଂଗ୍ରହ କରିଥିଲେ ଓ ପାକିସ୍ତାନର ମହମ୍ମଦ ୱାସିମ ସର୍ବାଧିକ ୪, ସଦାବ ଖାନ୍ ୩ ୱିକେଟ ନେଇଥିଲେ । ଜବାବରେ ପାକିସ୍ତାନ ୮ ୱିକେଟ ହରାଇ ୧୨୯ ରନରେ ସୀମିତ ରହି ବିଜୟଠାରୁ ୨ ରନ ଦୂରରେ ରହିଯାଇଥିଲା । ସାନ ମାସୁଦ ସର୍ବାଧବକ ୪୪ ରନ ସଂଗ୍ରହ କରିଥିଲେ । ମୂଲ୍ୟବାନ ୩ ୱିକେଟ ନେଇ ଜିମ୍ବାୱେ ବୋଲର ସିକନ୍ଦର ରାଜା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

### ୫. ୱେଷ୍ଟଇଣ୍ଡିଜକୁ ୬ ରନରେ ହରାଇଥିଲା ଆଫଗାନିସ୍ତାନ(୨୦୧୬)

ଭାରତରେ ଅନୁଷ୍ଠିତ ୨୦୧୬ ବିଶ୍ୱକପ୍‌ରେ ନବାଗତ ଆଫଗାନିସ୍ତାନ ୬ ରନରେ ଡ୍ୱେନ ବ୍ରାଭୋ, ଡାରେନ ସାମି ଓ ଆନ୍ଦ୍ରେ ରସେଲଙ୍କ ଭଳି ଖେଳାଳିଙ୍କୁ ନେଇ ଗଠିତ ୱେଷ୍ଟଇଣ୍ଡିଜକୁ ହରାଇ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଟସ ହାରି ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୭ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ନାଜିବୁଲ୍ଲା ଜଡ୍ରାନ ସର୍ବାଧିକ ଅପରାଜିତ ୪୮ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୱେଷ୍ଟଇଣ୍ଡିଜ ସାମୁଏଲ ବଦ୍ରି ୩ ଓ ରସେଲ ୨ ୱିକେଟ ନେଇଥିଲେ । ଜବାବରେ ୱେଷ୍ଟଇଣ୍ଡିଜ ୮ ୱିକେଟ ହରାଇ ୧୧୮ ରନରେ ସୀମିତ ରହି ବିଜୟଠାରୁ ୭ ରନ ଦୂରରେ ରହିଯାଇଥିଲା । ଦଳ ପାଇଁ ବ୍ରାଭୋ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ । ଆଫଗାନିସ୍ତାନ ପାଇଁ ମହମ୍ମଦ ନବୀ ଓ ରସିଦ ଖାନ୍ ୨ଟି ଲେଖାଏ ୱିକେଟ ନେଇଥିଲେ ।

ଟି-୨୦ ବିଶ୍ୱକପ୍‌ରେ ରୋମାଞ୍ଚ ଓ ଅନିଶ୍ଚୟତା

# ଆଜି ଭାରତ-ପାକିସ୍ତାନ ମହାମୁକାବିଲା

ନ୍ୟୁୟର୍କ, ୮।୬(ଏଜେନ୍ସି)

ଫୁଟବଲ ଖେଳରେ ବ୍ରାଜିଲ ଓ ଆର୍ଜେଣ୍ଟିନା ଲଢ଼େଇ ଭଳି କ୍ରିକେଟ ଖେଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସମର୍ଥକଙ୍କ ଲାଗି ସମାନ ସ୍ଥାନ ଗ୍ରହଣ କରିଛି। ଏହା ମଧ୍ୟରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଲୋ ସ୍କୋର, ବିଗ୍ ହିଟରଙ୍କ ଫ୍ଲପ୍ ଶୋ ଓ ଶୀର୍ଷ ଦଳଗୁଡିକର ପରାଜୟ ଏହି ଟୁର୍ଣ୍ଣାମେଣ୍ଟରେ ଭିନ୍ନ ଏକ ରୋମାଞ୍ଚ ଆଣିଛି। କେବଳ ବ୍ୟାଟିଂ ନୁହେଁ ଚତୁର ବୋଲିଂ ଓ ଫିଲ୍ଡିଂ ବଳରେ ଯେ ମ୍ୟାଚ୍ ଜିତିହେବ ତାହା ଚଳିତ ବିଶ୍ୱକପ୍‌ର ପ୍ରଥମ ୧୫ଟି ମ୍ୟାଚ୍‌ରୁ ସ୍ପଷ୍ଟ ପ୍ରମାଣିତ ହୋଇଯାଇଛି। ଏହି ପରିବେଶ ମଧ୍ୟରେ ନ୍ୟୁୟର୍କର ସହରତଳିରେ ଥିବା ନାସାଉ କାଉଣ୍ଟିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ସି’ ମୁକାବିଲା ଆସନ୍ତାକାଲି ବା ରବିବାର ଅନୁଷ୍ଠିତ ହେବ। ଏହି ମୁକାବିଲାକୁ ସମସ୍ତ କ୍ରିକେଟ ଯୁଦ୍ଧର ଜନନୀ ବୋଲି ଅବିହିତ କରାଯାଉଛି। ମୁକାବିଲା ପୂର୍ବରୁ ଅଭ୍ୟାସ ଓ ଫର୍ମରେ ଭାରତ ଦୃଢ଼ ଆତ୍ମବିଶ୍ୱାସୀ ରହିଛି। ଦଳ ଏହି ପଡ଼ିଆରେ ଆୟର୍ଲାଣ୍ଡକୁ ୮ ୱିକେଟରେ ହରାଇ ପିଚ୍ ଓ ପରିବେଶ ସମ୍ପର୍କରେ ବେଶ ଅଭିଜ୍ଞତା ହାସଲ କରିଛି। ଅନ୍ୟପକ୍ଷରେ ଆୟୋଜକ ଆମେରିକା ନିକଟରୁ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇ ପାକିସ୍ତାନ ଚାପରେ ରହିଛି। ଏଠିକାର ପିଚ୍ ସମ୍ପର୍କରେ ମଧ୍ୟ ପାକିସ୍ତାନର ଅଭିଜ୍ଞତା ନାହିଁ। ଏହା ସତ୍ତ୍ୱେ ପାକିସ୍ତାନ ଖେଳ ସମ୍ପର୍କରେ ଭବିଷ୍ୟବାଣୀ କରିବା ସମ୍ଭବ ନୁହେଁ। ଏହି ଦଳ କେତେବେଳେ କିପରି ଖେଳିବ ତାହା ଉପରେ କେହି ଗ୍ୟାରେଣ୍ଟି ଦେଇ ପାରିବନାହିଁ। ଗୋଟିଏ ପଟେ ଆତ୍ମବିଶ୍ୱାସୀ ଭାରତ ଓ ଅନ୍ୟପରେ ଚାପରେ ଥିବା ଅପ୍ରତ୍ୟାଶିତ ପ୍ରଦର୍ଶନକାରୀ ପାକିସ୍ତାନ ମଧ୍ୟରେ ଏହି ମୁକାବିଲା ଯେ ବେଶ ରୋମାଞ୍ଚକ ହେବ ଏହା ଆଶା କରାଯାଇପାରେ।



ଭେନ୍ୟୁ : ନାସାଉ କାଉଣ୍ଟି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର

**ଟି-୨୦ ବିଶ୍ୱକପ୍‌ରେ ଭାରତ-୭, ପାକିସ୍ତାନ-୧**

| ବର୍ଷ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୨୨ | ମେଲବୋର୍ଣ୍ଣ | ଭାରତ ୪ ୱିକେଟରେ ବିଜୟୀ |
| ୨୦୨୧ | ଦୁବାଇ | ପାକିସ୍ତାନ ୧୦ ୱିକେଟରେ ବିଜୟୀ |
| ୨୦୧୬ | କୋଲକାତା | ଭାରତ ୬ ୱିକେଟରେ ବିଜୟୀ |
| ୨୦୧୪ | ଢ଼ାକା | ଭାରତ ୭ ୱିକେଟରେ ବିଜୟୀ |
| ୨୦୧୨ | କଲମ୍ବୋ | ଭାରତ ୮ ୱିକେଟରେ ବିଜୟୀ |
| ୨୦୦୭ | ଜୋହାନ୍ସବର୍ଗ | ଭାରତ ୫ ରନ୍‌ରେ ବିଜୟୀ |
| ୨୦୦୭ | ଡର୍ବାନ | ଭାରତ ବୋଲଆଉଟରେ ବିଜୟୀ |

## ଟିମ୍ କମ୍ବିନେସନ ଓ ରଣନୀତି

ଚଳିତ ବିଶ୍ୱକପ୍ ଆୟୋଜନ କରୁଥିବା ଉଭୟ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ର ପିଚ୍‌ରେ ବଲ ସ୍ଲୋ ଓ ଲୋ ରହୁଛି। ପିଚ୍‌ରେ କେତେବେଳେ ସୁଇଂ ହେଉଛି ତ ଆଉ କେତେବେଳେ ଅସ୍ୱାଭାବିକ ବାଉନ୍ସ। କେଉଁଠି ପେସ୍ ବୋଲରଙ୍କୁ ଅଧିକ ୱିକେଟ ମିଳୁଛି ତ ଆଉ କେଉଁଠି କ୍ୱାଲିଟି ସ୍ପିନରଙ୍କ ଦବ୍‌ଦବା ରହୁଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ର ପିଚ୍ ଏଯାଏ ଅସ୍ୱାଭିକ ରହିଛି। ଏଠାରେ ଭାରତ ଖେଳିଥିବା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ୪ଜଣ ପେସ୍ ବୋଲରଙ୍କୁ ଖେଳାଇଥିଲା। ଦଳର ବ୍ୟାଟିଂକୁ ଅଧିକ ଗୁରୁତ୍ୱ ଦେଇ ଶିବମ ଦୁବେ ଓ ଅକ୍ଷର ପଟେଲଙ୍କୁ ନେଇଥିଲା। ପାକିସ୍ତାନ ବିପକ୍ଷରେ ଏକମାତ୍ର ପରିବର୍ତ୍ତନ ଆଶା ରହୁଛି ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ସାମିଲ କରିବା। ନଚେତ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ଖେଳିଥିବା ଭାରତୀୟ ଦଳରେ ଆଉ କୌଣସି ପରିବର୍ତ୍ତନ ହେବାର ଆଶା କମ୍। ପୂର୍ବପରି ରୋହିତ ଶର୍ମା ଓ ବିରାଟ କୋହଲି ପାଳି ଆରମ୍ଭ କରିବେ ଓ ଋଷଭ ପନ୍ତ ନଂ-୩ରେ ବ୍ୟାଟିଂ କରିବେ। ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଭାରତୀୟ ପେସ୍ ବୋଲିଂ ନିର୍ଭର କରିବ।

**ପାକିସ୍ତାନ:** ସେହିପରି ଆମେରିକା ନିକଟରୁ ପରାଜୟ ଲାଗି ଅଧିନାୟକ ବାବର ଆଜମ ବୋଲରମାନଙ୍କୁ ଦାୟୀ କରିଥିଲେ। ପ୍ରକୃତରେ ଏହି ମ୍ୟାଚ୍‌ରେ ପାକିସ୍ତାନର ଖେଳାଳି ଭଳି କେହି ଖେଳି ନଥିଲେ। ବ୍ୟାଟର ହୁଅନ୍ତୁ କି ବୋଲର ସମସ୍ତଙ୍କ ନିକଟରୁ ଆଦୌ ଭଲ ଖେଳ ଦେଖିବାକୁ ମିଳି ନଥିଲା। ଯାହା ଫଳରେ ଦଳ ଏହି ମ୍ୟାଚ୍‌ରେ ସୁପର ଓଭରକୁ ଯାଇ ମଧ୍ୟ ହାରିଯାଇଥିଲା। ଏହାର ଅର୍ଥ ନୁହେଁ ଯେ ଭାରତ ବିପକ୍ଷରେ ଦଳ ସେହିପରି ଖେଳିବ। ଗୋଟିଏ କଥା ସତ ଯେ ଆମେରିକାକୁ ପାକିସ୍ତାନ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଯାହା ଫଳରେ ଦଳକୁ ଅପ୍ରତ୍ୟାଶିତ ପରାଜୟ ବରଣ କରିବାକୁ ପଡ଼ିଥିଲା। ଦଳ ପକ୍ଷରୁ କେବଳ ସଦାବ ଖାନ ଓ ଅଧିନାୟକ ବାବର ଆଜମ ଭଲ ଖେଳିଥିଲେ। ବାବର ୪୪ ବଲ୍‌ରେ ୪୩ ରନ୍ କରିବା ଆଦୌ ଗ୍ରହଣୀୟ ହୋଇ ପାରି ନ ଥିଲା। ଭାରତ ହେଉ ବା ପାକିସ୍ତାନ ବ୍ୟାଟର ମାନେ ହିଟର ଭାବେ ଜଣାଶୁଣା। ଏମାନେ କେହି ସଫଳ ହୋଇ ନ ଥିଲେ କିମ୍ବା ଦଳର ପ୍ରତିଷ୍ଠିତ ଫାଷ୍ଟ ବୋଲରମାନେ ଫେଲ ମାରିଥିଲେ। ଆମେରିକାଠାରୁ ମ୍ୟାଚ୍ ହାରିବା ପରେ ପାକିସ୍ତାନ ଦଳ ଡଲାସରୁ ଆସି ନାସାଉ କାଉଣ୍ଟିରେ ରହିଥିଲା। ପରଦିନ ବିଶ୍ରାମ ନେଇଥିବାରୁ କେବଳ ଶନିବାର ପିଚ୍ ଓ ପରିବେଶ ସମ୍ପର୍କରେ ଜାଣିବାକୁ ପାଇଛି। ନାସାଉରେ ଏବେ ଥଣ୍ଡା ପାଗ ରହିଛି ଓ ବର୍ଷା ମଧ୍ୟ ହେଉଛି। ଏଭଳି ସ୍ଥିତିରେ ପାକିସ୍ତାନ ପେସ୍ ବୋଲରଙ୍କୁ ମୁକାବିଲା କରିବା ଭାରତ ପକ୍ଷେ ନିଶ୍ଚିତ କଷ୍ଟକର ହେବ।

**ଖେଳାଳି ଦଳ**

**ଭାରତ:** ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଋଷଭ ପନ୍ତ, ସୂର୍ଯ୍ୟକୁମାର ଯାଦବ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜଡେଜା, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ। -ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ।

**ପାକିସ୍ତାନ:** ବାବର ଆଜମ (ଅଧିନାୟକ), ମହମ୍ମଦ୍ ରିଜ୍‌ୱାନ, ଫକର ଜମାନ, ଆଜମ ଖାନ୍, ଉସ୍‌ମାନ ଖାନ୍, ଇଫତିକର ଅହମ୍ମଦ୍, ସାହୀନ ଆଫ୍ରିଦୀ, ମହମ୍ମଦ୍ ଆମୀର, ନସୀମ ଖାନ୍, ହାରିସ ରୌଫ୍। -ଉସମାନ ଖାନ୍, ଆବ୍ରାର ଅହମ୍ମଦ୍, ଇମାଦ ୱାସିମ, ମହମ୍ମଦ୍ ଆବାସ ଆଫ୍ରିଦୀ, ସାଇମ୍ ଆୟୁବ।

## ନଜରରେ ନାସାଉ କାଉଣ୍ଟି ପିଚ୍

**ନ୍ୟୁୟର୍କ, ୮।୬(ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ବିଶ୍ୱକପ୍ ମୁକାବିଲା ହେବ। ଏହି ଷ୍ଟାଡିୟମ୍‌ରେ ଡ୍ରପ୍ ଇନ୍ ପିଚ୍ ବ୍ୟବହାର କରାଯାଉଛି। ଅଷ୍ଟ୍ରେଲିଆର ଆଡିଲେଡଠାରେ ଏହି ପିଚ୍ ତିଆରି ହେବା ପରେ ଏହାକୁ ଫ୍ଲୋରିଡ଼ାରେ ଆଣି ରଖାଯାଇଥିଲା। ଫ୍ଲୋରିଡ଼ାରେ ରଖାଯିବାର କାରଣ ହେଲା, ପିଚ୍ ଆମେରିକାରରେ ପହଞ୍ଚିବା ବେଳକୁ ନ୍ୟୁୟର୍କରେ ପ୍ରବଳ ଥଣ୍ଡା, ବର୍ଷା ହେବା ସାଙ୍ଗକୁ ବରଫ ପଡୁଥିଲା। ଏଥିଲାଗି ପିଚ୍‌କୁ ଶୁଖାଇବା ଲାଗି ଫ୍ଲୋରିଡ଼ାରେ ରଖାଯାଇଥିଲା। କିନ୍ତୁ ନ୍ୟୁୟର୍କ ଯିବା ପୂର୍ବରୁ ଏହା ପୁରା ଶୁଖି ନ ଥିଲା। ଯାହା ଫଳରେ ପିଚ୍‌ଟି ଠିକ୍ ପ୍ରଦର୍ଶନ କରି ନ ଥିଲା।

ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ୯ଟି ମ୍ୟାଚ୍ ଖେଳାଯିବ। ଏଥିଲାଗି ୬ଟି ପିଚ୍ ତିଆରି କରାଯାଇଛି। ଏଠାରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ସହ ଖେଳିବା ପୂର୍ବରୁ କୌଣସି ଅଭ୍ୟାସ ମ୍ୟାଚ୍ ଖେଳାଯାଇ ନ ଥିଲା। ଯାହା ଫଳରେ ପିଚ୍ କିପରି ବ୍ୟବହାର କରିବ ତାହାର ସୁରାକ କେହି ପାଇ ନ ଥିଲେ। ଏହା ମଧ୍ୟରେ ଏହି ପିଚରେ ୩ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ କୌଣସି ଦଳ ୧୦୦ ରନ୍ ଟପି ନ ଥିଲେ। ଆୟର୍ଲାଣ୍ଡ ବିପକ୍ଷରେ ଭାରତୀୟ ପେସ୍ ବୋଲରଙ୍କ ପ୍ରଦର୍ଶନ ଅସ୍ୱାଭାବିକ ରହିଥିଲା। ଯାହା ଫଳରେ ପେସ୍ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ଭାରତ ମଧ୍ୟ ଆୟର୍ଲାଣ୍ଡ ବୋଲରଙ୍କୁ ମୁକାବିଲା କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରୋହିତ ଶର୍ମାଙ୍କ ଦେହ ଓ ମୁଣ୍ଡରେ ବଲ ବାଜିବା ପରେ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଏହା ପରେ ଋଷଭ ପନ୍ତଙ୍କ ଦେହରେ ଦୁଇଥର ବଲ ବାଜିବାରୁ ତାଙ୍କୁ ପଡ଼ିଆରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କା ମାତ୍ର ୭୭ରେ ଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତିଲା ବେଳକୁ ଦଳ ୪ ୱିକେଟ ହରାଇଥିଲା।

ଏପରି ଅସ୍ୱାଭାବିକ ପ୍ରଦର୍ଶନ ପରେ ଆଇସିସି ଏହି ପିଚ୍‌ର ମରାମତି କରିଛି ବୋଲି କହିଥିଲା। କିନ୍ତୁ ତାହା କାନାଡା-ଆୟର୍ଲାଣ୍ଡ ମ୍ୟାଚ୍‌ରେ ପ୍ରତିଫଳିତ ହୋଇ ନ ଥିଲା। ସେ ଯାହା ହେଉ ଏହି ମ୍ୟାଚ୍ ଯେ ହାଇ ସ୍କୋରିଂ ହେବ ନାହିଁ, ତାହାର ଗ୍ୟାରେଣ୍ଟି ଦିଆଯାଇପାରେ।

## ଷ୍ଟାଡିୟମ୍‌ରେ କଡ଼ା ସୁରକ୍ଷା



ଭାରତ -ପାକିସ୍ତାନ ମ୍ୟାଚ୍‌ରେ ଆତଙ୍କବାଦୀ ଆକ୍ରମଣ କରାଯିବ ବୋଲି ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍ ଧମକ ଦେବା ପରେ ନ୍ୟୁୟର୍କ ଓ ନାସାଉ କାଉଣ୍ଟିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅବଶ୍ୟ ଏହି ଧମକ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ମିଳିଥିଲା। ଏହା ପରେ ନାସାଉ କାଉଣ୍ଟି ପୁଲିସ୍ ଆମେରିକାର ପ୍ରସିଦ୍ଧ ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ, ହୋମ୍‌ଲାଣ୍ଡ ସିକ୍ୟୁରିଟି ଆମେରିକା କଷ୍ଟମ୍ସ ଓ ବର୍ଡର ପ୍ରୋଟେକସନ ଫୋର୍ସଙ୍କ ସହ ନ୍ୟୁୟର୍କ ପୁଲିସ୍ ନିୟନ୍ତ୍ରଣରେ ରହିଛି। ସାଧା ପୋଷାକଧାରୀ ପୁଲିସ୍ ଷ୍ଟାଡିୟମ୍ ଭିତରେ ଓ ବାହାରେ ଜଗି ରହିଛନ୍ତି। ଡ୍ରୋନ ଆକ୍ରମଣ ହେଉ କିମ୍ବା ଯେ କୌଣସି ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଲାଗି ଆମେ ପ୍ରସ୍ତୁତ ଓ ସଜାଗ ରହିଛୁ ବୋଲି ନାସାଉ କାଉଣ୍ଟି ପୁଲିସ୍ କମିଶନର ପ୍ୟାଟ୍ରିକ ରାଇଡର କହିଛନ୍ତି। ଆମେରିକା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଗସ୍ତ ସମୟରେ ଯେପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ଭାରତ-ପାକିସ୍ତାନ କ୍ରିକେଟ ମୁକାବିଲା ଲାଗି ତା’ଠାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ା କଡ଼ି କରାଯାଇଛି ବୋଲି ରାଇଡର କହିଛନ୍ତି। ଏହା ନ୍ୟୁୟର୍କ ରାଜ୍ୟର ସମ୍ମାନ ଓ ଏହାକୁ ରକ୍ଷା କରିବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ବାର୍ଟମାନଙ୍କୁ ୪ ୱିକେଟ, ମିଲରଙ୍କ ଅର୍ଦ୍ଧଶତକ

## ଦ.ଆଫ୍ରିକାର କଷ୍ଟସାଧ୍ୟ ବିଜୟ

**ନାସାଉ, ୮।୬(ଏଜେନ୍ସି):** ଫାଷ୍ଟ ବୋଲର ଓଟ୍‌ନିଲ ବାର୍ଟମାନଙ୍କ ଘାତକ ବୋଲିଂ ଓ ଡେଭିଡ ମିଲରଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ଡି’ ଟି-୨୦ ବିଶ୍ୱକପ୍ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବାର୍ଟମ୍ୟାନ୍ ୧୧ ରନ୍‌ରେ ୪ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡସ ୯ ୱିକେଟରେ ୧୦୩ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସତ୍ତ୍ୱେ ୧୮.୫ ଓଭରରେ ୬ ୱିକେଟ ହରାଇ ୧୦୬ ରନ୍ କରିବା ସହ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ଶକ୍ତିଶାଳୀ ଦଳ ୧୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୩ ରନ୍‌ରେ ୩ ୱିକେଟ ଓ ୧୨ ରନ୍‌ରେ ୪ ୱିକେଟ ହରାଇଥିଲା। ଏହି ସମୟରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ଡେଭିଡ ମିଲର ୫ମ ୱିକେଟରୁ ୬୫ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଦକ୍ଷିଣ ଆଫ୍ରିକା ମ୍ୟାଚ ଜିତିବାକୁ ଅଗ୍ରସର ହେଉଥିଲାବେଳେ ୭୭ ରନ୍‌ର ଦଳୀୟ ସ୍କୋରରେ ୩୩ ରନ କରି ଷ୍ଟବ୍ସ ଓ ୮୮ ରନ୍‌ବେଳେ ମାର୍କୋ ଜାନ୍‌ସେନ ଆଉଟ ହୋଇ ପୁଣିଥରେ ଦଳକୁ ବିପଦ ମୁହଁକୁ ଠେଲିଦେଇଥିଲେ। ଏହା ପରେ ମିଲର ଏକାକୀ ଦଳର ଦାୟିତ୍ୱ ନେଇ ୫୧ ବଲ୍‌ରୁ ୩ ଚୌକା ଓ ୪ ଛକା ସହ ଅପରାଜିତ ୫୯ ରନ୍ କରିବା ସହ ୪ୱିକେଟ ଓ ୭ଟି ବଲ ବାକିଥାଇ ଦଳକୁ ବିଜୟୀ କରାଇଥିଲେ। ପ୍ରତିପକ୍ଷ ଦଳର ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲାବେଳେ ଭିଭିଆନ କିଙ୍ଗ୍‌ମା ଓ ଲୋଗାନ ଭାନ ବିକ୍ ୨ଟି ଲେଖାଏଁ ୱିକେଟ ନେଇ ଦକ୍ଷିଣ ଆଫ୍ରିକାକୁ ଅଡୁଆରେ ପକାଇଥିଲେ। ପୂର୍ବରୁ ନେଦରଲାଣ୍ଡସ ପାଳିରେ ୪ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲାବେଳେ ସିବ୍ରାଣ୍ଡ ଏଞ୍ଜେଲବ୍ରେଚ୍ ସର୍ବାଧିକ ୪୦ ଓ ଲୋଗାନ ଭାନ ବିକ୍ ୨୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବାର୍ଟମ୍ୟାନଙ୍କ ବ୍ୟତୀତ ମାର୍କୋ ଜାନସେନ ଓ ଆନରିଚ୍ ନୋର୍ଜେ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

**ଟି-୨୦ ବିଶ୍ୱକପ୍ ଆଜିର ମ୍ୟାଚ୍**

**ୱେଷ୍ଟଇଣ୍ଡିଜ୍-ଉଗାଣ୍ଡା**
ସ୍ଥାନ- ଗୁଏନା, ସମୟ- ସକାଳ ୬ଟା

**ଭାରତ-ପାକିସ୍ତାନ**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା

**ଓମାନ-ସ୍କଟଲାଣ୍ଡ**
ସ୍ଥାନ- ଆଣ୍ଟିଗୁଆ, ସମୟ- ରାତି ୧୦ଟା

**ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ ସ୍ପୋର୍ଟ୍ସ

## କୋହଲିଙ୍କ ଶତକ, ପାକିସ୍ତାନର ବିଜୟ ଆଶା କରନ୍ତି ପ୍ରଶଂସକ

**ନ୍ୟୁୟର୍କ, ୮।୬(ଏଜେନ୍ସି):** ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ଫ୍ୟାନ୍ ଫଲୋଇଙ୍ଗ ପାକିସ୍ତାନରେ ଜବରଦସ୍ତ ରହିଛି। ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍‌କୁ ନେଇ ଏଠାରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଉଭୟ ଦେଶର ପ୍ରଶଂସକ ଏହି ମ୍ୟାଚ୍‌କୁ ନେଇ ଅତି ଉତ୍ସାହିତ ରହିଛନ୍ତି। ଜଣେ ପାକିସ୍ତାନ ପ୍ରଶଂସକ ଏଭ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଆମେରିକାରେ ଏକ ଫାର୍ମାସିଟିକାଲ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରୁଥିବା ଜଣେ ପାକିସ୍ତାନ ପ୍ରଶଂସକ ତଥା ବଂଶୋଦ୍ଭବ ଡ. ଇବ୍ରାର ନଦୀମ କୋହଲିଙ୍କ ଜଣେ ବଡ଼ ପ୍ରଶଂସକ। କୋହଲି ପାକିସ୍ତାନ ବିପକ୍ଷରେ ଶତକ ହାସଲ କରନ୍ତୁ। କିନ୍ତୁ ପାକିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେଉ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ନ୍ୟୁଜିଲାଣ୍ଡକୁ ପ୍ରଥମଥର ହରାଇଲା ଆଫଗାନିସ୍ତାନ

ଗୁଆନା, ୮।୬(ଏଜେନ୍ସି)

ଚଳିତ ଟି-୨୦ ବିଶ୍ୱକପ୍‌ରେ ଆଉ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ପାକିସ୍ତାନକୁ ଆୟୋଜକ ଆମେରିକା ହରାଇବା ପରେ ଏବେ ନ୍ୟୁଜିଲାଣ୍ଡକୁ ଆଫଗାନିସ୍ତାନ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛି। ଶନିବାର ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ବିଶ୍ୱକପ୍‌ର ୧୪ତମ ମ୍ୟାଚ୍‌ରେ ଆଫଗାନିସ୍ତାନ ଆଶ୍ଚର୍ଯ୍ୟଜନକ ଭାବେ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରିଛି। ଅନ୍ତର୍ଜାତୀୟ କ୍ରିକେଟରେ ଆଫଗାନିସ୍ତାନ ପ୍ରଥମଥର ନ୍ୟୁଜିଲାଣ୍ଡକୁ ହରାଇ ଇତିହାସ ସୃଷ୍ଟି କରିଛି। ମାତ୍ର ୫୬ଟି ବଲର ସମ୍ମୁଖୀନ ହୋଇ ୫ଟି ଲେଖାଏ ଚୌକା ଓ ଛକା ମାରି ଦ୍ରୁତ ୮୦ ରନର ବୃହତ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଆଫଗାନିସ୍ତାନ ଓପନର ରହମାନୁଲ୍ଲା ଗୁରବାଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଗୁରବାଜ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତି ନ୍ୟୁଜିଲାଣ୍ଡ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫.୨ ଓଭରରେ ମାତ୍ର ୭୫ ରନରେ ଅଲଆଉଟ ହୋଇଥିଲା। ଆଫଗାନିସ୍ତାନ ତରଫରୁ ଓପନର ଗୁରୁବାଜ ଓ ଇବ୍ରାହିମ ଜଦ୍ରାନ୍ ପ୍ରଥମ ୱିକେଟରେ ୧୦୩ ରନ ସଂଗ୍ରହ କରି ଜବରଦସ୍ତ ଆରମ୍ଭ କରିଥିଲେ। ଜଦ୍ରାନ ୪୪ ରନକରି ଆଉଟ ହେବା ପରେ ଅଜମାତୁଲ୍ଲା ଓମରଜାଇ ୨୨ ରନକରି ପ୍ୟାଭିଲିୟନ ଫେରିଥିଲେ। ଦୁଇ ବ୍ୟାଟରଙ୍କୁ ମ୍ୟାଟ ହେନେରୀ ଆଉଟ କରିଥିଲେ। ବ୍ୟାଟିଂ କରିବାକୁ ଆସିଥିବା ବାକି ୫ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି





ନଥିଲେ। ବିସ୍ଫୋରକ ୮୦ ରନ ସଂଗ୍ରହ କରି ଗୁରବାଜ ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ବୋଲ୍ଟ ଓ ହେନେରୀ ଦୁଇଟି ଲେଖାଏ, ଲୋକି ଫର୍ଗୁସନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

### ନ୍ୟୁଜିଲାଣ୍ଡ ୭୫ ରନ୍‌ରେ ଅଲଆଉଟ୍

ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡର ପାଳି ତାସ୍‌ଘର ପରି ଭୁସୁଡି ପଡିଥିଲା। ନ୍ୟୁଜିଲାଣ୍ଡ ବ୍ୟାଟରମାନେ ଆଫଗାନିସ୍ତାନ ଦ୍ରୁତ ବୋଲର ଓ ସ୍ପିନରଙ୍କ ସମ୍ମୁଖୀନ ହୋଇପାରି ନଥିଲେ। ଦଳର ୯ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଦୁଇ ବ୍ୟାଟର ଗ୍ଲେନ୍ ଫିଲିପ୍ସ ୧୮ ଓ ମ୍ୟାଟ୍ ହେନେରୀ ୧୨ ରନକରି ଆଉଟ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ଦ୍ରୁତ ବୋଲର ଫଜଲହକ ଫାରୁକି ଓ ଅଭିଜ୍ଞ ସ୍ପିନର ଅଧିନାୟକ ରସିଦ ଖାନ୍ ୪ଟି ଲେଖାଏ, ମହମ୍ମଦ ନବୀ ୨ଟି ୱିକେଟ ଅକ୍ତିଆର କରିଥିଲେ।

## ଭାରତୀୟ ହକି ଦଳର କ୍ରମାଗତ ପରାଜୟ

**ଲଣ୍ଡନ, ୮।୬(ଏଜେନ୍ସି):** ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଶନିବାର ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୪ ଗୋଲରେ ଜର୍ମାନୀଠାରୁ ପରାସ୍ତ ହୋଇ କ୍ରମାଗତ ସପ୍ତମ ପରାଜୟ ବରଣ କରିଛି। ଓଡ଼ିଶା ଷ୍ଟ୍ରାଇକର ସୁନେଲିତା ଟପ୍ପୋ ୯ମ ଓ ଦୀପିକା ୧୫ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଭାରତକୁ ୨-୦ରେ ଅଗ୍ରଣୀ କରାଇଲେ। ଏହାପରେ ଜର୍ମାନୀର ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ଭିକ୍ଟୋରିଆ ହୁସ୍ ୨୩ ଓ ୩୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇଥିଲେ। ୫୧ତମ ମିନିଟ୍‌ରେ କୁର୍ଜ ଷ୍ଟାଇନ୍ ଓ ଶେଷରେ ଜୁଲ ବ୍ଲେଉଏଲ ୫୫ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ।

ଅପରପକ୍ଷରେ ପୁରୁଷ ଦଳ ମଧ୍ୟ ଶନିବାର ଜର୍ମାନୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଭାରତ ପାଇଁ ପେନାଲ୍ଟି କର୍ଣ୍ଣର ଜରିଆରେ ହରମନପ୍ରୀତ ସିଂ ୧୯ ଓ ସୁଖଜିତ୍ ସିଂ ୪୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଜର୍ମାନୀ ତରଫରୁ ୧୦ମ ମିନିଟ୍‌ରେ କ୍ରିଷ୍ଟୋଫର ରୁହର ଫିଲ୍ଡ ଗୋଲ ଦେବା ପରେ ଗୋଞ୍ଜାଲୋ ପେଇଲାଟ୍ ଦ୍ୱିତୀୟ ଓ ୩୩ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଦୁଇଟି ଗୋଲ ଦେଇଥିଲେ।

## ବାଂଲାଦେଶଠୁ ଶ୍ରୀଲଙ୍କାର ପ୍ରଥମ ପରାଜୟ

ଡଲାସ, ୮।୬(ଏଜେନ୍ସି)

ଚଳିତ ବିଶ୍ୱକପ୍‌ରେ ଶନିବାର ଆଉ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାଣ୍ଡ ପ୍ରେଇରି ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱକପ୍‌ର ୧୫ତମ ମୁକାବିଲାରେ ବାଂଲାଦେଶ ଗୋଟିଏ ଓଭର ବାକିଥାଇ ୨ ୱିକେଟରେ ଶ୍ରୀଲଙ୍କାକୁ ହରାଇଛି। ଏଥିସହ ଟି-୨୦ ବିଶ୍ୱକପରେ ବାଂଲାଦେଶ ପ୍ରଥମଥର ପାଇଁ ଶ୍ରୀଲଙ୍କାକୁ ପରାସ୍ତ କରି ଏକ ଐତିହାସିକ ସଫଳତା ଅର୍ଜନ କରିଛି। ଏହାପୂର୍ବରୁ ଦୁଇ ଦେଶ ଦୁଇଥର ପରସ୍ପରକୁ ଭେଟିଥିଲେ ଓ ଶ୍ରୀଲଙ୍କା ସବୁଥିରେ ବିଜୟ ହାସଲ କରିଥିଲା। ମୂଲ୍ୟବାନ ୩ ୱିକେଟ ଅକ୍ତିଆର କରିଥିବା ରିସାଦ ହୋସେନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ନୁୱାନ ତୁଷାରାଙ୍କୁ ୪ ୱିକେଟ

ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ଶ୍ରୀଲଙ୍କା ୯ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯ ଓଭରରେ ୮ ୱିକେଟ ହରାଇ ୧୨୫ ରନକରି ବାଜି ମାରିଛି। ୧୨୫ ରନ ଟାର୍ଗେଟର ପିଛା କରିଥିବା ବାଂଲାଦେଶ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା ଓ ବିଜୟୀ ହେବାକୁ ବେଶ୍ ସଂଘର୍ଷ କରିଥିଲା। ଦଳ ତରଫରୁ ତୋହିଦ ହୃଦୟ ସର୍ବାଧିକ ୪୦, ୱିକେଟରକ୍ଷକ ବ୍ୟାଟର ଲିଟନ ଦାସ ୩୬ ରନକରି ଆଉଟ ହୋଇଥିବା ବେଳେ ମହମୁଦୁଲ୍ଲା ୧୬ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବାକି ୭ ବ୍ୟାଟର ଦୁଇଅଙ୍କ ଛୁଇଁ ନଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ନୁଆନ ତୁଷାରା ସର୍ବାଧିକ ୪, ୱାନିନ୍ଦୁ ହସରଙ୍ଗା ୨, ଧନଞ୍ଜୟ ଡି ସିଲଭା ଓ ମଥିସା ପଥିରାନା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ଓପନର ପଥୁମ ନିଶାଙ୍କା ସର୍ବାଧିକ ୪୭, ଧନଞ୍ଜୟ ଡି ସିଲଭା ୨୧, ଚରିତ ଅସଲଙ୍କା ୧୯, ଆଞ୍ଜେଲୋ ମାଥ୍ୟୁସ ୧୬ ଓ କୁଶଲ ମେଣ୍ଡସ୍ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ରହମାନ ଓ ରିସାଦ ହୋସେନ ୩ଟି ଲେଖାଏ, ତସ୍କିନ ଅହମ୍ମଦ ୨, ତଞ୍ଜିମ ହସନ ସକିବ ଗୋଟିଏ ୱିକେଟ ନେଇଥିଲେ।





PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA